ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୭୧
୨୯ ଅକ୍ଟୋବର, ୨୦୨୫ ବୁଧବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 171
29th October, 2025 Wednesday
Kendrapara

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

### ନୀତି ବାଣୀ

**ସକୃତ୍କନ୍ଦୁକ ପାତେନୋତ୍ ପତତ୍ୟଧଃ ପତନ୍ନପି
ତଥା ତ୍ୱନାର୍ଯ୍ୟଃ ପତତି ମୃତ୍ପିଣ୍ଡପତନଂ ଯଥା ।**

ସାଧୁ ଲୋକର ପତନ ହେଲେ ମଧ୍ୟ ତା'ର ପୁଣି ଅଭ୍ୟୁଦୟ ହୁଏ ଯେପରି କନ୍ଦୁକ ଭୂମିରେ ପତିତ ହେଲେ ଉପରକୁ ଉଠେ, ମାତ୍ର ମାଟିର ପାତ୍ର ଭୂମିରେ ପଡ଼ିଲେ ଭଗ୍ନ ହୁଏ, ସେହିପରି ଅସାଧୁ ଲୋକର ପତନ ହିଁ ତା'ର ବିନାଶର କାରଣ ହୁଏ ।

# ମନ୍ଥା ପ୍ରଭାବରେ ଘର ଭାଙ୍ଗିଲା: ଗଛ ଉପୁଡ଼ିଲା

**ଭୁବନେଶ୍ୱର,୨୮।୧୦
ଏକ୍ସପ୍ରେସ୍ ନ୍ୟୁଜ୍**

ବାତ୍ୟା 'ମନ୍ଥା' ଗୋପାଳପୁରଠାରୁ ୪୮୦ କିମି ଦୂରରେ ରହିଥିବାବେଳେ, ଏହାର ପ୍ରଭାବ ଗଞ୍ଜାମ ଜିଲ୍ଲା ଉପକୂଳରେ ଦେଖିବାକୁ ମିଳୁଛି। ବାତ୍ୟା ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇପଡ଼ିଛି। ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଡ଼ମପେଟା ଗାଁଠାରୁ ୧୦ମିଟର ଦୂରରେ ଥିବା ସମୁଦ୍ର ବର୍ତ୍ତମାନ ଗାଁ ମୁହାଁ ହୋଇ ୩ଟି ଘର ଭାଙ୍ଗିଥିବା ଦେଖିବାକୁ ମିଳିଛି। ଅବଶ୍ୟ ସେଠାରେ ଜନବସତି ନାହିଁ। ଲୋକଙ୍କୁ ଅନ୍ୟ ସ୍ଥାନରେ ଓଡିଆରପି ଗୃହ ପ୍ରଦାନ କରାଯାଇଛି। ସ୍ଥିତି ଉପରେ ନଜର ରଖି ପଦକ୍ଷେପ ଗ୍ରହଣ କରାଯାଉଥିବା କହିଛନ୍ତି ଗଞ୍ଜାମ ଜିଲ୍ଲାପାଳ।

ସେହିପରି ପ୍ରବଳ ବର୍ଷା ଯୋଗୁ ମୋହନା ବ୍ଲକ୍ ଆକିଲି ଗାଁର ବାସୁଦେବ ପରିଛାଙ୍କ ଘର ଭୁଶୁଡ଼ି ପଡିଛି। ସେ ରାତିରେ ଶୋଇଥିବା ବେଳେ ଘରର ଇଟା କାନ୍ଥ ଭୁଶୁଡି ପଡିଥିଲା। ଫଳରେ ସେ ଟିଣ ଛାତ ତଳେ ଚାପି ହୋଇଯାଇଥିଲେ। ବାସୁଦେବ ଆହତ ହୋଇଥିବା ବେଳେ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି। ଘରେ ଥିବା ଧାନ, ଚାଉଳ ଓଦା ହୋଇ ନଷ୍ଟ ହୋଇଯାଇଛି। ଅନ୍ୟପଟେ ପବନରେ ଗାଁର ସୁରଥ ଲିମାଙ୍କ ଟିଣ ଛପର ଉଡିଯାଇଛି।

ବର୍ଷା, ପବନ ଯୋଗୁ ମୋହନାର ବିଭିନ୍ନ ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହୋଇଛି। ମହେନ୍ଦ୍ରଗଡ-ଖମାରସାହି ଓ ରାମଗିରି-ଦବାରସିଂହ ରାସ୍ତା ଅବରୋଧ ହୋଇଛି। ବର୍ଷା ପ୍ରଭାବରେ ଗଜପତି ଜିଲ୍ଲା କାଶୀନଗର ବ୍ଲକ ପାର୍ତ୍ତିଡା ପଞ୍ଚାୟତର ଲିଙ୍ଗା-ବାରଭା ରାସ୍ତାରେ ପାହାଡ ଧସିଛି। ରାସ୍ତାରେ ବଡ଼ବଡ଼ ପଥର ପଡ଼ି ରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

ସେହିପରି ଲଗାଣ ବର୍ଷା ଯୋଗୁ ଜିଲ୍ଲାରେ ଥିବା ଜଳଭଣ୍ଡାରଗୁଡିକ ଫୁଲୁଛି। ଏହାକୁ ଦୃଷ୍ଟିରେ ରଖି ଅଡବା ହରଭଙ୍ଗୀ ଡ୍ୟାମର ୨ଟି ଗେଟ୍ ଖୋଲି ଦିଆଯାଇଛି। ଏହାର ତଳିଆ ଅଞ୍ଚଳରେ ଥିବା ୧୨ଟି ଗାଁର ଲୋକଙ୍କୁ ନଦୀକୁ ନଦୀକୁ ନଯିବାକୁ ପରାମର୍ଶ ଦିଆଯାଇଛି।

ସେପଟେ ଆନ୍ଧ୍ରର ୪୮ଟି ମାଛ ଧରା ଟ୍ରଲର, ଡଙ୍ଗାକୁ ସୁରକ୍ଷିତ ଭାବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇଛି। ସମସ୍ତ ମତ୍ସ୍ୟଜୀବୀଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ସୁଦ୍ଧା ଗଞ୍ଜାମର ପାତ୍ରପୁର ବ୍ଲକରେ ସର୍ବାଧିକ ୧୧୭.୬ ମିମି ବର୍ଷା ହୋଇଥିବାବେଳେ ଜିଲ୍ଲାରେ ହାରାହାରି ୪୪.୬୨ ମିମି ବର୍ଷା ରେକର୍ଡ ହୋଇଛି।

ସେହିପରି ଆସିକା ଜଗଦଳପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀକୁ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି। ୧୧୦ ବାତ୍ୟା ଆଶ୍ରୟ ସ୍ଥଳୀ, ୧୦୨୯ ଟି ରିଲିଫ ସେଣ୍ଟର ଚିହ୍ନିତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୨୪୫୧ ଜଣଙ୍କୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ୬୫୦୦ ଜଣଙ୍କୁ (ଶେଷ ପୃଷ୍ଠା ଦେଖନ୍ତୁ)



## ନଦୀରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ପିଆଜ ଫିଙ୍ଗିଲେ ଚାଷୀ



**ଅଲୱାର,୨୮।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାରେ କାର୍ତ୍ତିକ ଯୋଗୁଁ ବିଭିନ୍ନ ପନିପରିବା ଦର ଚଢା ରହିଛି। ସେହିପରି ବାତ୍ୟା ମନ୍ଥା ଆସିବା ପରେ ଆଳୁ ପିଆଜ ଦର ବି ବଢିଚାଲିଛି। କିନ୍ତୁ ରାଜସ୍ଥାନରେ ପିଆଜ ଦର ଏତେ ଶସ୍ତା ହୋଇଯାଇଛି ଯେ ଚାଷୀମାନେ କ୍ୱିଣ୍ଟାଲ କ୍ୱିଣ୍ଟାଲ ପିଆଜ ଫୋପାଡ଼ି ଦେଉଛନ୍ତି।

ରାଜସ୍ଥାନର ଅଲୱାର ଜିଲ୍ଲାର ରାଜଗଡ଼ ଉପଖଣ୍ଡରୁ ଏକ ଦୁଃଖଦ ଚିତ୍ର ସାମ୍ନାକୁ ଆସିଛି, ଯାହା ଚାଷୀଙ୍କ ଦୁର୍ଦ୍ଦଶାକୁ ପ୍ରକାଶ କରୁଛି। ଚାନ୍ଦପୁରା ଗାଁରେ, ଜଣେ ଚାଷୀ ପିଆଜ ମୂଲ୍ୟ କମ ଏବଂ ପଚିଯିବା ଯୋଗୁଁ ତାଙ୍କର କଠିନ ପରିଶ୍ରମର ଫଳ ନଦୀରେ ଫିଙ୍ଗି ଦେବାକୁ ବାଧ୍ୟ ହୋଇଥିଲେ। ଚାଷୀ ଚାନ୍ଦପୁରା ଏବଂ ପୁଙ୍ଖାର ମଧ୍ୟରେ ନଦୀରେ ପ୍ରାୟ ତିନିରୁ ଚାରି ଟ୍ରଲି ପିଆଜ ଫିଙ୍ଗି ଦେଇଥିଲେ, ଯାହା ଗାଁରେ ଚର୍ଚ୍ଚା ସୃଷ୍ଟି କରିଛି।

ଚାଷୀ ସୁରେଶ ଚାନ୍ଦ ମୀନା କହିଛନ୍ତି ଯେ ଏହି ବର୍ଷ ତାଙ୍କର ପିଆଜ ଅମଳ ବହୁତ ବଢ଼ିଛି, କିନ୍ତୁ ମଣ୍ଡିରେ କୌଣସି (ଶେଷ ପୃଷ୍ଠା ଦେଖନ୍ତୁ)

## ୫ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା

**ଭୁବନେଶ୍ୱର,୨୮।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ବାତ୍ୟା 'ମନ୍ଥା'ର ଅବସ୍ଥିତି ଓ ଏହାର ପ୍ରଭାବ ସଂପର୍କରେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭୀଷଣ ବାତ୍ୟାର ରୂପ ନେଇ ବର୍ତ୍ତମାନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ରହିଛି। ବାତ୍ୟା ମୋନ୍ଥାର ପ୍ରଭାବରେ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ରହିବ ସର୍ବାଧିକ ପବନର ପ୍ରଭାବ ରହିବ। ସାରା ଓଡ଼ିଶାରେ ବର୍ଷା ସହ ଗଂଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି ଏହି ୫ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଗୋଟେ କିମ୍ବା ଦୁଇଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷାକୁ ନେଇ ରେଡ ଆଲର୍ଟ ଜାରି କରାଯାଇଛି। ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାକୁ ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ୧୯ ଜିଲ୍ଲା ଯେପରିକି ନୂଆପଡା ବଲାଙ୍ଗୀର ସୋନପୁର ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ବରଗଡ଼, ଝାରସୁଗୁଡା, ଦେଓଗଡ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ, କଟକ, ଜଗତସିଂପୁର, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଙ୍ଗ ଜାରି ହୋଇଛି। ଏସବୁ ଜିଲ୍ଲାରେ ୬୦ରୁ ୭୦ କିମି ଘଣ୍ଟା ପ୍ରତି ପବନ ଓ ଝଟକା ପବନ ୮୦ କିମି ପ୍ରତି ଘଣ୍ଟାରେ ରହିବ। ଆସନ୍ତାକାଲି ସାରା ଓଡ଼ିଶାରେ ବର୍ଷା ହେବା ସହ ଅତ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନାକୁ ନେଇ ମାଲକାନଗିରି କୋରାପୁଟ ରାୟଗଡା କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାକୁ ରେଡ ଆଲର୍ଟ ଜାରି କରିଛି ବିଭାଗ। ସେହିପରି (ଶେଷ ପୃଷ୍ଠା ଦେଖନ୍ତୁ)

## ଅଷ୍ଟମ ବେତନ କମିଶନକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୨୮।୧୦
ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ୮ମ କେନ୍ଦ୍ରୀୟ ବେତନ କମିଶନର କାର୍ଯ୍ୟ ପରିସର, ଅଧ୍ୟକ୍ଷ ଓ ସଦସ୍ୟଙ୍କ ପାଇଁ ସର୍ତ୍ତାବଳୀକୁ ଅନୁମୋଦନ କରିଛି। କମିଶନଙ୍କ ସୁପାରିଶଗୁଡ଼ିକ ପ୍ରତିରକ୍ଷା ସେବା କର୍ମଚାରୀଙ୍କ ସମେତ ପ୍ରାୟ ୫୦ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଓ ପ୍ରାୟ ୬୯ ଲକ୍ଷ ପେନସନଭୋଗୀଙ୍କୁ ଅନ୍ତର୍ଭୁକ୍ତ କରିବ।

ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନ ଏକ ଅସ୍ଥାୟୀ ସଂସ୍ଥା ହେବ ଏବଂ ଏହାର ପ୍ରତିଷ୍ଠା ତାରିଖରୁ ୧୮ ମାସ ମଧ୍ୟରେ ଏହାର ସୁପାରିଶ ଦାଖଲ କରିବ। ଏହି କମିଶନରେ ଜଣେ ଅଧ୍ୟକ୍ଷ, ଜଣେ ସଦସ୍ୟ (ଆଂଶିକକାଳୀନ) ଓ ଜଣେ ସଦସ୍ୟ-ସଚିବ ରହିବେ। ଆବଶ୍ୟକ ହେଲେ, କମିଶନ ଏହାର ସୁପାରିଶ ଚୂଡ଼ାନ୍ତ ହେବା ପରେ ଯେକୌଣସି ବିଷୟ ଉପରେ ସରକାରଙ୍କୁ ଏକ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ମଧ୍ୟ ପ୍ରଦାନ କରିପାରିବେ। ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ରଞ୍ଜନା ପ୍ରକାଶ ଦେଶାଇଙ୍କୁ ଅଷ୍ଟମ ବେତନ କମିଶନର ଅଧକ୍ଷା ନିଯୁକ୍ତ କରାଯାଇଛି। ଆଇଆଇଏମ୍ ବାଙ୍ଗାଲୋରର ପ୍ରଫେସର (ଶେଷ ପୃଷ୍ଠା ଦେଖନ୍ତୁ)

## ନାବାଳିକା ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ

**କେନ୍ଦ୍ରାପଡ଼ା,୨୮।୧୦
ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ାର ଆଡହକ ଫାଷ୍ଟଟ୍ରାକ ଅତିରିକ୍ତ ସେସନସ କୋର୍ଟ ବିଚାରପତି ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତକୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହିତ ୧୧ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଉଛନ୍ତି ଡେରାବିଶ ଥାନା ଅଞ୍ଚଳର ବାବୁଲି ଓରଫ କୁଳମଣି ସାମଲ। ମାମଲାର ବିବରଣୀ ଅନୁଯାୟୀ ଅଭିଯୁକ୍ତ ଜଣକ ହେଉଛନ୍ତି ନାବାଳିକାଙ୍କ ପଡୋଶୀ। ସେ ନାବାଳିକାଙ୍କ ଘରକୁ ଯିବା ଆସିବା କରିଥାନ୍ତି। ୨୦୨୩ମସିହା ଜୁଲାଇ ୨୩ତାରିଖରେ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ ଯେ ଘରେ କେହିନଥିବାର ସୁଯୋଗ ନେଇ ନାବାଳିକାକୁ ଅଭିଯୁକ୍ତ ଘରୁ ଉଠାଇନେଇଥିଲେ। ସେଠାରୁ କିଛି ଦୂରରେ ଥିବା ସ୍କୁଲ ପଛପଟ ପରିତ୍ୟକ୍ତ ସ୍ଥାନକୁ ନେଇ ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଫଳରେ ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ। ନାବାଳିକାଙ୍କ ମାସିକ ଋତୁସ୍ରାବ ବନ୍ଦ ହେବା କାରଣରୁ ମା'ର ସନ୍ଦେହ ହୋଇଥିଲା। ଏନେଇ ମା'ଝିଅକୁ ଡାକ୍ତରଖାନା ନେଇ ଯାଇଥିଲେ। ସେତେବେଳକୁ ନାବାଳିକା ଜଣଙ୍କ ୫ମାସର ଗର୍ଭବତୀ ଥିବା ଡାକ୍ତର ପରୀକ୍ଷା କରି କହିଥିଲେ। କିନ୍ତୁ ଗର୍ଭ ନଷ୍ଟ କରିବା ଡାକ୍ତରଙ୍କ ପକ୍ଷରେ ସମ୍ଭବ ନଥିଲା। କାରଣ ଗର୍ଭ ନଷ୍ଟ କରିଥିଲେ ନାବାଳିକାଙ୍କ ଜୀବନ ପ୍ରତି ବିପଦ ରହିଥିଲା। ତେଣୁ ପରିବାର ଲୋକେ ଡାକ୍ତରଙ୍କ ପରାମର୍ଶ ମାନି ଗର୍ଭ ନଷ୍ଟ କରିନଥିଲେ। ଏହାର କିଛିମାସ ପରେ ନାବାଳିକା ଜଣଙ୍କ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ଅଭିଯୁକ୍ତ ବିରୋଧରେ ଡେରାବିଶ ଥାନାରେ ନାବାଳିକାଙ୍କ ମା' ଦେଇଥିବା ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି କୁଳମଣିକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲକୁ ପଠାଇ ଦିଆଯାଇଥିଲା। ଡେରାବିଶ ଥାନା ପୋଲିସ ୨୦୨୩ମସିହା ସେପ୍ଟେମ୍ବର ୨୯ ତାରିଖରେ (ଶେଷ ପୃଷ୍ଠା ଦେଖନ୍ତୁ)

## ଆମେ ଯଦି ଡାକ୍ତରଙ୍କ ଯତ୍ନ ନନେବା ସମାଜ ଆମକୁ କ୍ଷମା କରିବନି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୮।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଘରୋଇ କ୍ଲିନିକ୍, ଡିସପେନସାରୀ ଓ ଅଣ-ସୀକୃତିପ୍ରାପ୍ତ ହସ୍ପିଟାଲରେ କୋଭିଡ୍-୧୯ରେ ମୃତ୍ୟୁ ହୋଇଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ବୀମା ପଲିସିରୁ ବାଦ୍ କରାଯିବା ବିରୋଧରେ ଦାଖଲ ଆବେଦନ ଉପରେ ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। କିନ୍ତୁ କୋର୍ଟଙ୍କ ମତ ସ୍ପଷ୍ଟ ଭାବେ ସୂଚିତ କରୁଛି ଯେ, ସେ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ବୀମା ପଲିସିରେ ସାମିଲ ନକରିବା ବିରୋଧରେ। ବେଞ୍ଚ ମଙ୍ଗଳବାର କହିଛନ୍ତି ଯେ, ଯଦି ନ୍ୟାୟପାଳିକା ଚିକିତ୍ସକଙ୍କର ଧ୍ୟାନ ନରଖେ ଏବଂ ତାଙ୍କ ପାଇଁ ଠିଆ ନହୁଏ ତେବେ ସମାଜ ତାଙ୍କୁ କ୍ଷମା କରିବ ନାହିଁ। ବିଚାରପତି ପିଏସ ନରସିଂହ ଓ ବିଚାରପତି ଆର୍ ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି, ସରକାରଙ୍କୁ ଏହା ସୁନିଶ୍ଚିତ କରିବା ଉଚିତ୍ ଯେ ବୀମା କମ୍ପାନୀମାନେ ବୈଧ ଦାବିଗୁଡ଼ିକର ସମାଧାନ କରନ୍ତୁ। ଏହି ଧାରଣା ସଠିକ୍ ନୁହେଁ ଯେ, ଘରୋଇ ଚିକିତ୍ସକ ଲାଭ କରିବା ପାଇଁ କାମ କରୁଛନ୍ତି। ଖଣ୍ଡପୀଠ କହିଛନ୍ତି, ଯଦି ଆମେ ନିଜର ଚିକିତ୍ସକଙ୍କ ଧ୍ୟାନ ରଖିବା ନାହିଁ ଏବଂ ତାଙ୍କ ପାଇଁ ଠିଆ ହେବା ନାହିଁ ତ ସମାଜ ଆମକୁ କ୍ଷମା କରିବ ନାହିଁ। କୋର୍ଟ କହିଛନ୍ତି, ଯଦି ଆପଣଙ୍କ ଅନୁସାରେ ଏହି ସର୍ତ୍ତ ପୂରା ହୁଏ ଯେ, ସେ କୋଭିଡ-୧୯ରୁ ବର୍ତ୍ତିବା ପାଇଁ କାମ କରୁଥିଲେ ଏବଂ କୋଭିଡ୍ କାରଣରୁ ତାଙ୍କର ମୃତ୍ୟୁ ହୋଇଛି ତ ଆପଣଙ୍କୁ ବୀମା କମ୍ପାନୀକୁ ଦେୟ ଦେବାକୁ ବାଧ୍ୟ କରିବା ଉଚିତ୍। କେବଳ ଏଥିପାଇଁ ଯେ ସେ ସରକାରୀ ଡ୍ୟୁଟିରେ ନଥିଲେ, ଏହି ଧାରଣା ଠିକ୍ ନୁହେଁ ଯେ ସେ ଲାଭ ପାଉଥିଲେ।

ପ୍ରଧାନମନ୍ତ୍ରୀ ବୀମା ଯୋଜନା ବ୍ୟତୀତ ଉପଲବ୍ଧ ସମାନ କିମ୍ବା ସମାନ୍ତରାଳ ଯୋଜନା ବିଷୟରେ ପ୍ରାସଙ୍ଗିକ ତଥ୍ୟ ସୂଚନା ପ୍ରଦାନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ଖଣ୍ଡପୀଠ କହିଥିଲେ, ପ୍ରଧାନମନ୍ତ୍ରୀ ଯୋଜନା ବ୍ୟତୀତ ଉପଲବ୍ଧ ସମାନ୍ତରାଳ ଯୋଜନା ବିଷୟରେ ଆମକୁ ତଥ୍ୟ ଏବଂ (ଶେଷ ପୃଷ୍ଠା ଦେଖନ୍ତୁ)

## ଛଠ୍ ପାଳିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୮।୧୦
ଏକ୍ସପ୍ରେସ୍ ନ୍ୟୁଜ୍**

ଭକ୍ତି, ଶ୍ରଦ୍ଧା ଓ ନିଷ୍ଠାର ଉତ୍ସବ ଛଠ୍। ସୂର୍ଯ୍ୟଦେବ ଓ ଛଠୀ ମୟାଙ୍କୁ ଶ୍ରଦ୍ଧାଳୁ ଦେଲେ ନୈବେଦ୍ୟ। ଭୁବନେଶ୍ୱର କୁଆଖାଇ ବାଲିଯାତ୍ରା ପଡ଼ିଆରେ ସକାଳୁ ସକାଳୁ ଜମିଲାଥିଲା ଭିଡ଼। ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କଲେ ବିହାରୀ ଭାଷାଭାଷୀ ଶ୍ରଦ୍ଧାଳୁ। ସୂର୍ଯ୍ୟଦେବ ଓ ଛଠୀ ମୟାଙ୍କୁ ପୂଜା କରି ଆଶିଷ ଗ୍ରହଣ କରିଛନ୍ତି ସଭିଏ। ଏଥିପାଇଁ କୁଆଖାଇ ନଦୀ ପଠାରେ ବିଶ୍ୱାସ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥିଲା ଭବ୍ୟ ଉତ୍ସବ। ମାଆମାନେ ଏହି ବ୍ରତ ପାଳନ କରି ପରିବାର ସୁସ୍ଥତା, ସୁଖ, ସମୃଦ୍ଧି, ସୁରକ୍ଷା କାମନା କରିଛନ୍ତି। ବିହାର, ଝାଡ଼ଖଣ୍ଡ, ଛତିଶଗଡ଼ ଅଧିବାସୀମାନେ ଏକାଠି ହୋଇ ଏହି ଉତ୍ସବକୁ ପାଳନ କରିଛନ୍ତି।

ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ନୂଆ ବାଲିଯାତ୍ରା ପଡିଆ ଠାରେ ଆୟୋଜିତ ଛଠ ପୂଜା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶା ସରକାର ଭାଇଚାରା, ସୌହାର୍ଦ୍ଦ୍ୟ ଓ ସାଂସ୍କୃତିକ ଏକତାର ପରମ୍ପରାକୁ ଶକ୍ତିଶାଳୀ କରିବା ପାଇଁ ପ୍ରତିବଦ୍ଧ ଏବଂ ଓଡ଼ିଶାରେ ଛଠ ପୂଜା ଏହି ସାଂସ୍କୃତିକ (ଶେଷ ପୃଷ୍ଠା ଦେଖନ୍ତୁ)

## ଦ୍ୱିତୀୟ ସ୍ତ୍ରୀଙ୍କ ସନ୍ତାନ ପୈତୃକ ସମ୍ପତ୍ତିର ଉତ୍ତରାଧିକାରୀ ହେବାକୁ ହକ୍‌ଦାର

**କଟକ,୨୮।୧୦
ଏକ୍ସପ୍ରେସ୍ ନ୍ୟୁଜ୍**

ଜଣେ ସ୍ୱର୍ଗତ ହିନ୍ଦୁ ସ୍ୱାମୀଙ୍କ ପ୍ରଥମ ଏବଂ ଦ୍ୱିତୀୟ ବିବାହରୁ ସନ୍ତାନମାନେ ତାଙ୍କ ପୈତୃକ ସମ୍ପତ୍ତି ବାଣ୍ଟିବେ। ଓଡ଼ିଶା ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଏକ ବିବାହରୁ ସୃଷ୍ଟି ହୋଇଥିବା ସନ୍ତାନସନ୍ତତିଙ୍କର ଉତ୍ତରାଧିକାର ଅଧିକାର ଅଛି। ପିତାଙ୍କ ମୃତ୍ୟୁ ପୂର୍ବରୁ ଏକ ବିଭାଜନରେ ସେମାନଙ୍କ ପିତାମାତା ଯାହା ପାଇଥାନ୍ତେ ତାହା ପର୍ଯ୍ୟନ୍ତ ସେମାନଙ୍କର ଅଂଶ ସୀମିତ। ଏହି ଐତିହାସିକ ରାୟ ଉତ୍ତରାଧିକାରୀ ସମ୍ପତ୍ତିର ସମାନ ବଣ୍ଟନକୁ ସୁନିଶ୍ଚିତ କରିଛି।

ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ, ଓଡ଼ିଶା ହାଇକୋର୍ଟ ସମ୍ପ୍ରତି କହିଛନ୍ତି ଯେ, ହିନ୍ଦୁ ବିବାହ ଆଇନର ଧାରା ୧୬ ଅନୁଯାୟୀ, ପ୍ରଥମ ପତ୍ନୀ (ବୈଧ ବିବାହ) ଏବଂ ଦ୍ୱିତୀୟ



ସ୍ତ୍ରୀ (ବୈଧ ବିବାହ) ଉଭୟଙ୍କ ଠାରୁ ଜନ୍ମିତ ସନ୍ତାନମାନେ ସେମାନଙ୍କ ପିତାଙ୍କ ପୈତୃକ ସମ୍ପତ୍ତିରେ ଅଂଶ ପାଇବା ପାଇଁ ହକଦାର। ତଥାପି, ଧାରା ୬(୩) ଅନୁଯାୟୀ, ପ୍ରତ୍ୟେକ ସନ୍ତାନର ଅଂଶ ସେହି ଅଂଶ ପର୍ଯ୍ୟନ୍ତ ସୀମିତ ରହିବ ଯାହା ପିତାଙ୍କ ମୃତ୍ୟୁ ପୂର୍ବରୁ ଏକ ବିଭାଜନରେ ସମ୍ପୃକ୍ତ ମାଆଙ୍କୁ ଆବଣ୍ଟିତ ହୋଇଥାନ୍ତା।

ଏହି ରାୟ ଏକ ମାମଲାରୁ ଆସିଛି ଯେଉଁଠାରେ ପ୍ରତିବାଦୀ ଅନୁସୟା ମହାନ୍ତି (ପ୍ରଥମ ପତ୍ନୀ), ପରିବାର କୋର୍ଟ, ଭୁବନେଶ୍ୱରରେ ୨୦୧୭ର ସିପି ନଂ ୫୭୬ ଦାୟର କରିଥିଲେ। ସେ ସ୍ୱର୍ଗତ କୈଳାସ ଚନ୍ଦ୍ର ମହାନ୍ତିଙ୍କ ଆଇନଗତ ଭାବରେ ବିବାହିତ ପତ୍ନୀ ଏବଂ ତାଙ୍କ ପ୍ରକୃତ ଆଇନଗତ ଉତ୍ତରାଧିକାରୀ ବୋଲି ଘୋଷଣା କରିବାକୁ ଅନୁରୋଧ କରାଯାଇଥିଲା।

ପ୍ରତିବାଦୀଙ୍କ ଅନୁସୟା (ପ୍ରଥମ ପତ୍ନୀ) ଦାବି କରିଥିଲେ ଯେ, ମୃତକଙ୍କ ସହ ତାଙ୍କର ବିବାହ ୫ ଜୁନ୍ ୧୯୬୬ ମସିହାରେ ହିନ୍ଦୁ ରୀତିନୀତି ଏବଂ ପ୍ରଥା ଅନୁସାରେ ହୋଇଥିଲା। ସେମାନେ ସ୍ୱାମୀ-ସ୍ତ୍ରୀ ଭାବରେ ଏକାଠି ରହୁଥିଲେ ଏବଂ ବିବାହରୁ ସେମାନଙ୍କର ଦୁଇଜଣ ପୁଅ ଥିଲା। ସେ ଆହୁରି ଅଭିଯୋଗ କରିଥିଲେ ଯେ ଆବେଦନକାରୀ ସନ୍ଧ୍ୟାରାଣୀ ସାହୁ (ଦ୍ୱିତୀୟ ପତ୍ନୀ) ଜଣେ ନର୍ସ ଥିଲେ ଯିଏ ତାଙ୍କ ସ୍ୱର୍ଗତ ସ୍ୱାମୀଙ୍କ ସହିତ କାମ କରୁଥିଲେ ଏବଂ ତାଙ୍କ ସହିତ ତାଙ୍କର ବୈଧ ବୈବାହିକ (ଶେଷ ପୃଷ୍ଠା ଦେଖନ୍ତୁ)

# ସମବାୟ ସମିତି ଅଧିକାରୀଙ୍କ ପଦୋନ୍ନତି ତାଲିକାରେ ବିଭ୍ରାଟ

**କେନ୍ଦ୍ରାପଡ଼ା,୨୮।୧୦
ଏକ୍ସପ୍ରେସ୍ ନ୍ୟୁଜ୍**

କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଗ୍ରାମାଞ୍ଚଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାଥମିକ କୃଷି ସମବାୟ ସମିତିମାନ ଖୋଲାଯାଇ ଆନ୍ଦୋଳନକୁ ବ୍ୟାପକ କରାଯାଉଛି। ମାତ୍ର କେନ୍ଦ୍ରାପଡା ଜିଲ୍ଲାରେ କେତେକ ଅସାଧୁ ଅଧିକାରୀଙ୍କ ପାଇଁ ଏହି ଯୋଜନା ବାଟବଣା ହେଉଛି। ସମବାୟ ବିଭାଗକୁ ଅଧିକ ସୁଦୃଢ଼ କରିବା ପାଇଁ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନରେ ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତିରେ ଦୀର୍ଘ ବର୍ଷ ହେବ କାର୍ଯ୍ୟରତ ଥିବା ସମ୍ପାଦକ ଓ ସହ ସମ୍ପାଦକଙ୍କୁ ପଦୋନ୍ନତି ଦେବା ପାଇଁ କେନ୍ଦ୍ରପଡା ସମବାୟ ସମିତି ସମୂହର ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟ ଚୂଡାନ୍ତ ଗ୍ରେଡେସନ(ପଦକ୍ରମ) ତାଲିକା ପ୍ରସ୍ତୁତ କରିଛି। ଗତ ୨୦୨୩ ମସିହାରୁ ଆରମ୍ଭ ହୋଇଥିବା ଏହି ପଦୋନ୍ନତି ପ୍ରକ୍ରିୟା ତାଲିକାରେ ସମବାୟ ସମିତି ସମୂହର ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟ କର୍ତ୍ତୃପକ୍ଷ ଯୋଗ୍ୟ ଓ ଅଯୋଗ୍ୟ ମାପକାଠିକୁ ସଠିକ ଭାବରେ ଦେଖିନାହାନ୍ତି ବା ସବୁ କିଛି ଜାଣି ମଧ୍ୟ ନଜାଣିବାର ଅଭିନୟ କରିଛନ୍ତି। ନିକଟରେ ପ୍ରକାଶ ପାଇଥିବା ଏହି ଚୂଡାନ୍ତ ତାଲିକାରେ ବହୁ ଯୋଗ୍ୟ ସମ୍ପାଦକ ଓ ସହ ସମ୍ପାଦକଙ୍କ ନାମ ଚୂଡାନ୍ତ ତାଲିକାର ବହୁ ତଳେ ରହିଛି। ଏଥିସହିତ କେତେକ ଯୋଗ୍ୟ ସମ୍ପାଦକ ଓ ସହସମ୍ପାଦକ ନାମ ତାଲିକାରୁ ବାଦ ଦିଆଯାଇଥିବା ବେଳେ ଅନେକ ଅଯୋଗ୍ୟଙ୍କ ନାମକୁ ସେହି ତାଲିକାର ସଂଯୋଗ କରାଯାଇ ଉପରେ ରଖାଯାଇଥିବା ଦେଖିବାକୁ ମିଳିଛି। ତେବେ ଏହି ତାଲିକା କେଉଁ ଆଧାରରେ ଓ କାହା ସ୍ୱାର୍ଥରେ ପ୍ରକାଶ କରାଯାଇଛି ତାହା ସାଧାରଣରେ ଆଶ୍ଚର୍ଯ୍ୟ ଚକିତ କରିଛି। ସମବାୟବିତ ବିଜୟ କୁମାର ପରିଡା କହିଛନ୍ତି ଦୀର୍ଘ ବର୍ଷ ହେଲା ସମବାୟ ସମିତିରେ କାର୍ଯ୍ୟ କରି ଆସୁଥିବା କେତେଜଣ ସହ ସମ୍ପାଦକଙ୍କ ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ସେମାନଙ୍କୁ ପଦୋନ୍ନତି ତାଲିକାରୁ ବାଦ ଦିଆଯିବା କିମ୍ବା ବେଆଇନ ଭାବେ କ୍ରମ ଅନୁସାରେ ବହୁ ତଳେ ରଖାଯିବା ସମବାୟ ସମିତି ସମୂହର ସହକାରୀ ନିବନ୍ଧକଙ୍କ କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ପଦୋନ୍ନତି ତାଲିକାରେ ଯୋଗ୍ୟତା ନଥାଇ ଗ୍ରେଡ -୧ ଓ ଗ୍ରେଡ -୨ରେ ଥିବା ମିନିବ୍ୟାଙ୍କ ନାମ କିପରି ତାଲିକା ଭୁକ୍ତ କରାଗଲା ଏବଂ ବିଭାଗୀୟ ମାର୍ଗଦର୍ଶିକା ଓ ବିଧି ବ୍ୟବସ୍ଥାକୁ ସମବାୟ ବିଭାଗ ସମ୍ପୂର୍ଣ୍ଣ ଅଣଦେଖା କରିଥିବା ନେଇ ଶ୍ରୀ ପରିଡା ଅଭିଯୋଗ କରିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ କରାଯାଇ ଯୋଗ୍ୟତା ଭିତିରେ ସମ୍ପୂର୍ଣ୍ଣ ସଠିକ ତାଲିକା ପ୍ରକାଶ କରିବାକୁ ଶ୍ରୀ ପରିଡା କେନ୍ଦ୍ର ସମବାୟ ବ୍ୟାଙ୍କ ଓ ରାଜ୍ୟ ସମବାୟ ବିଭାଗ ନିକଟରେ ଦାବି କରିଛନ୍ତି। ସମବାୟବୀତ ସରୋଜକାନ୍ତ ନାୟକ ତାଙ୍କ ପ୍ରତିକ୍ରୀୟାରେ କହିଛନ୍ତି ପ୍ରକାଶ ପାଇଥିବା ଚୁଡାନ୍ତ ତାଲିକାରେ ସମବାୟ ବିଭାଗ ଓ ସମବାୟ କର୍ତ୍ତୃପକ୍ଷ ଯୋଗ୍ୟତାକୁ ଗୁରୁତ୍ୱ ନଦେଇ କିପରି ଏଭଳି ତାଲିକା ପ୍ରସ୍ତୁତ କଲେ ସେଥିପାଇଁ ସମବାୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବିଧିବଦ୍ଧ ତଦନ୍ତ ପାଇଁ ଦାବି କରିଛନ୍ତି। ସମବାୟ ବିଭାଗ ପକ୍ଷରୁ ସମବାୟ ପରିଚାଳନା ପରିଷଦକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ପଦୋନ୍ନତି ତାଲିକା ପ୍ରସ୍ତୁତ ସମୟରେ ପରିଚାଳନା ବୋର୍ଡର କୌଣସି ମତାମତ ନ ନିଆଯାଇ ସଂପୃକ୍ତ ସମତିର ସମ୍ପାଦକ ଓ ସହ ସମ୍ପାଦକଙ୍କୁ ବେଆଇନ ଭାବେ ପଦୋନ୍ନତି ଦିଆଯିବା ଘଟଣା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୁର୍ନୀତିର ଗନ୍ଧ ବାରି ହୋଇ ପଡୁଥିବା ସେ କହିଛନ୍ତି। ଅପରପକ୍ଷରେ ଏବିଷୟରେ ସହକାରୀ ନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ତାଲିକାଭୁକ୍ତ ହୋଇଥିବା କର୍ମଚାରୀଙ୍କ ନଥିପତ୍ରକୁ ଆଧାର କରି ଏହି ପଦୋନ୍ନତି ତାଲିକା ପ୍ରସ୍ତୁତ କରାଯାଇଛି। ଏଥିରେ କୌଣସି ତୃଟି ଅଭିଯୋଗ ଆସିଲେ ଏହାର ସଂଶୋଧନ କରାଯିବ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। ଅନ୍ୟପକ୍ଷେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଅନନ୍ତ କିଶୋର ସାମଲଙ୍କୁ ପଚାରିବାରୁ ସେ କହିଲେ ସମବାୟ ଯୋଜନାକୁ ସୁଦୃଢ଼ (ଶେଷ ପୃଷ୍ଠା ଦେଖନ୍ତୁ)

## ନିଆଳି ବ୍ଲକରେ ୩୬ ହଜାର ଲୋକ ପାଣି ପାଇଁ ହନ୍ତସନ୍ତ

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

୬ଟି ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ଗାଁ ୩୬ ହଜାରରୁ ଉର୍ଦ୍ଧ୍ୱ ଜନ ସାଧାରଣଙ୍କୁ ସ୍ୱଚ୍ଛ ପିଇବା ପାଣି ଯୋଗାଉଥିବା ବହୁ ପାନୀୟ ଜଳ ପ୍ରକଳ୍ପରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଯାହାଫଳରେ ସରକାର ଜନସାଧାରଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ଯୋଗାଇବାରେ ବାଧ୍ୟତା ମୂଳକ ମୌଳିକ ଅଧିକାର ରହିଛି। ଅର୍ଥ ଅଭାବରୁ ନିଆଳି ବ୍ଲକରେ ୩୬ ହଜାରରୁ ଉର୍ଦ୍ଧ୍ୱ ଲୋକ ପାଣି ପିଇବା ପାଇଁ ମୌଳିକ ଅଧିକାର ଥାଇ ମଧ ଏଥିରୁ ବଞ୍ଚିତ ହୋଇଛନ୍ତି। ଯାହାଫଳରେ ନିଆଳି ବ୍ଲକରେ ପାଣି ପିଇବା ପାଇଁ ଝଡ଼ ତୋଫାନ ସମୟରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। କେତେକ ଜାଗାରେ ଲୋକମାନେ ନଦୀ ଓ ଗଡିଆରୁ ପାଣି ନେଉଥିବା ଦେଖିବାକୁ ମିଳିଲାଣି। ସୂଚ଼ନା ମୁତାବକ ପାନୀୟ ଜଳ ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ ହୋଇଥିବା ବିଲ୍‌ର ପୈଠ ପଞ୍ଚାୟତ ଏହାକୁ ବହନ କରିଥାଏ କିନ୍ତୁ ଅର୍ଥ ଅଭାବରୁ ଲକ୍ଷାଧିକ ଟଙ୍କା ବିଦ୍ୟୁତ ବିଭାଗର ପଞ୍ଚାୟତ ଉପରେ ବକେୟା ପଡିଥିବାରୁ ବିଦ୍ୟୁତ ବିଭାଗ ବଡ଼ ନିଷ୍ପତ୍ତି ନେଇଛି। ସୂଚ଼ନା ଅନୁଯାଇ ଅଁଳ ପଞ୍ଚାୟତ ଜଳାରପୁର ପଞ୍ଚାୟତ ଓ ଦେବୀ କନ୍ଦଳ ଦୀପଞ୍ଚଳର ଏକବରୁଆ, ରାଣୀଓଳା, ସିଠାଳ, ଶଗଡାଇଲର ୬ଟି ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ଗାଁ ୩୬ ହଜାର ଲୋକ ପିଇବା ପାଣିରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ଭିନ୍ନ ଭିନ୍ନ ଉତ୍ତର କେଉଁଠି ପଞ୍ଚାୟତରେ ଟଙ୍କା ନାହିଁ ତ ପୂର୍ବ ସରପଞ୍ଚଙ୍କ ଠାରୁ ଲକ୍ଷାଧିକ ଟଙ୍କା ଗଡି ଚ଼ାଲିଛି। ଯାହାକି ସମସ୍ତ ଟଙ୍କା ଏକ କାଳୀନ ଦେବା ସମ୍ଭବପର ନୁହେଁ। ଏ ସମ୍ପର୍କରେ ନିଆଳି ବ୍ଲକ ପାନୀୟ ଜଳ ପ୍ରକଳ୍ପର ସହକାରୀ ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ ଚ଼ନ୍ଦ୍ର ମଲିକ୍‌ଙ୍କୁ ପଚ଼ାରିବାରୁ ବିଦ୍ୟୁତ ବିଭାଗ ପକ୍ଷରୁ ସ୍ମାର୍ଟ ମିଟର ଲଗାଯାଇଛି, ଯାହାଫଳରେ ବିଦ୍ୟୁତ ବିଭାଗ ଏଭଳି ନିଷ୍ପତ୍ତି ନେଇଛି ବୋଲି କହିଛନ୍ତି। ବିଦ୍ୟୁତ ବିଭାଗ ଯନ୍ତ୍ରୀଙ୍କ ଉତ୍ତର ବହୁଦିନ ହେବ ଟଙ୍କା ପଡ଼ିରହିଛି। ବାଧ ହୋଇ ବିଦ୍ୟୁତ ବିଚ୍ଛିନ୍ନ କରିଛୁ। ଏ ନେଇ ନିଆଳି ବ୍ଲକର ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ରାଣୀଓଳା, ଏକବରୁଆଁ, ସଗଡାଇଲ ପଞ୍ଚାୟତକୁ ପ୍ରକଳ୍ପ ହସ୍ତାନ୍ତର କରାଯାଇ ନାହିଁ କି ବ୍ଲକ ପାଖରେ କୌଣସି ତଥ୍ୟ ନାହିଁ। ବିନା ନୋଟିସରେ ବିଦ୍ୟୁତ ସଂଯୋଗ କଟାଯାଇଥିବା ସରପଞ୍ଚମାନେ ଅଭିଯୋଗ କରିଛନ୍ତି। ଏମିତିକି କେତେକ ପଞ୍ଚାୟତର ସରପଞ୍ଚମାନେ ବିଦ୍ୟୁତ ବିଭାଗର ଅଧିକାରୀମାନଙ୍କୁ ୧୫ ଦିନ ସମୟ ନେବା ସହ ପ୍ରକଳ୍ପ ଗୁଡିକୁ ମଙ୍ଗଳବାର ବିଦ୍ୟୁତ ସଂଯୋଗ ଦେବାପାଇଁ ଅନୁରୋଧ କରିଛନ୍ତି।

## ରାସ୍ତାଘାଟର ସ୍ଥାୟୀ ସମାଧାନ ପାଇଁ ଆନ୍ଦୋଳନ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ମଲ୍ଲିକ କମ୍ପ୍ଲେକ୍ସର ରାସ୍ତାଘାଟ, ଯୋଗାଯୋଗ, ଜଳବନ୍ଦୀ ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ ମଲ୍ଲିକ କମ୍ପ୍ଲେକ୍ସ ୱେଲଫେୟାର ଆସୋସିଏସନ୍‌ର ଏକ ପ୍ରତିନିଧୀ ମଣ୍ଡଳି ଭୁବନେଶ୍ୱର ପୌରନୀଗମର କମିଶନରଙ୍କୁ ଭେଟି ଆଲୋଚ଼ନା କରିଛନ୍ତି ଏବଂ ତତ୍‌ସମ୍ପର୍କିତ ସ୍ମାରକପତ୍ର ପ୍ରଦାନ କରିଅଛନ୍ତି। ବର୍ଷାହେଲେ ଜଳବନ୍ଦୀ ଓ ଗମନାଗମନର ସମସ୍ୟାରେ ଅଧୀବାସସମାନେ ଅତିଷ୍ଠ ଓ ଅସନ୍ତୁଷ୍ଟ। ସମସ୍ୟାର ସମାଧାନ ପାଇଁ ଉପରିସ୍ଥ ଅଧିକାରୀ, ସ୍ଥାନୀୟ କର୍ପୋରେଟର ଓ ପୌରନୀଗମର ମେୟର ମହୋଦୟା ସକରାତ୍ମକ ଆଭିମୁଖ୍ୟ ଗ୍ରହଣ କରୁଥିଲେ ବି କିଛି ଜଟିଳତା ଥିବାରୁ ସମସ୍ୟାର ସମାଧାନ ହେଇପାରୁ ନାହିଁ। ମୂଳ ଜମି ମାଲିକମାନଙ୍କର ପାରିବାରିକ ଗଣ୍ଡଗୋଳ ପାଇଁ ସେମାନଙ୍କର ଅଂଶିଦାର ସତ୍ୱ ସମାଧାନ ନହୋଇପାରିଥିବା ହେତୁ ସେମାନେ ତାଙ୍କର ଅଂଶିଦାରମାନଙ୍କ ଠାରୁ କ୍ଷତିପୁରଣ ଦାବି ନକରି ଆମ୍ଭମାନଙ୍କ ଠାରୁ ଦାବି କରୁଅଛନ୍ତି। ଆମ୍ଭେ ଯେଉଁମାନେ ନିଜର କଷ୍ଟଉପାର୍ଜୀତ ଧନ ଦେଇ ସେମାନଙ୍କ ଠାରୁ ଜାଗା କ୍ରୟକରି ସରକାରଙ୍କ ଠାରୁ ଅନୁମତି ନେଇ ଘରକରି ରହିଅଛୁ ଓ ଆଇନ ଅନୁଯାୟୀ ବିଦ୍ୟୁତ ଓ ଜଳ ସଂଯୋଗ କରି ଦୀର୍ଘ ୨୦ ବର୍ଷ ଧରି ବସବାସ କରୁଅଛୁ ସମାନଙ୍କର ଅନ୍ୟାୟ ଦାବିକୁ ଗ୍ରହଣ କରିବା ଅସମ୍ଭବ। ଏ ସଂପର୍କରେ ଆଲୋଚ଼ନା ମାଧମରେ ତୁରନ୍ତ (ଏକମାସ ଭିତରେ) ସ୍ଥାୟୀ ସମାଧାନ ନହେଲେ ସଂଘର କର୍ମକର୍ତ୍ତାମାନେ ବାଧହୋଇ ଶାନ୍ତିପୂର୍ଣ୍ଣ ମାଧ୍ୟମରେ ପ୍ରତିବାଦ କରିବେ ବୋଲି କମିଶନରଙ୍କୁ ଜଣାଇଛନ୍ତି। ଆଲୋଚ଼ନା ମାଧମରେ ଅବିଳମ୍ବେ ସମସ୍ୟାର ସମାଧାନ ହେବ ଓ ଅବାସୀମାନେ ଦୀର୍ଘ ଦିନର ସମସ୍ୟାରୁ ନୀସ୍ତାର ପାଇବେ ବୋଲି ସଂଘର ସାଧାରଣ ସଂପାଦକ ଇଂ.ଦୀପକ ଜେନା ଆଶାପୋଷଣ କରିଛନ୍ତି। ପ୍ରତିନିଧୀ ଦଳରେ ସଂଘର ସଭାପତି ଡ.ଅମୀୟ ମହାନ୍ତି, ସଭ୍ୟ ନାୟକ, ଉପେନ୍ଦ୍ର ଦାସ ଓ ନବୀନ ସାହୁ ଉପସ୍ଥିତ ଥିଲେ।

## ବେଆଇନ ଭଡା ବାଣ୍ଟିବା ସହିତ ସରକାରୀ ଫାଇଲ ଧରି ବୁଲୁଛନ୍ତି ଅଣକର୍ମଚ଼ାରୀ

**ଓଡ଼ାପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ସରକାର ସମସ୍ତ ସରକାରୀ କାର୍ଯ୍ୟାଳୟରେ, ମଧ୍ୟସ୍ଥି ଓ ଦଲାଲ ମୁକ୍ତ କରିବା ପାଇଁ ସବୁବେଳେ ପ୍ରୟାସ ଜାରି ରଖିଛନ୍ତି। ଯେପରି ସାଧାରଣ ଲୋକ କିମ୍ବା ହିତାଧୀକାରୀଟିଏ ଠିକ୍ ସମୟରେ ନିଜର ଦାବି ଆପତ୍ତି ତଥା ମୌଳିକ ସୁବିଧା ସୁଯୋଗ ସହଜରେ ବିନା ଖର୍ଚ୍ଚରେ ପାଇପାରିବ। କିନ୍ତୁ ବାସ୍ତବରେ ତଳସ୍ତରର କିଛି ହୀନ ମାନସିକତା କର୍ମଚ଼ାରୀଙ୍କ ମନମୁଖୀ କାର୍ଯ୍ୟକଳାପ ଓ ଦାୟିତ୍ୱହୀନତା ଯୋଗୁଁ ସରକାରଙ୍କ ବହୁମୁଖୀ ଯୋଜନା ସାଧାରଣ ଲୋକଙ୍କ ପାଇଁ ସାତ ସପନ ପାଲଟି ଯାଉଛି। କିଛି ଅସାଧୁ କର୍ମଚ଼ାରୀ, ସରକାରୀ ପଦପଦବୀର ଅପବ୍ୟବହାର କରି ନିଜ ଦାୟିତ୍ୱରୁ ଅବ୍ୟାହତି ପାଇଁ ବେସରକାରୀ ଭାବେ ଦଲାଲ ତଥା ମଧ୍ୟସ୍ଥି ନିଯୁକ୍ତି କରାଯାଉଥିବାର ଅଭିଯୋଗ ଏବେ ଓଡ଼ାପଡ଼ା ବ୍ଲକ୍ ସମେତ କିଛି ଗ୍ରାମପଞ୍ଚାୟତ ଗୁଡ଼ିକରେ ଦେଖିବାକୁ ମିଳୁଛି। କନିଷ୍ଠ ଯନ୍ତ୍ରୀ କିମ୍ବା ମୁଖ୍ୟ କିରାଣୀଙ୍କ ବଦଳରେ କିଛି ଅଣ କର୍ମଚ଼ାରୀ, ଅଫିସ୍ ପରିସରରେ ପ୍ରକଳ୍ପ ଫାଇଲ ସହ ମେଜରମେଣ୍ଟ ବହିକୁ ଧରି ବୁଲୁଥିବାର ଦୃଶ୍ୟ ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚ଼କିତ କରିଛି। ଏଠି ପ୍ରଶ୍ନ ଉଠୁଛି ଏସବୁ ମୂଲ୍ୟବାନ ଦସ୍ତାବିଜ୍ ସଂଶ୍ଲିଷ୍ଟ କର୍ମଚ଼ାରୀଙ୍କ ପାଖରେ ନ ରହି ଉକ୍ତ ବ୍ୟକ୍ତି ମାନଙ୍କ ପାଖକୁ ଯାଉଛି କେମିତି। ଓଡ଼ାପଡ଼ା ବ୍ଲକ୍‌ର ବାହୁବଳୀ କରିତକର୍ମା



ମୁଖିଆଙ୍କ ଛତ୍ରଛାୟା ତଳେ ବ୍ଲକରେ ମୋଟା ଅଙ୍କର ପିସି କାରବାରର ଅଭିଯୋଗ ପୂର୍ବରୁ ବିଭିନ୍ନ ଗଣମାଧମରେ ପ୍ରକାଶ ପାଇଛି। ଭିଜିଲାନ୍ସ ଜାଲରେ ଧରା ପଡ଼ିଯିବା ଭୟରେ ବେଆଇନ ଦଲାଲ ତଥା ମଧ୍ୟସ୍ଥି ନିଯୁକ୍ତି କରାଯାଉନାହିଁ ତ ? ଘଣ୍ଟା ଘଣ୍ଟା ଧରି ମୁଖିଆଙ୍କ କାର୍ଯ୍ୟାଳୟରେ କ'ଣ କ'ଣ ସବୁ ଆଲୋଚ଼ନା ହେଉଛି ? ପୂର୍ବରୁ ଗ୍ରାମସଭା ଓ ପଲ୍ଲୀସଭା ମାଧ୍ୟମରେ ଗ୍ରାମ୍ୟ ଶ୍ରମିକ ନେତା ଚ଼ୟନ କରାଯାଉଥିଲା କିନ୍ତୁ ସମୟ ଅନୁସାରେ ନୀୟମକୁ ପରିବର୍ତ୍ତନ କରାଯାଇ ବ୍ଲକ୍‌ସ୍ତରରେ କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତସ୍ତରରେ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ବଣ୍ଟନର ବ୍ୟବସ୍ଥା କରାଯିବା ସହିତ କାର୍ଯ୍ୟ ସମାପ୍ତ ପରେ ଉକ୍ତ ଅଧିକାରୀଙ୍କ ବ୍ୟାଙ୍କ ଖାତାକୁ ମଧ୍ୟ ପ୍ରାପ୍ୟ ଅର୍ଥ ଛଡ଼ାଗଲା। ବାସ୍ତବରେ ଖାତାକୁ ଆସିଥିବା ଟଙ୍କା କ'ଣ ହେଲା, କେତେ ଟଙ୍କା ଉଠାଗଲା, କାହାକୁ କେତେ ଦିଆଗଲା ସେସବୁର ନ୍ୟାୟିକ ତଦନ୍ତ କରାଗଲେ ସମସ୍ତ କଥା ଜଣାପଡ଼ିବ। ସୂଚ଼ନା ଅନୁସାରେ ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ସଦାଶିବପୁର ଗ୍ରାମପଞ୍ଚାୟତରେ ଏବେ ଅଣ କର୍ମଚ଼ାରୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। କେତେ ବେଳେ ଆବାସ ଯୋଜନା ଘର ଯୋଗାଇ ଦେଇଛୁ କହି ମୋଟା ଅଙ୍କର ଅର୍ଥ ଆଦାୟ କରାଯାଉଅଛି ତ କେତେବେଳେ ପଞ୍ଚାୟତ ବାହାରର ଜଣେ ଅଣକର୍ମଚ଼ାରୀ, ବାହାରେ ବୁଲିବୁଲି ବେଆଇନ ଭାବେ ସରକାରୀ ଭଡା ଟଙ୍କା ବାଣ୍ଟୁ ଥିବାର ଅଭିଯୋଗ ସାମ୍ନାକୁ ଆସିଛି। ଦୁଃଖ ଓ ପରିତାପର ବିଷୟ ଏସବୁ କାର୍ଯ୍ୟ, ଉକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ କରାଯାଉଛି। ନିକଟରେ ଉକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ, ଜୈନେକ ବିଧବାମହିଳାଙ୍କୁ ଆବାସଯୋଜନା ବଦଳରେ ଫେବର ମାଗିଥିବା ଅଭିଯୋଗରେ ଥାନାରେ କେଶ୍ ଖାଇଥିଲେ।

## ସରକାରୀ ନିୟମକୁ ଖୋଲା ଉଲଂଘନ କରୁଛି ଘରୋଇ ବିଦ୍ୟାଳୟ




**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ବିଦ୍ୟାଳୟ ଖୋଲିବା ପାଇଁ ସରକାରଙ୍କର ବିଭିନ୍ନ ନିୟମ ରହିଛି। କେଉଁ ଜାଗାରେ ଖୋଲା ଯାଇପାରିବ ଆଉ କେଉଁଠି ଖୋଲା ଯାଇ ପାରିବ ନାହିଁ, ଏହି ନିୟମକୁ ଉକ୍ତ ବିଭାଗର ଅଧିକାରୀମାନେ କାର୍ଯ୍ୟାଳୟ ଖୋଲିବା ପୂର୍ବରୁ କଡାକଡି ଭାବେ ତନଖି ଥାନ୍ତି। ସରକାରଙ୍କ ନିୟମ ମଧରେ ବିଦ୍ୟାଳୟ ଠାରୁ ୫ ଶହ ମିଟର ମଧରେ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ରହିପାରିବ ନାହିଁ କିନ୍ତୁ ପୂର୍ବରୁ ବହୁ ବର୍ଷ ଧରୀ ମଣ୍ଡପ ଥିବା ପାଖରେ କିଭଳି ବିଦ୍ୟାଳୟ ଖୋଲିଲା। ଏଭଳି ଘଟଣା ଦେଖିବାକୁ ମିଳିଛି ନିଆଳି ତହସିଲ ଅଧିନସ୍ତ ନିଆଳି ପୂର୍ବଖଣ୍ଡ ୟୁପି ସ୍କୁଲ ରୋଡ଼ରେ। ଏହି ରୋଡ଼ରେ ପୂର୍ବରୁ ଏକ ଘରୋଇ ମଣ୍ଡପ ଥିବା ବେଳେ ଏହାର କାନ୍ଥକୁ ଲାଗି ଏକ ଘରୋଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିଛି। ଯାହା ସମ୍ପୂର୍ଣ୍ଣ ଭାବରେ ସରକାରୀ ନିୟମକୁ ଉଲଘଂନ କରୁଛି। ଏହି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଖୋଲିବା ସମୟରେ ଜାଗା ତଦାରଖ କରିଥିଲେ କି, ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀ। ବିଦ୍ୟାଳୟ ଖୋଲିବା ନିମନ୍ତେ ସମ୍ପୃକ୍ତ ବିଦ୍ୟାଳୟର କର୍ମଚ଼ାରୀମାନେ ଅନୁମତି ନେଇଛନ୍ତି ନା ନିଜ ମନ ମାର୍ଜିରେ ଖୋଲିଛନ୍ତି। ଅନୁମତି ଯଦି ଉକ୍ତ ବିଦ୍ୟାଳୟକୁ ମଣ୍ଡପ ପକ୍ଷରୁ ସ୍ଥାନାନ୍ତରିତ କରାନଯାଏ, ଓଡିଶାର ଉଚ୍ଚତମ ନ୍ୟାୟାଳୟରେ ମାମଲା ରୁଜୁ ହେବ ବୋଲି ଚେତାବନୀ ଦେଇଛନ୍ତି ସମାଜସେବୀ କାଶୀନାଥ ଭୋଇ ଓ ବୈକୁଣ୍ଠ ସଥପଥି। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପଚ଼ାରିବାରୁ ଆମର ଭୁବନେଶ୍ୱରରେ ସ୍କୁଲ ଖୋଲିଛି, ଆମେ ଏକ ସେଠାରେ ଶାଖା କାର୍ଯ୍ୟାଳୟ ଖୋଲି ଛାତ୍ରଛାତ୍ରୀଙ୍କ ନାମ ଲେଖାଉଛୁ ବୋଲି କହିଛନ୍ତି। ଗୋଟିଏ ଜାଗାରେ ବିଦ୍ୟାଳୟ ଅନ୍ୟ ଜାଗାରେ କିଭଳି ଖୋଲିଛନ୍ତି କାର୍ଯ୍ୟାଳୟ ଏନେଇ ନିଆଳି ବ୍ଲକ ଶିକ୍ଷା ଅଧିକାରୀ କୁମର ବର ସାମଲଙ୍କୁ ଫୋନ କରିଥିଲେ ମଧ ସେ ଫୋନ ଉଠାଇନଥିଲେ।

## ସାଇବର ସଚେତନତା କାର୍ଯ୍ୟକ୍ରମ

**ଦଶପଲ୍ଲା: ଏକ୍ସପ୍ରେସ ନ୍ୟୁଜ୍**

ଆଧୁନିକ ଶୈଳୀରେ ଜୀବନ ଯାପନ କରିବାକୁ ମୋବାଇଲ, କମ୍ପ୍ୟୁଟର ଆଦି ଯେତେ ପରିମାଣରେ ବ୍ୟବହାର ହେଉଛି ତା ତୁଳନାରେ ଅପରାଧ ମଧ୍ୟ ଅଧିକ ପରିମାଣରେ ବୃଦ୍ଧି ପାଉଛି। କେବଳ ନିରୀହ ଲୋକ ନୁହନ୍ତି ବହୁ ଶିକ୍ଷିତ ଲୋକ, ଜାଣିବା ଶୁଣିବା ଲୋକ ସାମାନ୍ୟ ଲୋଭର ବଶବର୍ତ୍ତୀ ହୋଇ ସାଇବର ଅପରାଧୀଙ୍କ ଶିକାର ହେଉଛନ୍ତି। ତେଣୁ ସରକାର ଗତ ୧୮ ତାରିଖରୁ ଏକ ମାସ ପର୍ଯ୍ୟନ୍ତ ରାଜ୍ୟରେ ଏକ ସଚେତନତା ସୃଷ୍ଟି କରିବାକୁ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ଦଶପଲ୍ଲା ପୋଲିସ ପକ୍ଷରୁ ଛାତ୍ରଛାତ୍ରୀ, ଗାଡି ଡ୍ରାଇଭର, ବୁଦ୍ଧିଜୀବୀଙ୍କୁ ନେଇ ଏକ ସଚେତନତା ସଭା କରାଯାଇଥିଲା। ଅତିଥି ଭାବେ ଆଡିସନାଲ ଏସପି ସୁବାସ ଚ଼ନ୍ଦ୍ର ପଣ୍ଡା, ଏସଡ଼ିପି ଓ ଜ୍ୟୋତି ରଞ୍ଜନ ସାମନ୍ତରାୟ, ଡ଼ିଏସପି ସୁକାନ୍ତ କୁମାର ପାତ୍ର, ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ଏନଏସି ଅଧକ୍ଷା ଇଂ ପୁନମ ପ୍ରିୟଦର୍ଶନୀ, ସଂଯୁକ୍ତା ଦାଶଗୁପ୍ତା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସୌମ୍ୟ ରଞ୍ଜନ ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ଥାନୀୟ ଆଇଆଇସି ବିନୟ ରଞ୍ଜନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସୋନମ ଏବଂ ସାଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରା ଯାଇଥିଲା।

## ରୁଙ୍ଗ୍‌ଟାକୁ ଜୋରଦାର ବିରୋଧ

**ତାଳଚେର: ଏକ୍ସପ୍ରେସ ନ୍ୟୁଜ୍**

ଅନୁଗୋଳ ଜିଲ୍ଲା ତାଳଚେର ବ୍ଲକ ଧରମପୁର ଏବଂ କଙ୍କିଳି ପଞ୍ଚାୟତରେ କୋଇଲା ଖନନ ପାଇଁ ରୁଙ୍ଗଟା ସନ୍ସ ପ୍ରାଇଭେଟ କମ୍ପାନୀ ଟେଣ୍ଡର ପାଇଥିବା ବେଳେ ଏହାକୁ ଧରମପୁର ପଞ୍ଚାୟତରେ ଜୋରଦାର ବିରୋଧ କରାଯାଇଛି। ଏପରି କି ଏହି ଘରୋଇ କମ୍ପାନୀକୁ ଜମି ଦେବେ ନାହିଁ ବୋଲି ଖାଇରାପାଳ, ଧରମପୁର ଏବଂ ସାରେଇଲୋ ଗ୍ରାମର ଲୋକଙ୍କୁ ନେଇ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଘରୋଇ କମ୍ପାନୀକୁ ଜମି ନ ଦେବା ପାଇଁ ପୂର୍ବରୁ ୩ ପଞ୍ଚାୟତର ଲୋକେ ନିଷ୍ପତ୍ତି ନେବା ସହ ଅନେକ ଥର ବୈଠକ କରିଥିଲେ। ଏହାପରେ ମଧ ରୁଙ୍ଗଟା କମ୍ପାନୀ ବୋରୱେଲ ସର୍ଭେ ଓ ଡ୍ରିଙ୍ଗି ନିମନ୍ତେ ଏକ ଠିକା କମ୍ପାନୀକୁ ଦାୟିତ୍ୱ ଦେଇ ଧରମପୁର ଗ୍ରାମର କିଛି ଲୋକଙ୍କୁ ନେଇ ଏକ ବୈଠକ କରି ବୋରିଂ କାମ କରିବାକୁ ଚ଼ାହୁଁଛି। ଏହାକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏକ ବୈଠକ କରି ଅଞ୍ଚଳବାସୀ ଡ୍ରିଲିଂ କାର୍ଯ୍ୟ କରାଇ ନ ଦେବା ସହ ଘରୋଇ କମ୍ପାନୀକୁ ଜମି ଅଧିଗ୍ରହଣ କରିବାକୁ ଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଧ ବୈଠକ ବେଳେ ଅଞ୍ଚଳବାସୀ ଏହି ବିରୋଧ କଥା ଉଠାଇଥିଲେ। ଧରମପୁର ଓ କଙ୍କିଳିର ଲୋକଙ୍କ ଉପସ୍ଥିତିରେ ଠିକା କମ୍ପାନୀ ସହ କଥା ହେବା ପରେ ଯଦି ସମସ୍ତେ ରାଜି ତେବେ ଡ୍ରିଲିଂ ହେବ ନଚେତ ହେବ ନାହିଁ ବୋଲି ଉପଜିଲ୍ଲାପାଳ କହିଥିଲେ। ହେଲେ ଅଞ୍ଚଳର କେତେଜଣ ବ୍ୟକ୍ତି କମ୍ପାନୀ ସହ ହାତ ମିଳାଇବା ପରେ ଧରମପୁର ଅଞ୍ଚଳରେ ଉକ୍ତ ଠିକା କମ୍ପାନୀ ଡ୍ରିଙ୍ଗି କାର୍ଯ୍ୟ କରିବାକୁ ପ୍ରୟାସ କରୁଛି ବୋଲି ବୈଠକରେ ଉପସ୍ଥିତ ଶ୍ରୀପତି ପ୍ରଧାନ, ଝାରମଲ ନାଏକ, ଦିନେଶ ଭୂତିଆ, କୁଶ ମହାପାତ୍ର, ଜଗନ୍ନାଥ ପାଣି, ଗୌରଚ଼ନ୍ଦ୍ର ସାହୁ, କୁନ୍ତଳା ମହାପାତ୍ର, ଅଶାନ୍ତି ମହାପାତ୍ର, ଝରଣା ନାଏକ, ମନୋଜ ବେହେରା, ସିପୁନ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି।

## ମାହାଙ୍ଗାରେ ବାତ୍ୟାର ଆଂଶିକ ପ୍ରଭାବ

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ମାହାଙ୍ଗା ବ୍ଲକରେ ମୋନ୍ଥା ବାତ୍ୟାର ଆଂଶିକ ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି। ବଡି ଭୋରରୁ ପବନ ବହିବା ସହ ତୁହାକୁ ତୁହା ବର୍ଷା ହେଉଅଛି। ଯାହା ଫଳରେ ଯାତାୟତରେ ଅସୁବିଧା ହେଉଛି। ତେଣୁ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଜନସାଧାରଣମାନେ ଏହି ବାତ୍ୟା ପ୍ରଭାବରେ ଯାତାୟତରେ ଅସୁବିଧା ଭୋଗୁଥିବା ସହ ବର୍ଷାରେ ଭିଜୁଥିବା ଦେଖିବାକୁ ମିଳିଛି। ରାସ୍ତାମାନଙ୍କରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଛି।

## ଅବକାରୀ ବିଭାଗକୁ ସଫଳତା, ୩୧ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**କଟକ: ଏକ୍ସପ୍ରେସ ନ୍ୟୁଜ୍**

ଅବକାରୀ ବିଭାଗକୁ ସଫଳତା। କଟକ ମଙ୍ଗୁଳି ନିକଟରୁ ୩୧ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ ହୋଇଛି। ଏହାସହିତ ଏହି ଘଟଣାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ।

ଖବର ଅନୁଯାୟୀ, ମଙ୍ଗୁଳି ଛକ ନିକଟରେ ବ୍ରାଉନସୁଗାର କାରବାର ନେଇ ଅବକାରୀ ବିଭାଗକୁ ଗୁଇନ୍ଦା ସୂଚ଼ନା ମିଳିଥିଲା। ଯାହାକୁ ଆଧାର କରି ଅବକାରୀ ବିଭାଗ ଉକ୍ତ ସ୍ଥାନରେ ଚ଼ଢାଉ କରିଥିଲେ। ଏହି ଚ଼ଢାଉରେ ବିପୁଳ ପରିମାଣର ବ୍ରାଉନସୁଗାର ଜବତ ହୋଇଛି। ଯାହାର ମୂଲ୍ୟ ୩୧ ଲକ୍ଷ ଟଙ୍କା ହେବ ବୋଲି ସୂଚ଼ନା ମିଳିଛି। ସେହିପରି ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫ ଦୁଇ ଅଭିଯୁକ୍ତ ହେଲେ ବାସୁଦେବ ଦାସ ଓ ସରୋଜ କୁମାର ରାଉତ ବୋଲି ଜଣାପଡିଛି।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**କେନ୍ଦ୍ରାପଡା: ଏକ୍ସପ୍ରେସ ନ୍ୟୁଜ୍**

ମୁନିସିପାଲଟି ଫ୍ରେଜର ବାଳିକା ଉ.ପ୍ରା ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିଶୁ ମହୋତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରଳା ମିଶ୍ର ସଭାପତିତ୍ୱ କରିଥିଲେ ଓ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ବ୍ଲକର ଏବିଇଓ ବଳଦେବ ପ୍ରସାଦ ଜେନା ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗୁଲନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ତରାଇଙ୍କ ତତ୍ତ୍ୱାବଧାନରେ କ୍ଲଷ୍ଟରର ୧୪ଟି ପ୍ରଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ ଓ ୨ଟି ହାଇସ୍କୁଲ ଓ ୨ଟି କଲେଜର ୨୩୦ରୁ ଅଧିକ ଛାତ୍ରଛାତ୍ରୀ ୧୦ଟି ବିଭାଗର ପ୍ରତିଯୋଗିତାରେ ଭାଗ ନେଇଥିଲେ। ସିଆରସିସି ସଦାଶିବ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନ ସଭାରେ ମୁଖ୍ୟଅତିଥି ଭାବେ କାଉନସିଲର ରଶ୍ମିତା ସିଂ ଓ ଏସ୍‌ଏମ୍‌ସିର ଉପସଭାପତି ସେକ୍ ରଇସିଉଦ୍ଦିନ୍ କୃତୀ ପ୍ରତିଯୋଗିତାଙ୍କୁ ପୁରସ୍କୃତ କରିଥିଲେ।

## ବାଣିଜ୍ୟ

## ଆମାଜନ୍‌ର ୩୦ ହଜାର କର୍ମଚାରୀ ଛଟେଇ ହେବେ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ବହୁ ସଂଖ୍ୟକ କର୍ମଚ଼ାରୀଙ୍କୁ ଛଟେଇ କରିବାକୁ ଯୋଜନା କରୁଛି ଇ-କମର୍ସ କମ୍ପାନି ଆମାଜନ୍। ରଏଟର୍ସ ଅନୁଯାୟୀ, ଖର୍ଚ୍ଚ ହ୍ରାସ କରିବା ପାଇଁ ଆମାଜନ ପ୍ରାୟ ୩୦ ହଜାର ଲୋକଙ୍କୁ ଛଟେଇ କରିବାକୁ ଯୋଜନା କରୁଛି। ତେବେ ଦେଖିବାକୁ ଗଲେ କମ୍ପାନିର କର୍ମଚ଼ାରୀଙ୍କ ତୁଳନାରେ ଏହା ଏକ କ୍ଷୁଦ୍ର ଅଂଶ। କମ୍ପାନିରେ ସର୍ବମୋଟ ୧.୫୫ ନିୟୁତ କର୍ମଚ଼ାରୀ ରହିଛନ୍ତି। ୨୦୨୨ ମସିହା ଶେଷ ପରଠାରୁ ଏହା ଆମାଜନ୍‌ର ସବୁଠାରୁ ବଡ ଛଟେଇ ହେବ। କାରଣ ସେ ସମୟରେ କମ୍ପାନି ୨୭ ହଜାର କର୍ମଚ଼ାରୀଙ୍କର ଛଟେଇ କରିଥିଲା।




ଆମାଜନର ଜଣେ ମୁଖପାତ୍ର ଏହି ବିଷୟରେ କୌଣସି ମତାମତ ଦେବାକୁ ମନା କରିଦେଇଛନ୍ତି। ଆମାଜନ ଗତ ଦୁଇ ବର୍ଷ ଧରି ବିଭିନ୍ନ ବିଭାଗରୁ ଛୋଟ ଧରଣର ଛଟେଇ ଅଭିଯାନ ଆରମ୍ଭ କରିଛି। ଏଥର କମ୍ପାନି ୩୦ ହଜାରର ଟାର୍ଗେଟ ରଖିଛି। କମ୍ପାନିର ଏହି ନିଷ୍ପତ୍ତି ମାନବ ସମ୍ବଳ, ଲୋକ ଅଭିଜ୍ଞତା ଓ ପ୍ରଯୁକ୍ତିବିଦ୍ୟା, ପରିଚ଼ାଳନା, ଡିଭାଇସ୍ ଓ ସେବା, ଆମାଜନ ୱେବ୍ ସେବା ସମେତ ଅନେକ ବିଭାଗକୁ ପ୍ରଭାବିତ କରିପାରେ।

ଆମାଜନର ସିଇଓ ଏଣ୍ଡି ଜେସି ଜୁନ୍ ମାସରେ କହିଥିଲେ ଯେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପକରଣର ବର୍ଦ୍ଧିତ ବ୍ୟବହାର ଆହୁରି ଲୋକଙ୍କ ଚ଼ାକିରିକୁ କମାଇପାରେ। ଏହି ନୂତନ ପଦକ୍ଷେପ ସୂଚ଼ାଉଛି କି ଆମାଜନ କର୍ପୋରେଟ୍ ଦଳ ମଧରେ ଏଆଇ-ଆଧାରିତ ଉତ୍ପାଦକତା ବୃଦ୍ଧି କରୁଛି। ଯାହାଦ୍ୱାରା କର୍ମଚ଼ାରୀଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇବ।

ଏହି ପର୍ଯ୍ୟାୟ ପୂରା କେତେ ଜଣଙ୍କୁ ଛଟେଇ କରାଯିବା ଠିକ୍ ଭାବେ ସ୍ପଷ୍ଟ ହୋଇନାହିଁ। କିଛି ଜଣାଶୁଣା ଲୋକ କହୁଛନ୍ତି ଯେ ଆମାଜନ୍‌ର ଆର୍ଥିକ ପ୍ରାଥମିକତା ବଦଳିବା ସହିତ କର୍ମଚ଼ାରୀଙ୍କ ସଂଖ୍ୟା ବି ବଦଳିବ।

ଫର୍‌ଚ୍ୟୁନ୍ ପୂର୍ବରୁ ରିପୋର୍ଟ କରିଥିଲା ଯେ ମାନବ ସମ୍ବଳ ବିଭାଗ ପ୍ରାୟ ୧୫% କର୍ମଚ଼ାରୀ ହ୍ରାସର ସମ୍ମୁଖୀନ ହୋଇପାରେ। କର୍ମଚ଼ାରୀମାନଙ୍କୁ ସପ୍ତାହକୁ ପାଞ୍ଚ ଦିନ ଅଫିସକୁ ଫେରାଇ ଆଣିବା ପାଇଁ ଏହିବର୍ଷ ଆରମ୍ଭରେ ହୋଇଥିବା ଏକ କାର୍ଯ୍ୟକ୍ରମ ଯଥେଷ୍ଟ ନିଯୁକ୍ତି ସୃଷ୍ଟି କରିବାରେ ବିଫଳ ହୋଇଥିଲା। ଦୁଇ ଜଣ ଲୋକ ଏହାକୁ ବଡ଼ ଧରଣର ଛଟେଇର ଅନ୍ୟ ଏକ କାରଣ ବୋଲି ଉଲ୍ଲେଖ କରିଥିଲେ।

## ଓଡ଼ିଶାରେ ଗୁଜରାଟ କମ୍ପାନୀଙ୍କ ଆଧିପତ୍ୟ

**ଅନୁଗୋଳ: ଏକ୍ସପ୍ରେସ ନ୍ୟୁଜ୍**

ବିଭିନ୍ନ ପ୍ରଲୋଭନ ଦେଖାଇ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକର ୭ଟି ରାଜସ୍ୱ ଗ୍ରାମ ଅଞ୍ଚଳର ଜମିକୁ ହାତେଇଚ଼ାଲିଛି ଗୁଜରାଟରୁ ଆସିଥିବା ଗୁଜରାଟ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଜିଏମ୍‌ଡିସି)। ସ୍ଥାନୀୟ ଅଞ୍ଚଳର ରାଜନେତା ଓ ପ୍ରଶାସନିକ କଳକୁ ହାତ କରି ଏହି କମ୍ପାନୀ ସ୍ଥାନୀୟ ଲୋକଙ୍କ ଶତାଧିକ ହେକ୍ଟର ନିଜ ଅକ୍ତିଆରକୁ ନେଉଥିବା ଆଞ୍ଚଳିକ ସୁରକ୍ଷା ମଞ୍ଚ, ତାଳଚେର-ଅନୁଗୋଳ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତା, ପ୍ରଭାବିତ କେତୋଟି ଗ୍ରାମର ସଭାପତି ଓ ବିସ୍ଥାପିତ ପ୍ରଜାଙ୍କ ପକ୍ଷରୁ ଅଭିଯୋଗ କରାଯାଉଛି। ତେଣୁ ନିଜର ଭିଟାମାଟିକୁ ବଞ୍ଚାଇବା ପାଇଁ ଅଞ୍ଚଳବାସୀ ବିକ୍ଷୋଭ, ଆନ୍ଦୋଳନ ମାଧ୍ୟମରେ ଆପ୍ରାଣ ଉଦ୍ୟମ କରୁଛନ୍ତି।

ହାଣ୍ଡିଗୋଡ଼ା ଗ୍ରାମ ସଭାପତି ଭାରତ ନାୟକ କହିଛନ୍ତି, ଗ୍ରାମବାସୀଙ୍କ ସହିତ ଆଲୋଚ଼ନା ନ କରି ଜିଏମ୍‌ଡିସି କେତେଜଣ ମୁଷ୍ଟିମେୟ ଲୋକଙ୍କୁ ହାତକରି ଗାଁରେ ପଶି ସର୍ଭେ କରୁଛି। ନିରୀହ ଲୋକଙ୍କ ଜମି ଛଡ଼ାଇ ନେବାକୁ ଚ଼କ୍ରାନ୍ତ ଚ଼ଳାଇଛି। ଆଞ୍ଚଳିକ ସୁରକ୍ଷା ମଞ୍ଚର ଉପଦେଷ୍ଟା ସସ୍ମିତା ବେହେରା କହିଛନ୍ତି, ପୈତୃକ ଜମିର ସୁରକ୍ଷା ସହିତ ଜୀବନ ଜୀବିକା ବଞ୍ଚାଇବା ପାଇଁ ଅଞ୍ଚଳବାସୀ ଆନ୍ଦୋଳନ କରୁଛନ୍ତି। ଏଠାରେ ଖଣି ହେଲେ ନିକଟବର୍ତ୍ତୀ ଅଞ୍ଚଳର ଲୋକେ ଧୂଳିଧୂଆଁରେ କଲବଲ ହେବେ। ଚ଼ାଷବାସ ଉଜୁଡ଼ି ଜୀବନଜୀବିକା ପ୍ରଭାବିତ ହେବ। ଜଳ ଉତ୍ସ ଶୁଖିଯାଉଥିବାରୁ ପିଇବା ପାଣି ପାଇଁ ଲୋକେ ଦହଗଞ୍ଜ ହେବେ। ଏପରି କି ଶୁଦ୍ଧ ଅମ୍ଳଜାନ ଆଉ ମିଳିବ ନାହିଁ। ଖଣି ହେଲେ ଅଞ୍ଚଳର କି ପ୍ରକାର ବିକାଶ

### ଭିଟାମାଟି ବଞ୍ଚାଇବାକୁ ଲୋକଙ୍କ ଆପ୍ରାଣ ଉଦ୍ୟମ

ହୋଇଥାଏ, ତାହା କୋଇଲା ଖଣି ଅଞ୍ଚଳ ଜନସାଧାରଣ ଭୋଗୁଥିବା କଷ୍ଟ ଓ ସମ୍ମୁଖୀନ ହେଉଥିବା ନାନା ସମସ୍ୟାରୁ ସ୍ପଷ୍ଟ ହେଉଛି। ତେଣୁ ଏ ଅଞ୍ଚଳରୁ ଗୁଜରାଟ କମ୍ପାନୀକୁ ହଟାଇବା ପାଇଁ ଆନ୍ଦୋଳନ ଜାରି ରହିବ। ବିସ୍ଥାପିତ ପ୍ରଜା ନୀଳମଣି ପଣ୍ଡା କହିଛନ୍ତି, ଜିଏମ୍‌ଡିସି କମ୍ପାନୀ ପକ୍ଷରୁ କରାଯାଉଥିବା ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ବେଆଇନ। କମ୍ପାନୀ ପକ୍ଷରୁ ଜମିର ମୂଲ୍ୟାଙ୍କନ ଠିକ୍ ଭାବେ କରାଯାଉ ନାହିଁ। ଖଣି ଅଞ୍ଚଳରେ ଜମିର ମୂଲ୍ୟ ଗୋଟିଏ ରହିବା କଥା। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ବିଭିନ୍ନ ଜମିର ବିଭିନ୍ନ ମୂଲ୍ୟ ଦେଉଛନ୍ତି। ବିସ୍ଥାପନ ଓ ଥଇଥାନ ନେଇ କୌଣସି ଆଲୋଚ଼ନା କରୁନାହିଁ। ତାଳଚେର-ଅନୁଗୋଳ ବଞ୍ଚାଅ ଆନ୍ଦୋଳନର ଆବାହକ ଜଗଦାନନ୍ଦ ପ୍ରଧାନ କହିଛନ୍ତି, ଅନୁଗୋଳ ଜିଲ୍ଲାରେ ପ୍ରଦୂଷଣ ବଢ଼ିଚ଼ାଲିଛି। ଛେଣ୍ଡିପଦାରେ ମଧ ପରିବେଶର ଅବନତି ଦେଖିବାକୁ ମିଳୁଛି। ତେଣୁ ଏଠାରେ କୋଇଲା ଖଣି ପ୍ରକଳ୍ପକୁ ବାତିଲ କରିବାର ଆବଶ୍ୟକତା ରହିଛି।

ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକରେ ବୈତରଣୀ -ପଶ୍ଚିମ କୋଇଲା ଖଣି ରହିଛି। ଏହି ଖଣିକୁ ପୂର୍ବରୁ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ହାତେଇଥିଲା। ହେଲେ ଲୋକଙ୍କ ବିରୋଧ ଯୋଗୁ ଓଏମ୍‌ସି ଖଣି ଖନନରୁ ଓହରି ଯାଇଥିଲା। ଏବେ ଏହି କୋଇଲା ଖଣିକୁ ଗୁଜରାଟୀ କମ୍ପାନୀ ଜିଏମ୍‌ଡିସିକୁ ସଅଁପି ଦିଆଯାଇଛି। ଏଥିସହ ଖୋଲା କୋଇଲା ଖଣି କରିବାକୁ ୧,୧୯୬ ହେକ୍ଟର ଜାଗା କମ୍ପାନୀକୁ ପ୍ରଦାନ କରାଯାଇଛି। ଏହି କୋଇଲା ଖଣି ଯୋଗୁ ଛେଣ୍ଡିପଦା ଜଙ୍ଗଲ, ତେଣ୍ଟଲୋଇ କୋଡ଼ାସାହି, ପୋଡ଼ାପଡ଼ା ଜଙ୍ଗଲ, ମାଛକୁଟା ଓ ପୋଡ଼ାପଡ଼ା ଆଦି ୭ଟି ରାଜସ୍ୱ ଗ୍ରାମ ପ୍ରଭାବିତ ହେବ। ଲୋକଙ୍କ ଜୀବନ ଜୀବିକା ଉଜୁଡ଼ିଯିବ। ଜଳଠାରୁ ବାୟୁ ଯାଏ ସବୁକିଛି ପ୍ରଦୂଷଣର ବିଷ ବଳୟ ମଧକୁ ଚ଼ାଲିଯିବ। ଲୋକେ ରୋଗରେ ପଡ଼ି ଛଟପଟ ହେବେ। ତେଣୁ ଏଠାରେ ଖଣି କରାଇ ନ ଦେବା ପାଇଁ ପ୍ରଭାବିତ ଗ୍ରାମବାସୀ ଆନ୍ଦୋଳନ କରୁଛନ୍ତି। ଇତିମଧ୍ୟରେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଶେଷ ହୋଇଥିବା ବେଳେ ଖଣି ପାଇଁ ସର୍ଭେ କାର୍ଯ୍ୟ କମ୍ପାନୀ ଆରମ୍ଭ କରିଛି। ଏହାକୁ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ଜୋର୍‌ଦାର ବିରୋଧ କରାଯାଇଛି। ଏପରି କି କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ବିନା ଅନୁମତିରେ ଗ୍ରାମକୁ ଆସି ସର୍ଭେ ନ କରିବା ପାଇଁ କଡ଼ା ଚେତାବନୀ ଦିଆଯିବା ସହିତ ପ୍ରଶାସନିକ ଅଧିକାରୀଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରାଯାଇଛି। ତଥାପି କମ୍ପାନୀ କର୍ତ୍ତୃପକ୍ଷ ସର୍ଭେ ପାଇଁ ବାରମ୍ବାର ଗାଁକୁ ପଶୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି କମ୍ପାନୀ ଛେଣ୍ଡିପଦା ଆସିବା ଦିନଠାରୁ ଗାଁ ଗାଁ ମଧ୍ୟରେ ଅପ୍ରୀତିକର ସ୍ଥିତି ଉପୁଜାଉଛି। ଗାଁକୁ କିପରି ବିଭାଜନ କରିବ ସେ ନେଇ ଉଦ୍ୟମ ଚ଼ଳାଇଛି।

ଲୋକଙ୍କ ଅଭିଯୋଗ ସମ୍ପର୍କରେ ଜିଏମ୍‌ଡିସି କମ୍ପାନୀର ସିଏସ୍‌ଆର୍ ଦାୟିତ୍ୱରେ ଥିବା ପ୍ରଶାନ୍ତ ଦେହୁରୀଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଏ ନେଇ ମତାମତ ରଖିବାକୁ ଅଧିକୃତ ଅଧିକାରୀ ନୁହନ୍ତି ବୋଲି କହିବା ସହ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କହି ଫୋନ କାଟି ଦେଇଥିଲେ।

## ସୁପରଷ୍ଟାର ଜ୍ୟାକି ଚାନଙ୍କ ସହ ନଜର ଆସିଲେ ହ୍ରିତିକ

### ସିନେମାଫିନେମା ଟିଭିଫିବି

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ବଲିଉଡ ସୁପରଷ୍ଟାର ହ୍ରିତିକ ରୋଶନ ସୋମବାର ଫ୍ୟାନ୍ସଙ୍କୁ ଦେଇଛନ୍ତି ବଡ ଉପହାର। ହ୍ରିତିକ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ସୁପରଷ୍ଟାର ଜ୍ୟାକି ଚାନଙ୍କ ସହ ନିଜର ଏକ ଫଟୋ ସେୟାର କରିଛନ୍ତି। ଉଭୟଙ୍କୁ ଏକାଠି ଦେଖି ଫ୍ୟାନ୍ସ ଉତ୍ସାହିତ ଏବଂ ଏବେ ସେମାନଙ୍କର ନୂତନ ଫିଲ୍ମ ପାଇଁ କାମନା କରୁଛନ୍ତି। ଦୁଇ ସୁପରଷ୍ଟାରଙ୍କ ଏହି ଫଟୋ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି।



ହ୍ରିତିକ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଜ୍ୟାକି ଚାନଙ୍କ ସହିତ ଫଟୋ ସେୟାର କରି ଲେଖିଛନ୍ତି, 'ଆପଣଙ୍କୁ ଏଠାରେ ଭେଟି ବହୁତ ଭଲ ଲାଗିଲା, ଜ୍ୟାକି ଚାନ ସାର୍।' ହ୍ରିତିକ୍ ଏବଂ ଜ୍ୟାକି ଚାନଙ୍କ ଫଟୋ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି, ଉଭୟଙ୍କ ପ୍ରଶଂସକମାନେ ଅନେକ ମନ୍ତବ୍ୟ ଦେଉଛନ୍ତି। ଅଭିନେତା ଟାଇଗର ଶ୍ରଫ୍ ହ୍ରିତିକ ଏବଂ ଜ୍ୟାକିଙ୍କ ଫଟୋରେ 'ଫାୟାର ଇଟ୍ ଅପ୍!' ଲେଖିଥିଲେ। ନୀଲ ନୀତିନ ମୁକେଶ ଏକ ଫାୟାର ଇମୋଜି ସେୟାର କରିଥିଲେ। ସେହିପରି ଜଣେ ଫ୍ୟାନ୍ସ ଲେଖିଛନ୍ତି, 'ଗୋଟିଏ ଫ୍ରେମ୍‌ରେ ଦୁଇ କିମ୍ବଦନ୍ତୀ।' ଅନ୍ୟ ଜଣେ ଲେଖିଛନ୍ତି, 'ଗ୍ରୀକ୍ ଗଡ୍ ଏବଂ ମାର୍ଶାଲ୍ ଆର୍ଟସ୍ ଗଡ୍।' ଆଉ ଜଣେ ଲେଖିଛନ୍ତି, 'ଜ୍ୟାକି ଏବଂ ହ୍ରିତିକ ସାର୍ ତୁମକୁ ମୋର ଭଲପାଇବା।' ଆଉ ଜଣେ ଲେଖିଛନ୍ତି, 'ଦୟାକରି ଏକାଠି ଏକ ଫିଲ୍ମ କରନ୍ତୁ।'

ହ୍ରିତିକ ରୋଶନଙ୍କ ୱାର୍କଫ୍ରଣ୍ଟ ବିଷୟରେ କହିବାକୁ ଗଲେ, ଶେଷ ଥର ପାଇଁ 'ୱାର ୨'ରେ ନଜର ଆସିଥିଲେ। ଏହି ଅଭିନେତା ଆଗାମୀ ପ୍ରାଇମ୍ ଭିଡିଓ ଥ୍ରୀଲର୍ ଷ୍ଟର୍ମ ସହିତ ପ୍ରଯୋଜକ ଭାବରେ ଓଟିଟିରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏକ ନ୍ୟୁଜ୍ ପୋର୍ଟାଲ୍ ଅନୁଯାୟୀ, ଏହି ଧାରାବାହିକଟି ଅଜିତପାଲ ସିଂଙ୍କ ଦ୍ୱାରା ନିର୍ମିତ ଏବଂ ନିର୍ଦ୍ଦେଶିତ, ଯିଏ ଟାବାର୍ ଏବଂ ଫାୟାର୍ ଇନ୍ ଦ ମାଉଣ୍ଟେନ୍ସ ପାଇଁ ଜଣାଶୁଣା, ଯାହାକୁ ସନଡାନ୍ସ ଫିଲ୍ମ ଫେଷ୍ଟିଭାଲ୍ ପାଇଁ ମନୋନୀତ କରାଯାଇଥିଲା। ଷ୍ଟର୍ମ ମୁମ୍ବାଇରେ ସେଟ୍ ହୋଇଛି ଏବଂ ଖୁବଶୀଘ୍ର ଏହାର ନିର୍ମାଣ ଆରମ୍ଭ ହେବ।

# ପଞ୍ଝୁବିଶା ଜେଟି ମୁହାଣ ଏବେ ଜରାଜୀର୍ଣ୍ଣ





**୨୮।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ପଞ୍ଝୁବିଶା ଜେଟିର ରଙ୍ଗିନ ନକ୍ସା ରଙ୍ଗହୀନ ହୋଇଯାଇଛି । ଜନଗହଳିପୂର୍ଣ୍ଣ ମୁହାଣ ଏବେ ଜରାଜୀର୍ଣ୍ଣ । ବାଲେଶ୍ୱର ଜିଲ୍ଲା, ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ଏହି ପଞ୍ଝୁବିଶା ଜେଟି ଲାଗୁଛି ଖାଁ ଖାଁ । ସତେ ଯେମିତି ଅଲୋଡ଼ା ହୋଇପଡ଼ିଛି ସେଠାକାର ମତ୍ସ୍ୟ ବିତରଣ କେନ୍ଦ୍ର । ଏହି ଜେଟିରେ ୫୦୦ରୁ ଅଧିକ ଡଙ୍ଗାରେ ହଜାର ହଜାର ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ବେଳେ ଏବେ ଅଧିକାଂଶ ହାତବାନ୍ଧି ବସିଛନ୍ତି । ମୁହାଣ ପୋତି ହୋଇଯାଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି । ତେବେ ପଙ୍କ ଉଦ୍ଧାର ଓ ଉନ୍ନୟନ କାର୍ଯ୍ୟ ନାଁରେ ସରକାର ଦୁଇଟି ପର୍ଯ୍ୟାୟରେ ୮ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ କରିଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଓଲଟା । ଆଜି ବି ମୁହାଣ ପୋତିହୋଇ ରହିଥିବାରୁ ପାଖାପାଖି ଶହେ ଡଙ୍ଗା ବଡ଼ କଷ୍ଟରେ ପେଲି ଠେଲି କରି ସମୁଦ୍ର ଭିତରକୁ ମାଛ ମାରି ଯିବା ସମ୍ଭବ ହେଉନାହିଁ । ଏହାକୁ ନେଇ ମତ୍ସ୍ୟଜୀବୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, ପଞ୍ଝୁବିଶା ଜେଟିରେ ସକାଳୁ ସନ୍ଧ୍ୟା ଯାଏ ମାଛ ହାଟରେ ଭରପୁର ଲୋକଙ୍କ ଗହଳି ରହିବା ସ୍ଥାନରେ ଏବେ ଖାଁ ଖାଁ ଲାଗୁଛି । ପୂର୍ବ ସରକାରଙ୍କ ସମୟରେ ମୁହାଣରୁ ପଙ୍କ ଉଦ୍ଧାର ଓ ବିକାଶ ନାମରେ କୋଟି କୋଟି ଟଙ୍କା ବ୍ୟୟ କରାଯାଇଥିଲେ ମଧ୍ୟ ତାହା ଫଳପ୍ରଦ ହୋଇନାହିଁ । ପୂର୍ବରୁ ପଞ୍ଝୁବିଶା ନଦୀ ଗଭୀର ହୋଇ ବର୍ଷା ଜଳ, କୋଷ୍ଟ କେନାଲ ଜଳ ଠିକ ଭାବେ ଜେଟି ମୁହାଣ ଦେଇ ସମୁଦ୍ରକୁ ବୋହିଯାଉଥିଲା । ସମୟାନୁସାରେ ଉପରମୁଣ୍ଡରେ ଚିଙ୍ଗୁଡି ଫାର୍ମ କରିଥିବା ଲୋକେ ବର୍ଷା ଜଳ ସହ କୋଷ୍ଟ କେନାଲ ଜଳର ଗତିପଥକୁ ବଦଳାଇ ଦେଇଛନ୍ତି । ଏପରିକି କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ମଧ୍ୟ ନିଜର ଲାଭଖୋର ମନୋବୃତ୍ତି ପାଇଁ ଜଳର ଗତିପଥ ପଞ୍ଝୁବିଶା ନଦୀକୁ ନଛାଡି ଅନ୍ୟତ୍ର ସ୍ଥାନାନ୍ତର କରିଛନ୍ତି । ଜଳର ଗତିପଥ ବଦଳିବାରୁ ନଦୀ ମୁହାଣ ଆସ୍ତେ ଆସ୍ତେ ପୋତି ହୋଇଯାଇଛି ।

ରକ୍ଷଣାବେକ୍ଷଣା ଓ ସୁରକ୍ଷା ଅଭାବରୁ ମତ୍ସ୍ୟ ଅବତରଣ କେନ୍ଦ୍ରରେ ଖଣ୍ଡ ଖଣ୍ଡ ହୋଇ ସିମେଣ୍ଟ ଖସିପଡୁଛି । ଲୁଣା ଜଳ ଜନବସତିକୁ ନମାଡ଼ିବା ପାଇଁ ସ୍ଥାୟୀ ବନ୍ଧ ନିର୍ମାଣ କାଁଭାଁ ହୋଇଥିବା ବେଳେ ତାହା ମଧ୍ୟ ନଷ୍ଟ ହୋଇଗଲାଣି । ଏଭଳି ପରିସ୍ଥିତିରେ କୂଳବେଉସା ଛାଡି ଅନେକ ଯୁବକ ଏବେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ପଳାଉଛନ୍ତି । ନୂଆ ସରକାର, ଭଦ୍ରକ ସାଂସଦ, ସୋର ବିଧାୟକ ଏବଂ ଜିଲା ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଇ ମତ୍ସ୍ୟଜୀବୀଙ୍କର ଉନ୍ନତି ପାଇଁ ପ୍ରୟାସ କରିବାକୁ ସାଧାରଣରେ ଦାବି ହୋଇଛି ।

## ଆଜିର ରାଶିଫଳ

| ତାରିଖ | ବୁଧବାର– ସପ୍ତମୀ |
|---|---|
| ୨୯.୧୦.୨୦୨୫ | ନକ୍ଷତ୍ର– ଉତ୍ତରାଷାଢ଼ା, ମକରଚନ୍ଦ୍ର |



| | |
|---|---|
| **ମେଷ** | : କର୍ମକ୍ଷେତ୍ରରେ ଆନନ୍ଦିତ ହେବେ । |
| **ବୃଷ** | : ପୂର୍ବକଥାକୁ ନେଇ ଅନୁଶୋଚନା କରିବେ । |
| **ମିଥୁନ** | : ଯାନବାହନରେ ଆଘାତ ପାଇପାରନ୍ତି । |
| **କର୍କଟ** | : ଭୂମି ଲାଭର ସୁଯୋଗ ରହିଛି । |
| **ସିଂହ** | : ମାନସିକ ଶାନ୍ତି ପାଇବେ । |
| **କନ୍ୟା** | : ଅପେକ୍ଷା କାର୍ଯ୍ୟରେ ସଫଳତା ପାଇବେ । |
| **ତୁଳା** | : କଳହ ଯୋଗ ରହିଛି । |
| **ବିଛା** | : ସୁସମ୍ବାଦ ପ୍ରାପ୍ତି ହେବେ । |
| **ଧନୁ** | : ଅଯଥା ଖର୍ଚ୍ଚାନ୍ତରେ ପଡ଼ିବେ । |
| **ମକର** | : ବନ୍ଧୁଙ୍କ ସହଯୋଗ ପାଇବେ । |
| **କୁମ୍ଭ** | : ବ୍ୟବସାୟରେ କ୍ଷତିଗ୍ରସ୍ତ ହେବେ । |
| **ମୀନ** | : ସମ୍ମାନ ପ୍ରାପ୍ତି ହେବେ । |

## ଲଗାଣ ବର୍ଷାରେ ଉଜୁଡ଼ିଲା ଚାଷ

**ଖଲ୍ଲିକୋଟ, ୨୮।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଦକ୍ଷିଣ ଓଡ଼ିଶାରେ ଗତକାଲିଠାରୁ ମନ୍ଥାର ପ୍ରଭାବରେ ଲାଗି ରହିଥିବା ଲଗାଣ ବର୍ଷାରେ ଖଲ୍ଲିକୋଟ ଅଞ୍ଚଳର ହଜାର ହଜାର ହେକ୍ଟରର ଧାନ ଫସଲ ସାଙ୍ଗକୁ ସହସହ ଏକର ପନିପରିବା ଫସଲ କ୍ଷତି ହୋଇଯାଇଛି । ଆଗକୁ ଆହୁରି ଦୁଇଦିନ ବାକି ଅଛି । ସ୍ଥାନୀୟ ପ୍ରଶାସନ କେବଳ ଜିରୋ କାଜୁଲଟି ଉପରେ ଗୁରୁତ୍ୱ ଦେଉଛନ୍ତି, ଏଥିପାଇଁ ମଧ୍ୟ ପ୍ରିକାସନ ନେଉଛନ୍ତି । ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ, କିନ୍ତୁ ପ୍ରଶାସନ ଚାଷୀ ଓ ଚାଷଜମି ଉପରେ କୌଣସି ଆଗୁଆ ପଦକ୍ଷେପ ନେଇ ଚାଷୀ ମାନଙ୍କୁ ଜଣାଉନାହାନ୍ତି । ଖଲ୍ଲିକୋଟ ତହସିଲର ବିଏନ ପୁର, କୋମଣ୍ଡ, ଦାନପୁର, ବାଣିଆ, ଓ ଚିକିଲି ପଞ୍ଚାୟତର ଗ୍ରାମ ଗୁଡିକର ଚାଷଜମି ଋଷିକୂଲ୍ୟା ନଦୀ ଦ୍ୱାରା ପ୍ରଭାବିତ ହୋଇ କ୍ଷତି ହେଉଛି, ନାୟିକାଣୀପଲୀ, କଞ୍ଚଣା, ତାଳପଡା, ତୁଳସିପୁର, ଖୋଜାପଲ୍ଲୀ, ଭିକପଡା, ଆଇଟିପୁର ଓ ତେନ୍ତୁଳିଆପଲ୍ଲୀ ପଞ୍ଚାୟତର ଚାଷଜମି ଗୁଡିକ ଲଗାଣ ବର୍ଷାରେ ପାହାଡ଼ ପାଣି ମାଡି ବହୁତ ଫସଲ ନଷ୍ଟ ହେଉଛି । ଉପକୂଳବର୍ତ୍ତୀ ପଞ୍ଚାୟତ ମାନଙ୍କ ସମେତ ଅନ୍ୟ ବାକି ପଞ୍ଚାୟତ ଗୁଡିକର ବର୍ଷା ପାଣି ଚିଲିକାର ଜୁଆର ଯୋଗୁଁ ନିଷ୍କାସନ ହୋଇନପାରି ଫସଲ ଗୁଡିକ ପଚିଯାଉ ଚିଲିକାକୁ ସଂଯୋଗ ହୋଇଥିବା କେନାଲ ଗୁଡିକ ସରକାର ସଫା ନ କରିବା ଦ୍ୱାରା ବର୍ଷା ପାଣି ନିଷ୍କାସନ ହୋଇପାରୁନି । ପ୍ରାୟ ୧୦ରୁ ୧୨ଟି ପଞ୍ଚଯାତ ଏରିଆରୁ ପନିପରିବା ବିକ୍ରୟ ପାଇଁ ଆସେ । ବର୍ଷାରେ କ୍ଷତି ହେବାଦ୍ୱରା ପରିବା ଦର ଆକାଶଛୁଆଁ ସାଙ୍ଗକୁ ମିଳବା କଷ୍ଟ । ଆଗକୁ କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ସମସ୍ତଙ୍କ ପାଇଁ ପଞ୍ଚୁକ ହବିଷ ଅଛି । ତେଣୁ ଗଞ୍ଜାମ ଜିଲ୍ଲାବାସୀ ମୁଣ୍ଡରେ ହାତଦେଇ ଚିନ୍ତାରେ ବସିଛନ୍ତି । ମନ୍ଥାର କାର୍ଯ୍ୟକଳାପ ସରିଲାପରେ ଚାଷୀମାନଙ୍କ ପାଇଁ ସ୍ଥାନୀୟ ପ୍ରଶାସନ ଓ ବିଧାୟକ କି ପଦକ୍ଷେପ ନେଉଛନ୍ତି ଦେଖିବାକୁ ବାକିରହିଲା ।

## ଧିମାଗତିରେ ଚାଲିଛି କୋର୍ଟ ବିଲ୍ଡିଂ ନିର୍ମାଣ : ସରିବାକୁ ନେଇ ଆଶଙ୍କା

**ନିଆଳି, ୨୮।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଥମ ଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟ କମ ଜୁନିଅର ଡିଭିଜନ ସିଭିଲ ଜଜକୋର୍ଟ ସ୍ଥାପନରେ ବିଳମ୍ବ ହେବାକୁ ନେଇ କଣ୍ଟାପଡା ତହସିଲ କାର୍ଯ୍ୟାଳୟ ଆଗରେ ତୃପ୍ତି ରଂଜନ ବେହେରାଙ୍କ ନେତୃତ୍ୱ ରେ ସର୍ବ ଦଳୀୟ ଆନ୍ଦୋଳନ ଗତ ୧୮. ୯.୨୦୨୫ରେ କରାଯାଇଥିଲା । ଏହି ଆନ୍ଦୋଳନ ପରେ ପ୍ରଶାସନ ପକ୍ଷରୁ ଦୁଇ ମାସ ଭିତରେ କୋର୍ଟ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା । ତହସିଲଦାର ପ୍ରସନ କୁମାର ସାମନ୍ତରାୟ ଏବଂ ଡିଷ୍ଟ୍ରିକ୍ଟ ଜଜ ବସନ୍ତ କୁମାର ମହାନ୍ତି ପହଞ୍ଚି ପ୍ରତିଶ୍ରୁତି ଦେଇଥିଲେ । ପ୍ରତିଶ୍ରୁତିର ସମୟ ସୀମା ମଧ୍ୟରେ କୋର୍ଟ ଖୋଲିବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ଜଳ ସେଚନ ବିଭାଗର କାର୍ଯ୍ୟାଳୟ ପରିସରରେ ଏକ ପୁରୁଣା ଗୃହକୁ ମରାମତି କରାଯାଇ କୋର୍ଟ କାର୍ଯ୍ୟ କରାଯିବ ବୋଲି ଆଲୋଚନା ହୋଇଥିଲା। ଏହାର କାମ ମଧ୍ୟ ଆରମ୍ଭ ହୋଇଛି ସତ୍ୟ । ହେଲେ ଅତି ଧିମାଗତିରେ ହେଉଥିବାରୁ ସମୟ ସୀମା ମଧ୍ୟରେ ସରି। ନେଇ ଆଶଙ୍କା ଦେଖା ଦେଇଛି । ଯାହାକୁ ନେଇ ବୁଦ୍ଧିଜୀବୀ ଓ ଆଇନଜୀବି ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଆଗକୁ ବର୍ଷା ଓ ବାତ୍ୟା ଥିବାରୁ ଏହାର କାମ ଅବହେଳିତ ହେବାର ଆଶଙ୍କା ଅଛି । ଯଥା ଶୀଘ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କିଭଳି କାର୍ଯ୍ୟ ତ୍ୱରାନ୍ୱିତ ହେବ ସେ ନେଇ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଜାଲ୍ ପ୍ରଣାମ ପତ୍ର ଦେଇ କଡଲା ପୂର୍ବତନ ସରପଞ୍ଚ ଦଣ୍ଡିତ

**ଢେଙ୍କାନାଳ, ୨୮।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ କଡଲା ପଞ୍ଚାୟତରେ ଅନୁଷ୍ଠିତ ନିର୍ବାଚନରେ ଜାଲ ଜାତିଗତ ପ୍ରମାଣ ପତ୍ର ଦେଇ ନିର୍ବାଚନ ଜିତି ସରପଞ୍ଚ ପଦ ହାତେଇଥିବା ସରପଞ୍ଚ ପ୍ରାର୍ଥୀନୀ ଅନୁସୟା ଗଡ଼ନାୟକଙ୍କୁ ଆଜି ହିନ୍ଦୋଳ ଏସଡିଜିଏମ କୋର୍ଟ ୪୬୮/୪୭୧ ଦୁଇଟି ଦଫା ଲଗାଇ ୨ ବର୍ଷ ଜେଲ ଦଣ୍ଡ ସହିତ ୧୦ ହଜାର ଜୋରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ କଡଲା ପଞ୍ଚାୟତ ସରପଞ୍ଚ ଅନୁସୟା ଗଡ଼ନାୟକ ସ୍ୱାମୀ ସନ୍ତୋଷ ଗଡ଼ନାୟକ ଜାତିରେ କ୍ଷତ୍ରୀୟ ହୋଇଥିଲେ ମଧ୍ୟ ନିଜ ସ୍ତ୍ରୀ ସ୍ତ୍ରୀ ଅନୁସୟାଙ୍କୁ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ଭାବେ ଛିଡା କରିବା ପାଇଁପଛୁଆ ବର୍ଗ ସାର୍ଟଫିକେଟ ପାଇଁ ନିଜେ ରାଗୋଳ ଆରଆଇ ସାଜି ସମସ୍ତ କାଗଜ ପତ୍ର ଜନସେବା କେନ୍ଦ୍ର ମାଧ୍ୟମରେ ହିନ୍ଦୋଳ ତହସିଲଦାରଙ୍କୁ ପ୍ରଦାନ କରି କୌଶଳ କ୍ରମେ ପଛୁଆ ବର୍ଗ ସାର୍ଟଫିକେଟ ହାତେଇ ନେଇଥିଲେ । ପ୍ରକୃତ ପକ୍ଷେ ସେ ସାଧାରଣ ବର୍ଗର ହୋଇଥିବା ବେଳେ ନିର୍ବାଚନ ତାରିଖ ଘୋଷଣା ହେବା ପରେ କୌଶଳ କ୍ରମେ ସାର୍ଟଫିକେଟକୁ ଫର୍ଜରୀ କରି ଅନୁସୟାର ପ୍ରାର୍ଥିତ୍ୱ କାଏମ ରଖିଥିଲେ । ଏହାକୁ ନେଇ ସେତେବେଳେ ବିପରୀତ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ହିନ୍ଦୋଳ ବିଡ଼ିଓଙ୍କ ଠାରୁ ଆରମ୍ଭ କରି ଢେଙ୍କାନାଳ ଜିଲ୍ଲାପାଳ ଓ ନିର୍ବାଚନ କମିଶନରଙ୍କୁ ଏ ସମ୍ବନ୍ଧରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଅନୁସୟା ନିଜର କର୍ତ୍ତୃତ୍ୱ ବଳରେ ସରପଞ୍ଚ ପଦବୀ ହାତେଇ ନେଇଥିଲେ । ପରେ ରାଗୋଳ ଆରାଇଙ୍କ ପତ୍ର ସଂଖ୍ୟା ୭୮ରେ ଅନୁସୟା ଖଣ୍ଡାୟତ ନୁହଁ ସେ କ୍ଷତ୍ରୀୟ ବୋଲି ହିନ୍ଦୋଳ ତହସିଲଦାରଙ୍କୁ ଲିଖିତ ଜଣାଇ ଥିଲେ ଏହାପରେ ତହସିଲଦାର ତାଙ୍କ ଜାତିଗତ ପ୍ରମାଣ ପତ୍ରକୁ ରଦ କରି ଏ ସମ୍ବନ୍ଧରେ ଉପଜିଲ୍ଲାପାଳଙ୍କୁ ଲିଖିତ ଦେବାପରେ ସେ ସେହି ସାର୍ଟିଫିକେଟ ରଦ ହେବା ପରେ ତାଙ୍କ ସରପଞ୍ଚ ପଦବୀକୁ ଉପଜିଲ୍ଲାପାଳ ଅସିଦ୍ଧି କରିଥିଲେ । ହେଲେ ଅନୁସୟା ନ୍ୟାୟାଳୟର ଆଶ୍ରୟ ନେଇ ନିଜର ସରପଞ୍ଚ ପଦବୀକୁ ରଖିପାରିଥିଲେ । ଦୀର୍ଘ ପାଂଚ ବର୍ଷ ମଧ୍ୟ ସରପଞ୍ଚ ପଦବୀରେ ରହି ସମସ୍ତ ସୁବିଧା ହାତେଇ ଥିଲେ । ଦୀର୍ଘ ଦିନର କୋର୍ଟ ଲଢେଇ ପରେ ଆଜି ହିନ୍ଦୋଳ ମାନ୍ୟବର ଏସଡିଜିଏମ ରୋଜି ତ୍ରିପାଠୀ ଅନୁସୟାଙ୍କୁ ଜାଣିଶୁଣି ଜାଲ ସାର୍ଟିଫିକେଟ ଦେଇ ପଦବୀ ହାତେଇ ଥିବା ଅଭିଯୋଗରେ ୨ ବର୍ଷ ଜେଲ ସହିତ ୧୦ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଉକ୍ତ କେଶକୁ ସରକାରୀ ଓକିଲ ଭାବେ ହିମାଂଶୁ ଭୂଷଣ ମିଶ୍ର ଓ ସୁଶୀଲ ଗଡ଼ନାୟକ ଲଢୁଥିବା ବେଳେ ସେହି ପଞ୍ଚାୟତର ଶ୍ରୀକାନ୍ତ ସାହୁ ତାଙ୍କ ନାମରେ କେସ୍ ଦାୟର କରିଥିବା ବେଳେ କୋର୍ଟରୁ ଜେଲ ଦଣ୍ଡ ପାଇବା ପରେ ଅନୁସୟା ଯାମିନୀରେ ଯାଇଥିବା ସରକାରୀ ଓକିଲ ପ୍ରକାଶ କରିଛନ୍ତି ।

## ୨ ବନ୍ୟପ୍ରାଣୀ ଶିକାରୀ ଗିରଫ

**ଭଞ୍ଜନଗର, ୨୮।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଘୁମୁସର ଉତ୍ତର ବଡ଼ଖଣ୍ଡ ମୁଜାଗଡ଼ ରେଞ୍ଜ ବାହାଡ଼ାପଦର ଗ୍ରାମ୍ୟ ଜଙ୍ଗଲ ନିକଟରୁ ବଡ଼କର୍ମଚାରୀ ଦୁଇଜଣ ଶିକାରୀଙ୍କୁ ଗିରଫ କରିଛି । ସେମାନେ ହେଲେ ସମାପଲ୍ଲୀର ଶରତ ନାଇକ ଏବଂ ବାହାଡ଼ାପଦରର ବନମାଳୀ ଭୂୟାଁ । ବନ ବିଭାଗ ଗିରଫ ଅଭିଯୁକ୍ତ ଠାରୁ ବିପୁଳ ପରିମାଣର ଜିଆଇ ଏବଂ ସର୍ଭିସ ତାର ଜବତ କରିଛି । ଗିରଫ ଦୁଇଜଣଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଯେ, ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡର ବିଭିନ୍ନ ରେଞ୍ଜରେ କାଠି ଚୋରି ଏବଂ ବନ୍ୟାପ୍ରାଣୀ ଶିକାର ଦିନକୁ ଦିନ ବଢ଼ିବାରେ ଲାଗିଛି । ଏ ନେଇ ପରିବେଶବିତ୍‌ମାନେ ଚିନ୍ତାବ୍ୟକ୍ତ କରିଛନ୍ତି । ଏଭଳି ପରିସ୍ଥିତିରେ ସୋମବାର ସନ୍ଧ୍ୟାରେ ବାହାଡ଼ାପଦର ଗ୍ରାମର ବନମାଳୀ ଗାଁ ନିକଟ ଜମିରୁ ଜଙ୍ଗଲ ପର୍ଯ୍ୟନ୍ତ ହୁକିଙ୍ଗ ତା'ର ବିଛାଇଥିଲେ ଶିକାର ପାଇଁ । ଏଥିରେ ଶରତ ଏବଂ ଅନ୍ୟମାନେ ସହଯୋଗ କରିଥିଲେ । ସେଥିରେ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି, ଏସିଏଫ୍ ବିବେକ କୁମାର ଦାସ, ରେଞ୍ଜରର ବିମ୍ବାଧର ସାହୁ କୌଣସି ସୂତ୍ରରୁ ଖବର ପାଇ ବନପାଳ ବବୁଲ ସେଠୀ ଏବଂ ବନରଖୀ ସଙ୍ଗୀତା କୁମାରୀ ପଟ୍ଟନାୟକଙ୍କୁ ଆବଶ୍ୟକ ପଦକ୍ଷେପ୨ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ବନକର୍ମଚାରୀଙ୍କ ସହ ଘଟଣାସ୍ଥଳରେ ଚଢ଼ାଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲେ । ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ ।

## ୪ ଦିନ ହେଲା ଯୁବକ ନିଖୋଜ



**ନିଆଳି : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ଅଧିନ ନିଆଳି ପଞ୍ଚାୟତ ଦିନା ସିଂହ ପାଟଣାର ବିଶ୍ୱଜିତ ସିଂହ (୨୪) ଗତ ୨୩ ତାରିଖ ଅପରାହ୍ନରେ ଭୁବନେଶ୍ୱର ଯାଉଛି କହି ଆଜି ପର୍ଯ୍ୟନ୍ତ ଘରକୁ ଫେରି ନାହାନ୍ତି । ସେଦିନ ସନ୍ଧ୍ୟା ଠାରୁ ବିଶ୍ୱଜିତଙ୍କ ମୋବାଇଲ ସ୍ୱିଚ ବନ୍ଦ ରହିଛି । ଗଲା ବେଳେ ଏକ ସ୍କୁଟି ନେଇ ଯାଇଥିବା ବେଳେ ନମ୍ବର ଓଡି ୦୫ ବିୱାଇ–୪୦୫୮ ଅଟେ । ଘରୁ ଗଲା ବେଳେ କଳା ରଙ୍ଗର ସାର୍ଟ ପିନ୍ଧିଥିବା ବେଳେ ନୀଳ ରଙ୍ଗର ପ୍ୟାଣ୍ଟ ପିନ୍ଧିଥିଲେ । ଉଚ୍ଚତା ୫ ଫୁଟ ୭ ଇଞ୍ଚ ହୋଇଥିବା ବେଳେ ମଧ୍ୟମ ଧରଣର ସ୍ୱାସ୍ଥ୍ୟ ଅଟେ । ଏ ସମ୍ପର୍କ ରେ ବିଶ୍ୱଜିତଙ୍କ ଦାଦା ଅକ୍ଷୟ କୁମାର ସିଂହ ନିଆଳି ଥାନାରେ ଅଭିଯୋଗ କରିଛନ୍ତି । ଯଦି କୌଣସି ସହୃଦୟ ବ୍ୟକ୍ତି ଏ ସମ୍ବନ୍ଧରେ ସୂଚନା ପାନ୍ତି, ନିକଟସ୍ଥ ନିଆଳି ଥାନା ସହିତ ଯୋଗାଯୋଗ କରିବାକୁ ପରିବାର ଲୋକେ ଅନୁରୋଧ କରିଛନ୍ତି । ବିଶ୍ୱଜିତଙ୍କ ନିଖୋଜ ହେବା ଠାରୁ ପରିବାର ଲୋକେ ବିଭିନ୍ନ ଆଡେ ଖୋଜାଖୋଜି ଜାରି ରଖିଥିବା ବେଳେ ଘରେ ଚୁଲି ଜଳୁ ନଥିବା ସ୍ଥାନୀୟ ପଡୋଶୀ ଓ ଗ୍ରାମବାସୀ କହିଛନ୍ତି ।

## ସ୍ୱାସ୍ଥ୍ୟ ବିଭାଗର ଅଜବ ନିୟମ : ଆଇପିଡି ରୋଗୀଙ୍କୁ ଭାତ ବାଧ୍ୟତାମୂଳକ

**ଝାରସୁଗୁଡ଼ା, ୨୮।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**





ଡାକ୍ତରଖାନାରେ ରୋଗୀଙ୍କୁ କିଭଳି ଭଲ ଡାଏଟ୍ ବା ଉତ୍ତମ ଆହାର ମିଳିପାରିବ ସେନେଇ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ସରକାରୀ ତହବିଲରୁ ବି ମାସିକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । କିନ୍ତୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ଡାଏଟ ସୂଚୀରେ ଉଭୟ ଓଳି କେବଳ ଭାତ ରହିଥିବା ବେଳେ ଡାଇବେଟିସ ରୋଗୀ ଓ ଗୋଟିଏ ଓଳି ଭାତ ଖାଉଥିବା ରୋଗୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଏମ ଏମ ପଣ୍ଡାଙ୍କୁ ପଚାରିବାରେ ଡାଇବେଟିସ ରୋଗୀଙ୍କ ପାଇଁ ଡାକ୍ତରଙ୍କ ପରାମର୍ଶ କ୍ରମେ ସ୍ୱତନ୍ତ୍ର ଡାଏଟ ଦିଆଯାଉଥିବା କହିଛନ୍ତି । ଶିଳ୍ପ ଓ ଖଣି ବହୁଳ ଜିଲ୍ଲା ଝାରସୁଗୁଡାରେ ବାହାର ରାଜ୍ୟର ଲୋକଙ୍କ ସଂଖ୍ୟା ଅଧିକ । ଫଳସ୍ୱରୂପ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅନ୍ତଃ ବିଭାଗରେ ଚିକିତ୍ସିତ ହେଉଥିବା ଦୈନିକ ହାରାହାରି ୩୦୦ ରୋଗୀଙ୍କ ମଧ୍ୟରେ ଅର୍ଦ୍ଧାଧିକ ଅଣଓଡ଼ିଆ ରହିଥାନ୍ତି । ସାଧାରଣତଃ ଓଡ଼ିଆ ଲୋକଙ୍କ ବ୍ୟତୀତ ଅନ୍ୟମାନେ ଭାତ ସହିତ ରୁଟି ଖାଇବାକୁ ପସନ୍ଦ କରୁଥିବା ବେଳେ ଦୈନିକ ସର୍ବାଧିକ ଗୋଟିଏ ଓଳି ହିଁ ସେମାନେ ଭାତ ଖାଇଥାନ୍ତି । କିନ୍ତୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଦିଆଯାଉଥିବା ଡାଏଟ ସୂଚୀରେ ନିତିଦିନ ଭାତ ସହିତ ବିଭିନ୍ନ ପ୍ରକାର ଖାଦ୍ୟ ଦିଆଯାଉଥିବା ବେଳେ ଏଥିରେ ରୁଟିକୁ ସ୍ଥାନିତ କରାଯାଇନାହିଁ । ଫଳରେ ଭାତ ଖାଉନଥିବା ରୋଗୀ ସମ୍ପର୍କୀୟମାନେ ଡାକ୍ତରଖାନା ବାହାରେ ଥିବା ଠେଲାରୁ ଯାଇ ରୁଟି ଆଣିବାକୁ ବାଧ ହେଉଥିବା ଦେଖିବାକୁ ମିଳିଛି । ଯଦ୍ୱାରା ରୋଗୀଙ୍କୁ ଡାକ୍ତରଖାନାରେ ବି ସୁଷମ ଖାଦ୍ୟ ମିଳିପାରୁନଥିବା ବେଳେ ରୋଗୀ ସମ୍ପର୍କୀୟଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଥିବା ଅଭିଯୋଗ ହୋଇଛି । ସେପଟେ, ଜଣେ ରୋଗୀଙ୍କ ସକାଳ ଓଳି ଜଳଖିଆ, ମଧ୍ୟାହ୍ନ ଭୋଜନ ଓ ରାତ୍ରି ଭୋଜନ ପାଇଁ ଦୈନିକ ମାତ୍ର ୯୫ ଟଙ୍କା ମିଳୁଥିବାରୁ ଏତିକି ଟଙ୍କାରେ ରୋଗୀଙ୍କୁ ରୁଟି, ପରଟା ଭଳି ଖାଦ୍ୟ ଦେବା ସମ୍ଭବ ବି ନୁହେଁ ବୋଲି ଜଣେ କର୍ମଚାରୀ କହିଛନ୍ତି ।

## ଛତୁଆରୁ ବାହାରୁଛି ପୁଳାପୁଳା ଚୋକଡ଼

**ଢେଙ୍କାନାଳ, ୨୮।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ସମଗ୍ର ରାଜ୍ୟକୁ ପୋଷଣ ମୁକ୍ତ ହେଉ। ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କ ସ୍ୱାସ୍ଥ୍ୟର ଉନ୍ନତି ହେଉ । ହେଲେ ଗଁଦିଆ ବ୍ଲକରେ ଏଭଳି ଉତ୍ସବ ପାଳନ କେବଳ କାଗଜ କଲମରେ ସୀମିତ ବୋଲି ଅଭିଯୋଗ ହେଉଛି । ଖୁଲମଖୁଲା ଶିଶୁ, ଗର୍ଭବତୀ ଓ ପ୍ରସୁତିଙ୍କ ପାଇଁ ଉଦ୍ଦିଷ୍ଟ ଛତୁଆ ନିମ୍ନମାନର, ରୁଚିହୀନ ଆଉ ସେଥିରୁ ପୁଳା ପୁଳା ଚୋକଡ ବାହାରିବା ଚର୍ଚ୍ଚା ହେଉଛି ।

ମିଳିଥିବା ସୂଚନା ଅନୁସାରେ ଚଳିତ ମାସ ଛତୁଆ ତଦନ୍ତ ପରିସରକୁ ଅଣାଗଲେ ସବୁ ସତ୍ୟ ଜଣା ପଡିବ ବୋଲି ଗଣମାଧ୍ୟମରେ ଅଭିଯୋଗ ହୋଇ ଆସୁଥିଲା। ଛତୁଆରେ ଆବଶ୍ୟକତା ଥିବା ବାଦାମ ଆଉ ଶୋଲା ପରିମାଣ ଅନୁଯାୟୀ ମିଶ୍ରଣ ହେଉନଥିବାରୁ ଛତୁଆର ମାନ ଠିକ୍ ରହୁନାହିଁ ବୋଲି ବିଭିନ୍ନ ସମୟେ ଚର୍ଚ୍ଚା ହୋଇଆସୁଛି। ଏହାକୁ ନେଇ ଗଁଦିଆ କାର୍ଯ୍ୟାଳୟ ବିବାଦ ଘରକୁ ଆସୁଥିବା ସତ୍ତ୍ୱେବି ସମ୍ପୃକ୍ତ ଛତୁଆ ପ୍ରସ୍ତୁତକାରୀ ସଂସ୍ଥା ଏଥିନେଇ ଭ୍ରୁକ୍ଷେପ କରୁନଥିଲେ। ଯାହା ଫଳରେ ଛତୁଆର ମାନ ଦିନକୁ ଦିନ ନିମ୍ନମାନର ହୋଇ ଚାଲୁଛି। ଆଜି ଜଣେ ହିତାଧିକାରୀ ଏହି ମାସ ଛତୁଆକୁ ଚାଲୁଣିରେ ଚଳାଇ ଦେଖିବାକୁ ପାଇଥିଲେ କୁଢ କୁଢ ଚୋକଡା ଯାହାକି ଶିଶୁ ଆଉ ଗର୍ଭବତୀ, ପ୍ରସୂତିଙ୍କର ଖାଦ୍ୟ ଉପଯୋଗୀ ନୁହେଁ । ବାଧ ହୋଇ ଗାଇଗୋରୁଙ୍କୁ ଏହି ଛତୁଆ ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ଏମିତି ସମସ୍ତ ୨୭୦ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ଗର୍ଭବତୀ, ପ୍ରସୂତିଙ୍କ ଅପପୁଷ୍ଟି ନିରାକରଣ ପାଇଁ ଦିଆଯାଉଥିବା ଛତୁଆ ଏବେ ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ବାଧକ ସାଜିଛି ବୋଲି ଅଭିଯୋଗ ହେଉଛି । ଦୀର୍ଘବର୍ଷଧରି ଛତୁଆ ପ୍ରସ୍ତୁତିରେ ଏଭଳି ବ୍ୟାପକ ଅନିୟମିତତା ଥାଇ ବି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଓ ମିଶନ ଶକ୍ତି ଅଧିକାରୀଙ୍କ କାର୍ଯ୍ୟାଳୟ, ଗଁଦିଆ ନିରବଦ୍ରଷ୍ଟା ସାଜିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଶିଶୁ ଗର୍ଭବତୀ ଓ ପ୍ରସୂତିଙ୍କ ସ୍ୱାସ୍ଥ୍ୟ ସହ ଖେଳ ଖେଳୁଥିବା ଅସାଧୁ ଛତୁଆ ପ୍ରସ୍ତୁତକାରୀ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

## ବାତ୍ୟା ଓ ବର୍ଷାକୁ ନେଇ ଚିନ୍ତାରେ ଚାଷୀ

**ଖଣ୍ଡପଡ଼ା, ୨୮।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**



ବାତ୍ୟା ମୋନ୍ଥା ପ୍ରଭାବରେ ସୋମବାର ଦିବା ୨ ଘଣ୍ଟା ପରଠାରୁ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଝିପିଝିପି ବର୍ଷା ଆରମ୍ଭ ହୋଇଛି । ଅଦିନିଆ ବର୍ଷା ଯୋଗୁଁ ଧାନ ଫସଲ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି । ଏକର ଏକର ଚାଷ ଜମିରେ ଧାନ ଫସଲ ବର୍ଷା ଯୋଗୁଁ ନଷ୍ଟ ହୋଇଯିବାର ଆଶଙ୍କା ଥିବାରୁ ଶହଶହ ଚାଷୀ ପରିବାର ଏବେ ଚିନ୍ତାରେ ପଡି ଯାଇଥିବା ଜଣାପଡିଛି । ବାତ୍ୟା ଓଡିଶା ଉପକୂଳ ଛୁଇଁବା ବେଳେ ଭୀଷଣ ବର୍ଷା ହେଉଥିବାରୁ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଚାଷୀ ପରିବାରଗୁଡ଼ିକ ସଂପୂର୍ଣ୍ଣ ରୁପେ ଭାଙ୍ଗି ପଡିଥିବା ବେଳେ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି । ସେହିପରି ଖଣ୍ଡପଡ଼ା ବ୍ଲକ ଅଧିନ ବଡବାଣପୁର, ସିଧାମୂଳା, ବୋଦସା, ବେଣାଗାଡିଆ ରାଣୀପଡା, ଗୁଣ୍ଠୁଣି, ବନମାଳୀପୁର, ବାଣପୁର, ଶିଖରପୁର, କୋସକା, କିଆଝର ପଞ୍ଚାୟତ ଅଧିନ ବିଭିନ୍ନ ଗ୍ରାମର ଚାଷୀମାନେ ପନିପରିବା ଚାଷ କରି ପରିବାରର ଗୁଜୁରାଣ ମେଣ୍ଟାଉଥିବା ବେଳେ ବାତ୍ୟାଜନିତ ଅଦିନିଆ ବର୍ଷା ଯୋଗୁଁ ସବୁ କିଛି ସବୁଜ ପନିପରିବା ଚାଷବାସ ନଷ୍ଟ ହୋଇ ଯିବାର ଆଶଙ୍କା ପ୍ରକାଶ ପାଇଛି ।

ପ୍ରକାଶଥାଉକି ପ୍ରତିବର୍ଷ ଅଦିନିଆ ବର୍ଷା ସାଙ୍ଗକୁ ଦୈବୀଦୁର୍ବିପାକ ଚାଷୀମାନଙ୍କ ମେରୁଦଣ୍ଡ ଦୋହଲାଇ ଦେଉଥିବା ବେଳେ ଚଳିତ ବର୍ଷ ସାମ୍ଭାବ୍ୟ ବାତ୍ୟାକୁ ନେଇ ଅଞ୍ଚଳବାସୀ ଓ ଚାଷୀମାନଙ୍କ ମନରେ ଛନକା ପଶିଥିବା ଜଣାଯାଇଛି ।

## ପାରିବାରିକ କଳିରୁ ବିଷ ପିଇଲେ ମହିଳା

**ବୈଶିଙ୍ଗା : ଏକ୍ସପ୍ରେସ୍ ନ୍ୟୁଜ୍**

ପାରିବାରିକ କଳହକୁ ନେଇ ଜନୈକ ମହିଳା ବିଷପାନ କରି ଗୁରୁତର ଭାବେ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ବୈଶିଙ୍ଗା ଥାନା ଅନ୍ତର୍ଗତ ଦୁର୍ଗାପୁର ଗ୍ରାମର ରଥୂଆ ସିଂର ସ୍ତ୍ରୀ କୁନି ସିଂ(୩୫) ସ୍ୱାମୀ ଓ ଶାଶୁର ନିର୍ଯାତନା ସହି ନ ପାରି ମୂଷା ମରା ବିଷ ଖାଇ ଦେଇଥିବା ନିଜେ କୁନି ପ୍ରକାଶ କରିଛନ୍ତି । ବିଷ ଖାଇଥିବା ଜାଣି ପରିବାର ଲୋକେ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଥିଲେ । ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ରେଫର କରାଯାଇଥିବା ଜଣାଯାଇଛି ।

# ଗୋପ ବ୍ଲକ୍‌ର ବାତ୍ୟା ଆଶ୍ରୟସ୍ଥଳୀ କେତେ ସୁରକ୍ଷିତ?

**ଗୋପ, ୨୮।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**





ପୁରୀ ଜିଲ୍ଲାର ବହୁ ଚର୍ଚ୍ଚିତ ବ୍ଲକଟି ହେଉଛି ଗୋପ ବ୍ଲକ । ଏହା ଏକ ଅଭିଶପ୍ତ ବ୍ଲକ କହିଲେ କିଛି ଭୁଲ ହେବନାହିଁ କାରଣ ଏହାର ଭୌଗୋଳିକ ସ୍ଥିତି ଓ ନିର୍ବାଚନ ମଣ୍ଡଳୀର ସମଷ୍ଟି ଦୃଷ୍ଟିକୋଣରୁ ସଦାସର୍ବଦା ଅବହେଳିତ ଅବସ୍ଥାରେ ରହିଛି । ୨ଟି ଲୋକସଭା ଓ ୩ଟି ବିଧାନସଭାର ସମଷ୍ଟି ହେଉଛି ଗୋପ ବ୍ଲକ । ଏହାର ପଞ୍ଚାୟତର ସଂଖ୍ୟା ହେଉଛି ୩୧ ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳ କୋଣାର୍କକୁ ନେଇ ଗଠିତ । ଏଠାରେ କାର୍ଯ୍ୟରତ ସରକାରୀ ଅଧିକାରୀ ଓ ଅଧିକାରିଣୀମାନେ ସବୁବେଳେ ଦ୍ୱନ୍ଦ୍ୱରେ ରହୁନ୍ତି । କାରଣ ୩ଟି ବିଧାନସଭା ଓ ୨ଟି ଲୋକସଭାର ନିର୍ବାଚିତ ଲୋକ ପ୍ରତିନିଧି ଓ ତାଙ୍କ ଦ୍ୱାରା ମନୋନୀତ ହୋଇଥିବ ବ୍ଲକ ପ୍ରତିନିଧିଙ୍କୁ ସଭାସମିତି ଓ ଉତ୍ସବ ଆଦି କାର୍ଯ୍ୟକ୍ରମରେ ମଞ୍ଚାସୀନ କରିବା କଷ୍ଟକର ହୋଇଥାଏ । ଖାସ କରି ଥାନା ଓ ବ୍ଲକ ତହସିଲ ଆଦି କାର୍ଯ୍ୟାଳୟରେ ଏଭଳି ସମସ୍ୟା ଦେଖିବାକୁ ମିଳିଥାଏ । ଯଦି ଗୋପ ବ୍ଲକ ଓ ଥାନା ଏବଂ ତହସିଲ ରେ ଦକ୍ଷ ଅଧିକାରୀ ବା ଅଧିକାରିଣୀ ନ ରୁହନ୍ତି ତେବେ ସେମାନଙ୍କ ପାଇଁ ଦୈନିକ ସମସ୍ୟା ସୃଷ୍ଟି ହୋଇଥାଏ । ଏହାଦ୍ୱାରା ଗୋପ ବ୍ଲକରେ ବିକାଶ ଅପେକ୍ଷା ବିନାଶ ଅଧିକ ହୋଇଥାଏ ବୋଲି ଲୋକେ କୁହନ୍ତି । ଏବେ ବାତ୍ୟା ମୋନ୍ଥାକୁ ନେଇ ସମଗ୍ର ରାଜ୍ୟ ଚିନ୍ତାରେ ଥିବାବେଳେ ଗୋପ ବ୍ଲକ ପ୍ରଶାସନ ଅଧିକାରୀ ଓ ଅଧିକାରିଣୀ ସଂପୂର୍ଣ୍ଣ ଚିନ୍ତାମୁକ୍ତ ଭାବେ କାର୍ଯ୍ୟ କରୁଛନ୍ତି । ୧୯୯୯ ମସିହାର ପ୍ରଳୟଙ୍କରୀ ମହାବାତ୍ୟା ପରଠୁ ରାଜ୍ୟରେ ଥିବା ବ୍ଲକର ବାତ୍ୟା ଓ ବନ୍ୟା ପ୍ରଭାବିତ ଅଞ୍ଚଳରେ ଗୋଟେ ଗୋଟେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଛ । ଠିକ ସେହିଭଳି ପୁରୀ ଜିଲ୍ଲାର ଗୋପ ବ୍ଲକର ୩୧ଟି ପଞ୍ଚାୟତ ପାଇଁ ୧୮ଟି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଛି । ତାର ରକ୍ଷଣାବେକ୍ଷଣ ନିମନ୍ତେ ୬ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛ । କିଛି ବାତ୍ୟା ଆଶ୍ରୟସ୍ଥଳୀ ସ୍କୁଲ ପରିସର ମଧ୍ୟରେ ନିର୍ମାଣ ହୋଇଥିବା ରୁ ତାହା ସଦାସର୍ବଦା ସୁରକ୍ଷିତ ଅବସ୍ଥାରେ ରହିଥାଏ କାରଣ ତାହା ଶ୍ରେଣୀ ଗୃହରେ ବ୍ୟବହାର ହୋଇଥାଏ । ଆଉ କିଛି ଦଣ୍ଡା ଅବା ଗାଁ ଠାରୁ ଦୂରରେ ନିର୍ମିତ ଆଶ୍ରୟସ୍ଥଳୀଗୁଡିକ ଭୂତକୋଠି ସଦୃଶ ହୋଇଥାଏ । ମାତ୍ର ୧୩ଟି ପଞ୍ଚାୟତରେ ୧୮ଟା ବାତ୍ୟା ଆଶ୍ରୟସ୍ଥଳୀ ରହିଥିବାବେଳେ ଅବଶିଷ୍ଟ ୧୮ଟା ପଞ୍ଚାୟତ ପାଇଁ କୌଣସି ଆଶ୍ରୟସ୍ଥଳୀ ନିର୍ମାଣ ହୋଇନାହିଁ । ପ୍ରତିବର୍ଷ ଠିକ ଏହି ମାସରେ ହିଁ ବାତ୍ୟାର ଆଗମନ ହୋଇଥାଏ । ଏଣୁ ଅବଶିଷ୍ଟ ପଞ୍ଚାୟତର ଜନତାଙ୍କୁ କେଉଁଠି ଆଶ୍ରୟ ଦେବେ ଗୋପ ବ୍ଲକ ପ୍ରଶାସନ? ସେଥିମଧ୍ୟରୁ କେଁଉ ପଞ୍ଚାୟତ ରେ କେତେଟା ସଚଳ ରହିଛି ଆଉ କେଉଁଭଳି ଅଚଳ ଅବାସ୍ତବରେ ଅଛି ? ସେ ସମ୍ପର୍କରେ ବ୍ଲକ ପ୍ରଶାସନ ପାଖରେ କୌଣସି ଖବର ନାହିଁ କି ରିଭ୍ୟୁ ମିଟିଙ୍ଗରେ ଆଲୋଚନା ହୋଇନାହିଁ । ପୂର୍ବପ୍ରସ୍ତୁତି ବୈଠକ କେତେବେଳେ ହେଉଛି ତାହା ସାମୁହିକ ଭାବେ ସୂଚିତ କରାଯାଉ ନାହିଁ । ଗଣେଶ୍ୱରପୁର ପଞ୍ଚାୟତରେ ୦୧ଟେ, କୁଆଁପଡ଼ା ପଞ୍ଚାୟରେ ୦୧ଟେ, ବନ୍ତୁଳିଗାଁ ପଞ୍ଚାୟତରେ ୨ଟା, ବଣିଆ ସାହି ପଞ୍ଚାୟତରେ ୨ଟା, ସୁତନ ପଞ୍ଚାୟତ ରେ ୦୧ଟେ, ଅଚୁତପୁର ପଞ୍ଚାୟତରେ ୦୧ଟେ, ତରକର ପଞ୍ଚାୟତ ରେ ୦୧ଟେ, ବଡତାର ପଞ୍ଚାୟତରେ ୦୧ଟେ, ମହଲାପଡା ପଞ୍ଚାୟତରେ ୩ଟା, ଶିମିଳି ପଞ୍ଚାୟତରେ ୦୧ଟେ, ସୋରଭା ପଞ୍ଚାୟତରେ ୨ଟା, ବଡଗାଁ ପଞ୍ଚାୟତରେ ୦୧ଟେ, ବନାଖଣ୍ଡି ପଞ୍ଚାୟତ ରେ ୦୧ଟେ ଲେଖା ବାତ୍ୟା ଆଶ୍ରୟସ୍ଥଳୀ ରହିଛି । ବାତ୍ୟା ଆଶ୍ରିୟସ୍ଥଳୀଗୁଡିକରେ ପାନୀୟ ଜଳ ଓ ବିଦ୍ୟୁତ ବ୍ୟବସ୍ଥା ସଠିକ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ସେ ହିସାବ କାହାପାଖରେ ନାହିଁ । ଦୀର୍ଘ ମାସ ହେବ ଗୋପ ବ୍ଲକର ଆବାସ ଯୋଜନାର ହିତାଧିକାରୀଙ୍କୁ ବାସଗୃହ ପ୍ରଦାନ କରାଯାଇନାହିଁ । ଯାହାଫଳରେ କଚ୍ଚା ଘରେ ବସବାସ କରୁଥିବା ପରିବାରମାନେ ବାତ୍ୟା କଥା ଶୁଣି ଭୟଭୀତ ଅବସ୍ଥାରେ ଅଛନ୍ତି । ଏଥିପ୍ରତି ଉପମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

■ ଏବେ ଲୋକଙ୍କ ମୋବାଇଲ୍‌କୁ ଦୁର୍ନୀତି ସଚେତନତା ବାର୍ତ୍ତା ଆସୁଛି ସରକାରଙ୍କ ତରଫରୁ । କୁହାଯାଉଛି– ଯଦି ଆପଣ ଦୁର୍ନୀତିର ଶିକାର ହେଉଛନ୍ତି ତା'ହେଲେ ଟୋଲ ଫ୍ରି ନମ୍ବରରେ ଜଣାନ୍ତୁ । ଅନେକେ ହାସ୍ୟଛଳରେ କହୁଛନ୍ତି– ଏ ବାର୍ତ୍ତା ମନ୍ତ୍ରୀ, ବିଧାୟକ, ନେତା ଏବଂ ସରକାରୀ ବାବୁମାନଙ୍କ ପାଖକୁ ହିଁ ପଠାଇବା ଦରକାର, ସେମାନେ ସଜାଡ଼ି ହୋଇଗଲେ ଦେଶ ମନକୁ ମନ ସଜାଡ଼ି ହୋଇଯିବ ।

■ ତଥାପି ଯଦି ପାରୁଛନ୍ତି– ଏଇ ସପ୍ତାହକ ଭିତରେ ସରକାରୀ କାମ କରାଇ ନିଅନ୍ତୁ– ଏଇଟା ସାଧାରଣ ଲୋକଙ୍କ ପାଇଁ 'ଗୋଲ୍‌ଡେନ ୱିକ୍' ମାନେ 'ସୁବର୍ଣ୍ଣ ସପ୍ତାହ' ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୯ ଅକ୍ଟୋବର, ୨୦୨୫ | ବୁଧବାର



**ଓଡ଼ିଶା ଏକ୍ସପ୍ରେସ୍**


## ଏଇ ସପ୍ତାହକ ଭିତରେ ସରକାରୀ କାମ କରେଇ ନିଅନ୍ତୁ!

**ସେ**ଲ୍, ଅଫର୍ ଏବଂ ଡିସ୍‌କାଉଣ୍ଟର ସୁଯୋଗକୁ ଅନେକ ଲୋକ ଅନେଇ ରହିଥାନ୍ତି । ଏ ସମୟରେ କିଣିଲେ କୁଆଡ଼େ ଟିକେ ଶସ୍ତା ପଡ଼େ। ଆଉ କିଛି ଲୋକ ମତ ଦିଅନ୍ତି– ଏସବୁ ମାର୍କେଟିଂର ଗୋଟେ ଗୋଟେ ଟେକ୍‌ନିକ୍ ଲୋକଙ୍କୁ ଆକର୍ଷିତ କରିବା ପାଇଁ । ଦାମ୍ ବଢ଼େଇ ଦେଇ ଡିସ୍‌କାଉଣ୍ଟ କରିଦେଲେ କ୍ଷତି କ'ଣ ହୋଇଯିବ, ବରଂ ବିକ୍ରି ବଢ଼ିବ, ଗରାଖ ଖୁସ୍ । ଏ ତରିକା ବଡ଼ ବଡ଼ କମ୍ପାନୀମାନେ ବେଶୀ ଆପଣାଇଥାନ୍ତି ।

ଛାଡ଼ନ୍ତୁ ସେକଥା– ଏବେ ଦୁର୍ନୀତି ନିବାରଣ ସପ୍ତାହ ଚାଲିଛି, ସରକାରୀ ବାବୁମାନଙ୍କଠାରୁ ଆରମ୍ଭ କରି ତଳିଆ କର୍ମଚାରୀମାନେ ମଧ୍ୟ ଦୁର୍ନୀତି ନ କରିବାର ଶପଥ ନେଉଛନ୍ତି । ସରକାରୀ ଦପ୍ତରର ବଡ଼ ବାବୁମାନେ ଅନ୍ୟ କର୍ମଚାରୀମାନଙ୍କୁ ଶପଥପାଠ କରାଉଛନ୍ତି । ଉଦ୍ଦେଶ୍ୟ ହେଲା– ଶପଥ ପାଠ କଲେ ବିବେକର ଶୋଧନ ହୋଇଯିବ, ଦୁର୍ନୀତି ପ୍ରତି ଆଉ ମନ ବଳିବନି ।

ସବୁଠୁ ମଜାଦାର ସଂଯୋଗଟି ହେଉଛି– ଦୁର୍ନୀତି ନିବାରଣ ସପ୍ତାହ ପ୍ରାୟ ପ୍ରତିବର୍ଷ କାର୍ତ୍ତିକ ମାସରେ ହିଁ ପଡ଼େ, ସେଇ ପଞ୍ଚୁକ ପାଖାପାଖି । ପଞ୍ଚୁକ ଏବଂ ଦୁର୍ନୀତି ନିବାରଣ ସପ୍ତାହ ଭିତରେ ଏକ ଅଦ୍ଭୁତ ମେଳ ରହିଛି । ପଞ୍ଚୁକ ପାଞ୍ଚଦିନ ଆମିଷ ଛାଡ଼ିଲେ କୁଆଡ଼େ ଧର୍ମହୁଏ– ବହୁତ ପୁଣ୍ୟ ଅର୍ଜନ କରି ହୁଏ, ତେଣୁ କାର୍ତ୍ତିକ ମାସ ଗୋଟାକ ସାରା ଯେଉଁମାନେ ଆମିଷ ଛାଡ଼ିପାରନ୍ତିନି ସେମାନେ ପଞ୍ଚୁକ ୫ଦିନ ଛାଡ଼ନ୍ତି । ତା'ପରେ ଛାଡ଼ଖାଇ ଦିନ ଆଇଁଷ ହାଟରେ କେମିତି ଭିଡ଼ ହୁଏ ଏକଥା ଆପଣମାନଙ୍କୁ ନ କହିବା ଭଲ । ଅନେକେ ତ ଛାଡ଼ଖାଇ ପାଇଁ ପୂର୍ବରୁ ଦେଶୀ କୁକୁଡ଼ାକୁ ଅରୁଆ ଅନ୍ନ ଏବଂ ନିରାମିଷ ଆହାର ଦେଇ ସାଇତି ରଖିଥାନ୍ତି । କେହି କେହି କୁଣ୍ଡରେ ଏବଂ ମାଠିଆରେ ଜୀଅନ୍ତା ମାଛ ମଧ୍ୟ ରଖିଥାନ୍ତି କାଳେ ଛାଡ଼ଖାଇ ଦିନ ଆଇଁଷ ନ ମିଳିବ– ଏଇ ଆଶଙ୍କାରେ । ପଞ୍ଚୁକ ପାଞ୍ଚଦିନ ପରେ ପୁଣି ବର୍ଷସାରା ଚାଲେ ଆମିଷ ଭକ୍ଷଣ। ପଞ୍ଚୁକ ପୁଣ୍ୟର ପ୍ରଭାବ ବୋଧେ ବର୍ଷସାରା ରହେ । ଆଉ ପୁଣ୍ୟ କରିବା ଦରକାର ନାହିଁ । ସେତକ ପୁଣ୍ୟ ସବୁ ପାପକୁ ଭରଣା କରିପାରିବ ।

ଏବେ ଦୁର୍ନୀତି ନିବାରଣ ସପ୍ତାହ ଚାଲିଛି– ଏ ସୁଯୋଗକୁ ହାତଛଡ଼ା କରନ୍ତୁନି । ଏଇ ନଗଦ ସରକାରୀ ବାବୁମାନେ ଦୁର୍ନୀତି ନ କରିବାର ଶପଥ ନେଇଛନ୍ତି, ତେଣୁ ସେମାନଙ୍କ ବିବେକର କିଛିଟା ଶୋଧନ ହୋଇଯାଇଥିବ, ତେଣୁ ଆପଣଙ୍କ କାମ ବିନା ଲାଞ୍ଚରେ ଏବଂ ବିନା ହାତଗୁଞ୍ଜାରେ ହୋଇଯାଇପାରିବ । ଏ ସପ୍ତାହଟି ଗଡ଼ିଗଲେ ପୁଣି ଛାଡ଼ଖାଇ ପରବର୍ତ୍ତୀ ଅବସ୍ଥା ଆସିଯାଇପାରେ । ଶପଥର ପ୍ରଭାବ ବେଶି ଦିନ ରହେନି । ଯଦି ରହୁଥାନ୍ତା ତା'ହେଲେ ପ୍ରତିବର୍ଷ କାହିଁକି ଶପଥ ନେବାକୁ ପଡୁଥାନ୍ତା ସେଇ ସମାନ ବାବୁମାନଙ୍କୁ ? ଯେଉଁମାନେ ପୂର୍ବବର୍ଷ ଶପଥ ନେଇଥିଲେ ସେମାନଙ୍କୁ ତ ଅଲଗା କରାଯାଇଥାନ୍ତା ? ତେଣୁ ଶପଥର ଆୟୁ ବେଶିଦିନ ନୁହେଁ ବୋଲି ଏଥିରୁ ଜଣାଯାଉଛି । ତେଣୁ ଯେତେଶୀଘ୍ର ପାରୁଛନ୍ତି ଅଫରର ଫାଇଦା ଉଠାଇବା ଭଳି ଏ ସପ୍ତାହର ଫାଇଦା ନିଅନ୍ତୁ । ବିନା ପ୍ରଣାମୀରେ କାମ ହୋଇଯାଇପାରେ। କିଛି ମୂଲ୍ୟବୋଧୀ କର୍ମଚାରୀ ମଧ୍ୟ ଅଛନ୍ତି, ସେମାନେ ସବୁବେଳେ ଭଲ, ସେମାନଙ୍କ ପାଇଁ ଶପଥର ଆବଶ୍ୟକତା ନଥାଏ । ସେଇମାନଙ୍କ ଭଳି କିଛି କର୍ମଚାରୀଙ୍କ ପାଇଁ ହିଁ ଲୋକେ କିଛି କିଛି ସେବା ପାଉଥାନ୍ତି ।

ଏବେ ଲୋକଙ୍କ ମୋବାଇଲ୍‌କୁ ଦୁର୍ନୀତି ସଚେତନତା ବାର୍ତ୍ତା ଆସୁଛି ସରକାରଙ୍କ ତରଫରୁ । କୁହାଯାଉଛି– ଯଦି ଆପଣ ଦୁର୍ନୀତିର ଶିକାର ହେଉଛନ୍ତି ତା'ହେଲେ ଟୋଲ ଫ୍ରି ନମ୍ବରରେ ଜଣାନ୍ତୁ । ଅନେକେ ହାସ୍ୟଛଳରେ କହୁଛନ୍ତି– ଏ ବାର୍ତ୍ତା ମନ୍ତ୍ରୀ, ବିଧାୟକ, ନେତା ଏବଂ ସରକାରୀ ବାବୁମାନଙ୍କ ପାଖକୁ ହିଁ ପଠାଇବା ଦରକାର, ସେମାନେ ସଜାଡ଼ି ହୋଇଗଲେ ଦେଶ ମନକୁ ମନ ସଜାଡ଼ି ହୋଇଯିବ ।

ତଥାପି ଯଦି ପାରୁଛନ୍ତି– ଏଇ ସପ୍ତାହକ ଭିତରେ ସରକାରୀ କାମ କରାଇ ନିଅନ୍ତୁ– ଏଇଟା ସାଧାରଣ ଲୋକଙ୍କ ପାଇଁ **'ଗୋଲ୍‌ଡେନ ୱିକ୍'** ମାନେ **'ସୁବର୍ଣ୍ଣ ସପ୍ତାହ'** ।

# ନଈ ପରି ଭାଷାର ଗତି, ନ ହେଉ ଇତି - (୧)



**ଇତିହାସର ଇତି କଥା**

**ସତ୍ୟବାଦୀ ବଳିଆରସିଂହ**

ମନର ଭାବ ବ୍ୟକ୍ତ କରିବା ପାଇଁ ଓ ଭାବ ବିନିମୟ ପାଇଁ ଭାଷାର ସୃଷ୍ଟି। ସଙ୍କେତ, ଇଙ୍ଗିତ, ସ୍ପର୍ଶ, ହୁଙ୍କାର, ଫୁଙ୍କାର ଆଦି ଦ୍ୱାରା ପ୍ରାଣୀ ଜଗତରେ ଭାବ ବିନିମୟ ହୋଇଥାଏ। କିନ୍ତୁ ଏସବୁ ମଣିଷର ଭାଷା ନୁହେଁ । ମୁଖ ନିଃସୃତ ଧ୍ୱନୀରୁ ଅକ୍ଷର, ଅର୍ଥଯୁକ୍ତ ଶବ୍ଦ, ବାକ୍ୟାଂଶ, ବାକ୍ୟ ହି ମଣିଷ ଭାଷାର ଉପାଦାନ।ଏ ପ୍ରସଙ୍ଗରେ ଭାଷାତତ୍ତ୍ୱବିତ୍ ଡ ଦେବୀ ପ୍ରସନ୍ନ ପଟ୍ଟନାୟକ ମତ ଦିଅନ୍ତି, ଭାଷା ହେଉଛି ସଂଚାର ଓ ସଂସ୍କୃତିର ଉପାଦାନ । ଭାଷା ହେଉଛି ସ୍ଥାନୀୟତାକୁ ବିଶ୍ୱ ସାଙ୍ଗରେ ଓ ଅତୀତକୁ ଭବିଷ୍ୟତ ସାଙ୍ଗରେ ଯୋଡ଼ିବାର ମାଧ୍ୟମ । ଭାଷା ହେଉଛି ପରିବାର, ଜାତି, ଗୋଷ୍ଠୀ, ଅଞ୍ଚଳ, ରାଜ୍ୟ, ରାଷ୍ଟ୍ର, ବିଶ୍ୱ ଗଢ଼ିବା ଓ ସମ୍ପର୍କ ସୂତ୍ରରେ ବାନ୍ଧିବାର ମାଧ୍ୟମ । ପୃଥିବୀ ହେଉଛି ବହୁ ଭାଷିକ, ବହୁ ସାଂସ୍କୃତିକ, ବହୁ ଜାତି, ବହୁ ଗୋଷ୍ଠୀ, ବହୁ ଧର୍ମ, ବହୁ ସଂସ୍କୃତି ଓ ପରିବେଶର ବିବିଧତା ଭିତରେ ଏହାର ପରିଚୟ । ଭାରତ ହେଉଛି ପୃଥିବୀର ବିବିଧତା ଓ ବହୁ ବିବିଧତାର ଦର୍ପଣ । ଓଡ଼ିଶା ଏହି ବିବିଧତା ଓ ବହୁ ବିବିଧତାର ଭାରତର ଦର୍ପଣ। ଭାଷା, ସାହିତ୍ୟ ଓ ସଂସ୍କୃତି ଏକା ସଙ୍ଗେ ଯୋଡ଼ା । ଓଡ଼ିଆ ସଂସ୍କୃତି, ହିନ୍ଦୁ ସଂସ୍କୃତି, ଆର୍ଯ୍ୟ ସଂସ୍କୃତି ଆଦି ବିଭିନ୍ନ ଦୃଷ୍ଟିକୋଣର ପ୍ରତିଫଳନ । ଯାହା କୁହାଯାଏ ତାହା ହିଁ ଭାଷା। ମୁହଁରୁ ଉଚ୍ଚାରିତ ସାର୍ଥକ ଧ୍ୱନୀ ହେଉଛି ଭାଷା। ତେଣୁ ଭାଷାର ଗଢ଼ଣ ବୁଝିବାକୁ ହେଲେ ଧ୍ୱନୀରୁ ହିଁ ଆରମ୍ଭ କରିବାକୁ ହେବ। ଭାଷାର କାମ ହେଉଛି ଭାବ ବିନିମୟ କରିବା, ସାର୍ଥକ ବାକ୍ୟ ହେଉଛି ଭାବ ପ୍ରକାଶ ଓ ଭାବ ବିନିମୟର ମାଧ୍ୟମପରିବର୍ତ୍ତନ ସୃଷ୍ଟିର ଲକ୍ଷଣ, ସ୍ଥାନ ଓ ସମୟ ଭେଦରେ ଏହି ପରିବର୍ତ୍ତନକୁ ଦେଖିହୁଏ । ଭାଷା ଗୋଟିଏ ପ୍ରବହମାନ ଜଳଧାରା ପରି । ଜଳଧାର ପରି ବୋହି ଯାଉଥିବା ବେଳେ କେତେବେଳେ ମିଶି ଯାଉଥିବା ନଈ ପରି ଭାଷାର ଗତି ।

ପଣ୍ଡିତମାନଙ୍କ ମଧ୍ୟରେ ମତ ବିରୋଧ ହେତୁ ଭାଷା କନ୍ଦଳ ସୃଷ୍ଟି ହୁଏ। ଇଂରାଜୀ ଗୋଟିଏ ଦ୍ୱୀପ । ଗ୍ରେଟ ବ୍ରିଟେନରେ ତିନି ଚାରୋଟି ଉପଭାଷା ରୂପେ ଥିଲା। ଭାଷାର ପ୍ରସାର ହେତୁ ଆମେରିକାନ୍ ଇଂଲିଶ, କାନାଡ଼ିଆନ୍ ଇଂଲିଶ, ଅଷ୍ଟ୍ରେଲିଆନ୍ ଇଂଲିଶ, ଆଫ୍ରିକାନ୍ ଇଂଲିଶ ପରି ଭାରତରେ ତାମିଲ ଇଂଲିଶ, ଗୁଜୁରାଟି ଇଂଲିଶ, ହିନ୍ଦୀ ଇଂଲିଶ, ଓଡ଼ିଆ ଇଂଲିଶ ଆଦି ବିଭିନ୍ନ ଇଂରାଜୀ ଭିତରେ ମାନଙ୍କ ବିଭାଜନ ସୃଷ୍ଟି ହେଲା ।

ଇଂରେଜମାନେ ଭାରତରେ ଗୋଟିଏ ଶାସନ ସହାୟକ ଗୋଷ୍ଠୀ ତିଆରି କରିବାକୁ ଚାହୁଁଥିଲେ । ସେମାନେ ଇଂରାଜୀକୁ ଏକମାତ୍ର ଜ୍ଞାନ ଉପାର୍ଜନ ଓ ବିକାଶର ଭାଷା ବୋଲି ଘୋଷଣା କରିଦେଲେ। ଶିକ୍ଷାରୁ ନିଯୁକ୍ତି ମାଧ୍ୟମ ଇଂରାଜୀ ହେବାକୁ ସାଧାରଣ ଲୋକଙ୍କର... ଭାଷା ହୋଇଗଲା। ସାମ୍ରାଜ୍ୟବାଦୀ ବ୍ୟବସ୍ଥାର ପ୍ରବକ୍ତ ଲର୍ଡ ମ୍ୟାକଲେ ସ୍ପଷ୍ଟ କରିଦେଇଥିଲେ ଯେ ଯେଉଁମାନେ ଏ ଶିକ୍ଷା ବ୍ୟବସ୍ଥରାରୁ ଉତ୍ତୁରିବେ ସେମାନେ ଜନ୍ମରେ ଭାରତୀୟ ହେବେ । କିନ୍ତୁ ରୀତିନୀତି, ଚାଲିଚଳନ, ମୂଲ୍ୟବୋଧରେ ଇଂରେଜ ହେବେ। ଗାନ୍ଧିଜୀ ଇଂରେଜମାନଙ୍କର ଏହି ଚାଲିକି ବୁଝି ପାରିଥିଲେ । ତେଣୁ ଦେଶବାସୀଙ୍କୁ ସାବଧାନ କରେଇ ସେ କହିଲେ, 'of all the arms and ammunitions in the British armory, English is the most potent .' ସ୍ୱାଧୀନ ଭାରତ ଏହି ଶିକ୍ଷା ବ୍ୟବସ୍ଥାକୁ ଆପଣେଇଲା । ମହାତ୍ମା ଗାନ୍ଧୀ ଇଂରେଜ ଭାଷା ଆମକୁ କିଭଳି ଗୋଲାମ କରି ରଖିଛି ସେ ସମ୍ପର୍କରେ ନିମ୍ନମତେ ମତ ରଖିଥିଲେ– ଭାରତ ବର୍ଷକୁ ଗୋଲାମ କରି ରଖିଛନ୍ତି ବୋଲି ଆମେ ଇଂରେଜମାନଙ୍କୁ ଗାଳି ଦେଉଛେ । କିନ୍ତୁ ଇଂରେଜ ଭାଷାର ଆମେ ଖୋଦ୍ କୋଲାମ ହୋଇଯାଇଛୁ । ଇଂରେଜମାନେ ଭାରତ ବର୍ଷର ବହୁ କ୍ଷତି କରିଛନ୍ତି ।

ଏଥିପାଇଁ ମୁଁ ସେମାନଙ୍କୁ କଡ଼ା ସମାଲୋଚନା ମଧ୍ୟ କରିଛି। ପରନ୍ତୁ ଇଂରେଜୀ ଭାଷାର ଏହି ଗୋଲାମୀ ପାଇଁ ମୁଁ ତାଙ୍କୁ ଆଦୌ କରୁନାହିଁ । ନିଜେ ଇଂରାଜୀ ଶିଖିବା ଏବଂ ନିଜ ପିଲାମାନଙ୍କୁ ଇଂରେଜୀ ଭାଷା ଶିଖେଇବା ପାଇଁ ଆମେ କେତେ ପରିଶ୍ରମ କରୁଛେ? ଆମେ ଇଂରେଜମାନଙ୍କ ଭଳି ଇଂରେଜୀ କହୁଛୁ ବୋଲି କିଏ ଆମକୁ କହିଦେଲେ ଆମେ ଖୁସିରେ ଫୁଲି ଉଠୁ। ଏହାଠାରୁ ବଳି ଦୟନୀୟ ଗୋଲାମୀ ଆଉ କ'ଣ ହୋଇପାରେ?

ଇଂରେଜୀ ଭାଷା ନୁହେଁ ପ୍ରତ୍ୟେକ ଓଡ଼ିଆ ନିଜ ମାତୃଭାଷାକୁ ଗୁରୁତ୍ୱ ଦେବା ଉଚିତ୍। ଭାଷା ମଣିଷ ଜନ୍ମର ସ୍ୱାଭାବିକ ପ୍ରକ୍ରିୟାର ଅଙ୍ଗ । ମଣିଷ ଗଢ଼ଣ ସହ ଏହାର ସମ୍ବନ୍ଧ । ମାତୃଗର୍ଭରେ ଭ୍ରୁଣ ଅବସ୍ଥାରେ ଥିଲାବେଳେ ପ୍ରାୟ ସାତମାସ ବେଳକୁ ଭାଷା ଶୁଣିବା ଓ ବୁଝିବାର ପ୍ରକ୍ରିୟା ଆରମ୍ଭ ହୋଇଯାଇଥାଏ । ଏ ପ୍ରସଙ୍ଗରେ ଅର୍ଜୁନଙ୍କ ପୁତ୍ର ବୀର ଅଭିମନ୍ୟୁଙ୍କ କାହାଣୀଟି ଉପାଦେୟ। ମାତ୍ର ଗର୍ଭରେ ଥିଲାବେଳେ ଅଭିମନ୍ୟୁ ପିତାଙ୍କ ବର୍ଣ୍ଣିତ ବ୍ୟୂହ ପ୍ରବେଶ ତତ୍ତ୍ୱ ଶିଖିଯାଇଥିଲା। ମା' ଶୋଇପଡ଼ିବାରୁ ସେ ବ୍ୟୂହରୁ ବାହାରିବା ତତ୍ତ୍ୱ ଶୁଣି ପାରିନଥିଲେ । ତେଣୁ ବାହାରି ପାରିଲେ ନାହିଁ। ପ୍ରତ୍ୟେକ ଲୋକର ଅନ୍ତତଃ ଗୋଟିଏ ମାତୃଭାଷା ଅଛି । ପିଲା କେବଳ ଗୋଟିଏ ଭାଷା ଶିଖିବାର ଦକ୍ଷତା ନେଇ ଜନ୍ମେ ନାହିଁ, ଭାଷା ଶିଖିବାର ପ୍ରବଣତା ନେଇ ଜନ୍ମେ । ଏଣୁ ଏକାଧିକ ଭାଷା ଶିଖିଥାଏ।

ରାମାୟଣରେ ରାମଙ୍କ ମୁହଁରେ କୁହାଯାଇଛି, ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ। ଜନ୍ମଦେଇଥିବା ମା' ଓ ମାଟି ସ୍ୱର୍ଗ ଠାରୁ ମଧ୍ୟ ବଡ଼। ଏହା ସଙ୍ଗୀରେ ମାତୃଭାଷା ମଧ୍ୟ ମିଶିଗଲା। ଏଣୁ କବି ଗଙ୍ଗାଧର ମେହେର ଲେଖିଲେ–

''ମାତୃଭୂମି ମାତୃଭାଷାରେ
ଉଭୟ ଜନନୀ
ସେବା କରୁଥିବା ତାଙ୍କୁ
ଦିବସ ରଜନୀ ।''

ପୁନଶ୍ଚ ସେ ପୁଣି କହିଲେ– 'ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମେ ନାହିଁ ।'

ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ?

ମାତୃଭାଷା ଜାତୀୟ ଅସ୍ମିତା ଗଠନ କରେ। ପ୍ରତ୍ୟୟ ନିର୍ଣ୍ଣୟ ପରିଚୟ ସୃଷ୍ଟି ଓ ଜ୍ଞାନାର୍ଜନ ପାଇଁ ମାତୃଭାଷା ପ୍ରଥମ କବାଟ। ମାତୃଭାଷା ପରମ୍ପରା ଓ ସଂସ୍କୃତିର ଭିତ୍ତିଭୂମି। ମାତୃଭାଷା ବିକଳ୍ପ ନାହିଁ। ପଣ୍ଡିତ ଗୋପବନ୍ଧୁ ଦାସ କହିଛନ୍ତି– ମନେ ରଖିବାକୁ ହେବ ଯେ ଓଡ଼ିଆ ଭାଷା ଉପରେ ଆମ୍ଭମାନଙ୍କର ଜାତୀୟ ସତ୍ତା ନିର୍ଭର କରେ । ଭାଷା ଲୋପ ପାଇଲେ ଓଡ଼ିଆ ଜାତି ଲୋପ ପାଇବ । ସୁତରାଂ ଓଡ଼ିଆ ଭାଷା ଆମ୍ଭମାନଙ୍କ ପକ୍ଷେ ଜୀବନ ମରଣର ସମସ୍ୟା ।

ମାତୃଭାଷାର ସୁରକ୍ଷା ଆମ୍ଭମାନଙ୍କର ପ୍ରଥମ କର୍ତ୍ତବ୍ୟ। ମାତୃଭାଷା ହିଁ ଜଣେ ବ୍ୟକ୍ତିର ଜାତି, ଜାତୀୟତା, ସ୍ଥାନ, ସ୍ଥାନୀୟତା, ସାଂସ୍କୃତିକ ଏକନିଷ୍ଠତାକୁ ଚିହ୍ନିତ କରିଥାଏ। ବଂଶ, ପରମ୍ପରା, ଐତିହ୍ୟ ଓ ଜୀବନ ଦୃଷ୍ଟିର ପରିଚୟ ଦେଇଥାଏ ।

ଗୋଟିଏ ଭାଷାର ମଳକ କଥକ କିଏ? ଏହା ସ୍ଥିର କରିବା କଠିନ କାର୍ଯ୍ୟ। ଏହା ନିର୍ଣ୍ଣୟ କରିବା ପାଇଁ ନିମ୍ନ ପ୍ରଦ ଆଧାରରେ ଆଲୋଚନା କରାଯାଇପାରେ ।

ଜନ୍ମ ଓ ଶୈଶବରୁ ଜଣେ ବ୍ୟକ୍ତି ଗୋଟିଏ ଭାଷାକୁ ଅଧିକାରକୁ ଆଣିଥାଏ ଓ ପରବର୍ତ୍ତୀ ସମୟରେ ତାହାର ବ୍ୟବହାରକୁ ଅବ୍ୟାହତ ରଖିଥାଏ । ସେହି ଭାଷାରେ ବ୍ୟକ୍ତିର ସ୍ୱଜ୍ଞାତ ଜ୍ଞାନ ଅନ୍ତର୍ନିହିତ ଥାଏ। ଏହି ଭାଷାରେ ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତ ପ୍ରାଞ୍ଜଳ ଭାବେ ବୁଝାଇପାରେ । ବିଭିନ୍ନ ସାମାଜିକ ପରିବେଶରେ ଜଣେ ଏହି ଭାଷାରେ ଆଦାନ ପ୍ରଦାନ ପାଇଁ ସମାନ ଦକ୍ଷତା ଅର୍ଜନ କରିଥାଏ । ଏହି ଭାଷାଭାଷୀ ବୋଲି ନିଜେ ପରିଚୟ ଦିଏ ଓ ଅନ୍ୟମାନଙ୍କ ଦ୍ୱାରା ପରିଚାଳିତ ହୁଏ । ସେହି ବ୍ୟକ୍ତି କଥା କହିବାର ବାକ୍ ଭଙ୍ଗୀର ଅନ୍ୟ କୌଣସି ଭାଷାର ବଚନଭଙ୍ଗୀର ପ୍ରଭାବ ନଥାଏ ।

ବିଶିଷ୍ଟ ସମାଲୋଚକ ହଡ଼ସନ୍ କଳା, ସଂସ୍କୃତି, ବିଜ୍ଞାନ, ଧର୍ମ ପ୍ରତ୍ୟେକ ଶିକ୍ଷା ପାଇଁ ମାତୃଭାଷାକୁ ଗୁରୁତ୍ୱ ଦେଇଛନ୍ତି । ସେ କହିଛନ୍ତି ଭାଷା ମାଧ୍ୟମରେ ଜୀବନର ଅଭିବ୍ୟକ୍ତି ହିଁ ସାହିତ୍ୟ । ଯେଉଁ ଭାଷାରେ ଜୀବନକୁ ଅନ୍ୟ ନିକଟରେ ସରଳ ତରଳ ପୂର୍ବକ ଢ଼ାଳିଦିଏ, ଅଭିବ୍ୟକ୍ତ ଅଭ୍ୟନ୍ତରକୁ ବାହାରି ଆସେ, ତାହା ମାତୃଭାଷା ।

ପ୍ରତ୍ୟେକ ମାତୃଭାଷା ଜଳସଦୃଶ ଜୀବନ ରକ୍ଷାକାରୀ। ମାନବିକତାର ପ୍ରତିଷ୍ଠା ନିମନ୍ତେ ମାତୃଭାଷା ଶିକ୍ଷାର ଗୁରୁ ଆବଶ୍ୟକତା ରହିଅଛି। ମାତୃଭାଷାର ବିକଳ୍ପ ନାହିଁ କିମ୍ବା ଅନ୍ୟ କୌଣସି ଭାଷାର ଆଶ୍ରୟ ନେଇ ନୈତିକତାପୂର୍ଣ୍ଣ ଚରିତ୍ର ଓ ଆଧ୍ୟାତ୍ମିକ ଜୀବନ ଗଠିତ ହୋଇପାରେ ନାହିଁ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ମାତୃଭାଷାର ଶିକ୍ଷା, ପ୍ରସାର ଓ ସୁରକ୍ଷା ଆଦିର ଆହ୍ୱାନ ହୋଇପଡିଛି । ଓଡ଼ିଆ ଏକ ପରିପୂର୍ଣ୍ଣ ଓ ବିଜ୍ଞାନ ସମ୍ମତ ଭାଷା। ଏହି ଓଡ଼ିଆ ଭାଷାର କେତେକ ବୈଶିଷ୍ଟ୍ୟ ଆମ ପାଇଁ ଗୌରବ ଆଣିଥାଏ। ଯଥା–

୧. ଓଡ଼ିଆ ଏକ ସ୍ୱରାନ୍ତ ଭାଷା– ସ୍ୱରରେ ଶେଷ।

୨. ଓଡ଼ିଆ ଭାଷାରେ 'ମାନଙ୍କ' ବହୁ ବଚନର ବହୁଳ ବ୍ୟବହାର, ଯାହା ଅନ୍ୟ ଭାଷାରେ ନାହିଁ।

୩. ଓଡ଼ିଆ କ୍ରିୟାପଦ ଗୁଡ଼ିକ ସୁସଂଗଠିତ ଓ ପୂର୍ଣ୍ଣାଙ୍ଗ।

୪. ଓଡ଼ିଆରେ 'ଣ' ଓ 'ନ'ର ପୃଥକ ଉଚ୍ଚାରଣ ଅଛି।

୫. ଓଡ଼ିଆ ଭାଷାରେ ଅନସ୍ୱାର (ଂ), ଚନ୍ଦ୍ରବିନ୍ଦୁ (ଁ), ବିସର୍ଗ (ଃ), ହଳନ୍ତ ( ୍)– ୪ଟି ଅଯୋଗବାହ ବର୍ଣ୍ଣ ବ୍ୟବହୃତ।

୬. ଓଡ଼ିଆରେ ବର୍ଗ୍ୟ ଓ ଅବର୍ଗ୍ୟ ଦୁଇଟି 'ବ' ଥିଲେ ହେଁ ପୂର୍ବେ ଅଲଗା ଅଲଗା ଉଚ୍ଚାରଣ ନଥିଲା। ସମ୍ପ୍ରତି ହିନ୍ଦୀ ଭାଷା ପ୍ରଭାବରେ 'ବ' ୱର ଉଚ୍ଚାରଣ ଗ୍ରହଣ କରିଛି ।

୭. 'ଲ' ଓ 'ଳ'ର ସ୍ୱତନ୍ତ୍ର ଉଚ୍ଚାରଣ ଓ ବ୍ୟବହାର ସ୍ୱତନ୍ତ୍ର, କଳ, କଲ, କାଳ, କାଲ ।

୮. ପ୍ରାଚୀନ ଓଡ଼ିଆ ପୋଥିରେ 'ସ'ର ବ୍ୟବହାର ବହୁଳ ଥିଲେ ହେଁ ଉନବିଂଶ ଶତାବ୍ଦୀରୁ ଶ, ଷ ଓ ଓ'ର ବ୍ୟବହାର ଅଧିକ।

୯. କ + ଗ ମିଶି 'କ୍ଷ' ଯୁକ୍ତ ବର୍ଣ୍ଣ ହେଲେ ହେଁ ଉଚ୍ଚାରଣ 'ଖ୍ୟ'।

୧୦. ଜ + ଞ ମିଶି 'ଜ୍ଞ' ପୂର୍ବରେ ଗଁ୍ୟ ହେଉଥିଲା।

୧୧. 'ଲ' ଓ 'ନ'ର ଉଚ୍ଚାରଣ ଓ ଅର୍ଥରେ ପାର୍ଥକ୍ୟ ପରିଲକ୍ଷିତ ହୁଏନାହିଁ, ଲୁଣ–ନୁଣ, ଲୁଗା–ନୁଗା ।

୧୨. ଓଡ଼ିଆରେ କ୍ଲିବ ଲିଙ୍ଗ ଅଛି।

୧୩. ଓଡ଼ିଆ ଧାତୁରେ ପ୍ରତ୍ୟୟ ପ୍ରୟୋଗ ନହୋଇ ଦ୍ୱିତୀୟା ବିଭକ୍ତି ହୋଇଥାଏ। ଯଥା ଲେଖି–ବାକୁ, ଖାଇ–ବାକୁ, ଯିବା–କୁ ଆଦି ।

୧୪. ଓଡ଼ିଆରେ ଅସମାପିକା ଅର୍ଥରେ ଦ୍ୱିତୀୟା ବିଭକ୍ତି ଅଛି ଯଥା– ମୁଁ ପଢ଼ିବାକୁ ଚାହେଁ। ଯିବାକୁ ଚାହେଁ ନାହିଁ। ଅନ୍ୟ ଭାଷାରେ ଏପରି ଦେଖାଯାଏ ନାହିଁ ।

୧୫. ଓଡ଼ିଆ ଭାଷାର ବର୍ଣ୍ଣମାଳା ବିଜ୍ଞାନରେ ପରିପୂର୍ଣ୍ଣ। ବର୍ଣ୍ଣମାଳାର ପ୍ରତ୍ୟେକ ଅକ୍ଷର ତାର୍କିକ ଅଟେ ଓ ଠିକ୍ ଗଣନା ସହ କ୍ରମିକ ରୂପରେ ରଖାଯାଇଛି ।

ଏହିପରି ବୈଜ୍ଞାନିକ ଦୃଷ୍ଟିକୋଣ କୌଣସି ବିଦେଶୀ ଭାଷାରେ ଦେଖାଯାଏ ନାହିଁ । ଉଦାହରଣ ସ୍ୱରୂପ କ, ଖ, ଗ, ଘ, ଙ– ଏହି ପାଞ୍ଚ ସମୂହକୁ କଣ୍ଠ୍ୟ କୁହାଯାଏ। କାରଣ ଏହାକୁ ଉଚ୍ଚାରଣ କରିବା ସମୟରେ କଣ୍ଠର ଧ୍ୱନୀ ବାହାରି ଯାଏ ।

ସେହିଭଳି ଚ, ଛ, ଜ, ଝ, ଞ– ଏହି ପାଞ୍ଚ ସମୂହକୁ ତାଲବ୍ୟ କୁହାଯାଏ। କାରଣ ଏହାକୁ ଉଚ୍ଚାରଣ କରିବା ସମୟରେ ଜିଭ ତାଲୁରେ ଲାଗିଯାଏ। ଉଚ୍ଚାରଣରେ ପ୍ରୟାସ କରନ୍ତୁ।

ପରବର୍ତ୍ତୀ ପାଞ୍ଚଟି ବର୍ଣ୍ଣ ହେଲା – ଟ, ଠ, ଡ, ଢ, ଣ। ଏହି ପାଞ୍ଚ ସମୂହକୁ ମୂର୍ଦ୍ଧନ୍ୟ କୁହାଯାଏ। କାରଣ ଏହାକୁ ଉଚ୍ଚାରଣ କରିବା ସମୟରେ ମୂର୍ଦ୍ଧନାରୁ ସ୍ୱର ଆସିବା ଅନୁଭୂତ ହୁଏ ।

ପରବର୍ତ୍ତୀ ପାଞ୍ଚଟି ବର୍ଣ୍ଣ ହେଲା ତ, ଥ, ଦ, ଧ, ନ– ଏହି ବର୍ଣ୍ଣମାଳାକୁ ଦନ୍ତ୍ୟ କୁହାଯାଏ। ଏହା ଉଚ୍ଚାରଣ ସମୟରେ ସ୍ୱର ଦାନ୍ତରୁ ଆସିବା ଜଣାପଡ଼େ ।

ପ, ଫ, ବ, ଭ, ମ– ଏହି ପାଞ୍ଚ ସମୂହକୁ ଓଷ୍ଠ୍ୟ କୁହାଯାଏ। କାରଣ ଏହାକୁ ଉଚ୍ଚାରଣ କରିବା ସମୟରେ ଦୁଇ ଓଠ ପରସ୍ପର ସହିତ ସଂଯୋଜିତ ହେବା ଜଣାପଡ଼େ ।

ପୃଥିବୀର ଅନ୍ୟ କୌଣସି ଭାଷାରେ ଏପରି ବୈଜ୍ଞାନିକ ଦୃଷ୍ଟିକୋଣ ନାହିଁ । ନିଃସନ୍ଦେହରେ ଆମେ ଭାଷା ଉପରେ ଆମର ଗର୍ବ ଓ ଗୌରବ ଅନୁଭବ କରିବା ଉଚିତ । **(କ୍ରମଶଃ)**


***ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା***
***ମୋ. ୯୨୩୭୦୮୯୫୦୯***


# ଚଉରା ମୂଳରେ ଜଳୁଛି ଆକାଶ ଦୀପ

■ **ସନ୍ତୋଷ କୁମାର ଦାଶ** ■

ଧର୍ମ ମାସ କାର୍ତ୍ତିକ । ଏହି ମାସରେ ବିଧବା ମହିଳା ଓ ଧର୍ମ ପରାୟଣ ବ୍ୟକ୍ତି ଓ ପରିବାରମାନେ ଭକ୍ତି ଓ ନିଷ୍ଠାର ସହ ପାଳନ କରିଥାନ୍ତି କାର୍ତ୍ତିକ ବ୍ରତ । ପ୍ରାତଃରେ ବ୍ରତଧାରୀମାନେ ଚଉରା ମୂଳରେ ରାଇ ଦାମୋଦର ପୂଜା କରୁଥିବା ବେଳେ ସଂଧ୍ୟାରେ ଜାଳୁଛନ୍ତି ଆକାଶ ଦୀପ । ବିଭିନ୍ନ ମଠ ଓ ମନ୍ଦିରମାନଙ୍କରେ ବି ଭକ୍ତ ଓ ଶ୍ରଦ୍ଧାଳୁମାନେ କାର୍ତ୍ତିକ ବ୍ରତ ପାଳନ କରୁଥିବା ଓ ସଂଧ୍ୟାରେ ଆକାଶ ଦୀପ ଜଳାଉଥିବା ଦେଖି ବାକୁ ମିଳେ । କାର୍ତ୍ତିକ ମାସରେ ତୁଳସୀ ଚଉରା ମୂଳରେ ଆକାଶ ଦୀପ ଜାଳିବା ସମ୍ପର୍କରେ ଅନେକ କିମ୍ବଦନ୍ତୀ ରହିଛି । ଏହି ସମୟରେ ପିତୃଲୋକ ମାନେ ପୃଥିବୀ ଲୋକରୁ ପ୍ରେତ ଲୋକକୁ ଫେରୁଥିବା ବିଶ୍ୱାସ ରହିଛି । ଆକାଶ ଦୀପ ଜାଳିଲେ ପିତୃ ପୁରୁଷଙ୍କ ଚଲାପଥ ଆଲୋକିତ ହୋଇପଡ଼େ । ଏଣୁ ସେମାନେ ଖୁସି ହୋଇ ବ୍ରତଧାରୀ ପରିବାରକୁ ଆଉ ବ୍ରତଧାରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥାନ୍ତି ବୋଲି ଲୋକକଥା ରହିଛି । କାର୍ତ୍ତିକ ବ୍ରତ ପାଳନ କରୁଥିବା ବ୍ୟକ୍ତି ସଂଧ୍ୟାରେ ଚଉରା ମୂଳରେ ଆକାଶ ଦୀପ ଜାଳିଲେ ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି କାର୍ତ୍ତିକ ପୁରାଣରେ ବର୍ଣ୍ଣିତ ହୋଇଛି । ଗବେଷକମାନେ କିନ୍ତୁ କୁହନ୍ତି ଯେ, ଅତୀତରେ ଜଳପଥ ହିଁ ଥିଲା ଗମନାଗମନର ମୁଖ୍ୟ ପଥ । କଳିଙ୍ଗର ସାଧବ ପୁଅମାନେ ବାଣିଜ୍ୟ ବ୍ୟବସାୟ କରିବାକୁ ନିଜ ପାଲ ଟଣା ବୋଇତରେ ବିଭିନ୍ନ ନଦୀ ପଥ ଦେଇ ସମୁଦ୍ରକୁ ପ୍ରବେଶ କରି ବିଭିନ୍ନ ଦେଶକୁ ଯାଉଥିଲେ । ଏହି ସମୟ ରେ ଉତ୍ତରା ପବନ ପ୍ରବାହିତ ହେଉ ଥିବାରୁ ସାଧବ ପୁଅମାନେ ସହଜରେ ସମୁଦ୍ରରୁ ନିଜ ବୋଇତକୁ ନଦୀକୁ ପ୍ରବେଶ କରାଇ ନଦୀ ପଥରେ ନିଜ ନିଜ ଗାଁ ଓ ବିଭିନ୍ନ ବ୍ୟବସାୟିକ ପେଣ୍ଠ ସ୍ଥାନକୁ ଯାଇ ପାରୁଥିଲେ । ଜଳପଥରୁ ସ୍ଥଳ ଭାଗରେ ଥିବା ନିଜ ଗାଁ ଓ ବିଭିନ୍ନ ବ୍ୟବସାୟିକ ପେଣ୍ଠ ସ୍ଥାନକୁ କାର୍ତ୍ତିକ ମାସର ଗାଢ଼ ଅନ୍ଧାର ରାତିରେ ଚିହ୍ନିବା ପାଇଁ ପରିବାର ପକ୍ଷରୁ ଏହି ଆକାଶ ଦୀପ ଜାଳିବାର ବ୍ୟବସ୍ଥା ହୋଇଥିଲା । ଅତୀତ ଓଡ଼ିଶାର ନୌବାଣିଜ୍ୟ ଗୌରବ ଗାଥା ସହିତ ଆକାଶ ଦୀପ ଜାଳିବା ପରମ୍ପରାର ନିବିଡ଼ ସମ୍ପର୍କ ରହିଛି । ସେ ଯାହା ହେଉ ନା କାହିଁକି କାର୍ତ୍ତିକ ମାସରେ ଚଉରା ମୂଳରେ ଆକାଶ ଦୀପ ଜାଳିବା ପରମ୍ପରା କାହିଁ କେତେ କାଳରୁ ଆମ ଓଡ଼ିଆ ସଂସ୍କୃତିର ଏକ ଅଙ୍ଗ ହୋଇ ରହି ଆସିଛି । ଚଉରା ମୂଳରେ ଏକ ଲମ୍ବ ବାଉଁଶ ପୋତା ଯାଏ । ଉକ୍ତ ବାଉଁଶର ଉପରି ଭାଗରେ କିଛି କଣ୍ଟା ଜାତୀୟ ବୃକ୍ଷର ଡାଳ ବନ୍ଧାଯାଇଥାଏ । ଫଳରେ ଉକ୍ତ ବାଉଁଶ ଉପରେ କୌଣସି ପକ୍ଷୀ ବସି ପାରିବେ ନାହିଁ । ବାଉଁଶର ଶୀର୍ଷରେ ଏକ ଛୋଟ ଶକ୍ତ ବନ୍ଧାଯାଇ ତା' ମଧ୍ୟରେ ଏକ ରଶି ବନ୍ଧାଯାଏ ଠିକ ଜାତୀୟ ପତାକା ବନ୍ଧା ହେବା ପରି । ଉକ୍ତ ମଧ୍ୟ ଦେଇ ରଶିକୁ ଉପର ତଳ କରାଯାଇଥାଏ । ରଶିର ଗୋଟିଏ ମୁଣ୍ଡରେ ଏକ ଶିକା ବନ୍ଧା ଯାଇ ଶିକା ଭିତରେ ଏକ ନୂଆ ମାଟି ହାଣ୍ଡି ରଖାଯାଏ । ଉକ୍ତ ମାଟିହାଣ୍ଡି ଭିତରେ ଅଳ୍ପ ପରିମାଣର ବାଲି ରଖାଯାଇ ମାଟିହାଣ୍ଡିର ଚତୁଃପାର୍ଶ୍ୱରେ ଛୋଟ ଛୋଟ ଛିଦ୍ର(କଣା) କରାଯାଇଥାଏ । କାର୍ତ୍ତିକ ବ୍ରତ ଓଷା ପାଳନ କରୁଥିବା ବ୍ରତଧାରୀମାନେ ପ୍ରତ୍ୟେହ ସଂଧ୍ୟାରେ ତୁଳସୀ ଚଉରା ମୂଳରେ ଘିଅ ଦୀପ ଜଳାଇ ବୃନ୍ଦାବତୀଙ୍କୁ ବନ୍ଦାପନା କରିଥାନ୍ତି । ପରେ ସେହି ଘିଅ ଦୀପକୁ ମାଟି ହାଣ୍ଡି ଭିତରେ ଥିବା ବାଲି ଉପରେ ଥୋଇ ମାଟି ହାଣ୍ଡି ଉପରେ ଘୋଡଣୀ ଦେଇ ହରିବୋଲ ହୁଳହୁଳି ପକାଇ ରଶିକୁ ଟାଣିଥାନ୍ତି । ଶିକାରେ ଥିବା ମାଟି ହାଣ୍ଡି ରଶି ସାହାଯ୍ୟରେ ବାଉଁଶର ଶୀର୍ଷକୁ ଉଠିଥାଏ । ମାଟି ହାଣ୍ଡି ଭିତରେ ଜଳୁଥିବା ଘିଅ ଦୀପର ଆଲୋକ ଶିଖା ଛୋଟ ଛୋଟ ଛିଦ୍ର ବାଟେ ଧିକ ଧିକ ହୋଇ ଅନେକ ଦୂରକୁ ଦେଖା ଯାଇଥାଏ । ବ୍ରତଧାରୀମାନେ ମାଟି ହାଣ୍ଡି ଭିତରେ ଜଳୁଥିବା ଦୀପକୁ ବାଉଁଶ ଶୀର୍ଷକୁ ଉଠାଇବା ପରେ ରଶିକୁ ବାଉଁଶରେ ବାନ୍ଧି ଆକାଶ ଦୀପକୁ ମୁଣ୍ଡିଆ ମାରି ଘରକୁ ଫେରିଥାନ୍ତି । ଭୂମି ଉପରେ ନ ଜଳି ଶୂନ୍ୟ ଆକାଶରେ ଦୀପ ଜଳୁଥିବାରୁ ଏହାକୁ ଆକାଶ ଦୀପ କୁହାଯାଇଥାଏ । ପ୍ରତିଦିନ ସନ୍ଧ୍ୟାରେ ଏହି ଆକାଶ ଦୀପ ହାଣ୍ଡିକୁ ତଳକୁ ରଶି ଦ୍ୱାରା ଅଣାଯାଇ ନୂଆ ଘିଅ ଦୀପ ଜାଳି ହାଣ୍ଡି ଭିତରେ ରଖି ପୁଣି ରଶି ଦ୍ୱାରା ଉପରକୁ ଟଣା ଯାଇଥାଏ । କାର୍ତ୍ତିକ ପୂର୍ଣ୍ଣିମା ଦିନ ପର୍ଯ୍ୟନ୍ତ ତୁଳସୀ ଚଉରା ମୂଳରେ ଆକାଶ ଦୀପ ଜାଳିବା ପରମ୍ପରା ରହିଛି । ଆମ ରାଜ୍ୟର କିଛି ଅଞ୍ଚଳରେ କୁମାର ପୂର୍ଣ୍ଣିମା ପର ଦିନ ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ତୁଳସୀ ଚଉରା ମୂଳରେ ଆକାଶ ଦୀପ ଜାଳିବା ପରମ୍ପରା ରହି ଥିବା ବେଳେ ଆଉ କିଛି ଅଞ୍ଚଳରେ ପଞ୍ଚୁକ ପାଞ୍ଚ ଦିନ ଅର୍ଥାତ କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନ ଆକାଶ ଦୀପ ଜାଳିବା ପରମ୍ପରା ରହିଛି । ସେ ଯାହା ହେଉନା କାହିଁକି ପୁଣ୍ୟ ମାସ କାର୍ତ୍ତିକରେ ତୁଳସୀ ଚଉରା ମୂଳରେ ଆକାଶ ଦୀପ ଜାଳିବା ପରମ୍ପରା ହୋଇ ରହି ଆସିଛି କାହିଁ କେତେ କାଳରୁ ।


***ତୁଳସୀପୁର, ପୁରୀ***
***ମୋ. ୯୪୩୯୩୬୧୮୮୮***


# ଭଗିନୀ ନିବେଦିତାଙ୍କ ଦୃଷ୍ଟିରେ ଭାରତର ରାଷ୍ଟ୍ରୀୟତା

■ **ଡ. ସମନ୍ୱୟ ନନ୍ଦ** ■

ଭଗିନୀ ନିବେଦିତା ଭାରତୀୟମାନଙ୍କ ପାଇଁ ଆଦୌ ଅପରିଚିତ ନୁହନ୍ତି । ଅଧିକାଂଶ ଭାରତୀୟ ତାଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ପରମ ଶିଷ୍ୟା ରୂପେ ଜାଣନ୍ତି । ତେବେ ତାଙ୍କ ବିଷୟରେ ଆଲୋଚନା କରାଗଲା ବେଳେ ଗୋଟିଏ କଥାକୁ ନିସନ୍ଦେହରେ କୁହାଯାଇପାରେ ଓ ତାହା ହେଲା ଯେ ଇତିହାସ ଓ ଐତିହାସିକମାନେ ତାଙ୍କ ସହ ନ୍ୟାୟ କରି ନାହାନ୍ତି । ଜଣେ ବିଦେଶିନୀ ଯିଏ ଭାରତକୁ ଭଲ ପାଇ ତା'ର ସମସ୍ତ ଜୀବନ ସନାତନ ଧର୍ମ ଓ ଭାରତ ମାତାଙ୍କ ଚରଣରେ ଅର୍ପିତ କରି ଦେଇଥିଲେ ତାଙ୍କର ବ୍ୟକ୍ତିତ୍ୱ ଓ କୃତିତ୍ୱ ସମ୍ପର୍କିତ ବିଭିନ୍ନ ଆୟାମ ସମ୍ପର୍କରେ ସେତେ ଆଲୋଚନା ହୁଏ ନାହିଁ ଯେତିକିର ସେ ହକଦାର ଅଟନ୍ତି ।

ସେ ଏକ ଏପରି ସମୟର ଦାସତ୍ୱର ବେଡିରେ ବନ୍ଧା ଭାରତର ଅଜଣା ଲୋକ ମାନଙ୍କ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଆଦି କ୍ଷେତ୍ରରେ ସେବା କରିଥିଲେ । ତତ୍କାଳୀନ ଶାସକ ଇଂରେଜମାନଙ୍କର ଭାରତୀୟମାନଙ୍କ ପ୍ରତି କ୍ରୁରତାକୁ ଦେଖି ସେ ସହ୍ୟ କରି ପାରି ନ ଥିଲେ । ସ୍ୱାଧୀନତା ଆନ୍ଦୋଳନରେ ସାମିଲ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସହ ଇଂରେଜମାନଙ୍କ ବିରୁଦ୍ଧରେ କାର୍ଯ୍ୟ କରିଥିଲେ । ଭଗିନୀ ନିବେଦିତା ତାଙ୍କ ଜୀବନରେ କରିଥିବା ସମସ୍ତ ସେବା କାର୍ଯ୍ୟ ନିସ୍ୱାର୍ଥ ଭାବ ନେଇ କରିଥିଲେ । ଭାରତରେ ସେବା କାର୍ଯ୍ୟ କରୁଥିବା ବେଳେ ସେ କନଭର୍ଜନ ମାଫିଆମାନଙ୍କୁ କଡା ବିରୋଧ କରିଥିଲେ । ସେ ଭାରତରେ ଆସି ସାରିବା ପରେ ଆଉ ଆଇରିଶ ରାଷ୍ଟ୍ରୀୟତାର ହୋଇ ରହି ନ ଥିଲେ । ତାଙ୍କୁ ଭାରତୀୟତାର ରଙ୍ଗରେ ସଂପୂର୍ଣ ଭାବେ ରଙ୍ଗାୟିତ ହୋଇଥିବା ଦେଖିବାକୁ ମିଳିଥିଲା ।

ଜଣେ ବିଶିଷ୍ଟ ବିଚାରକ ତାଙ୍କ ସମ୍ପର୍କରେ କହିଥିଲେ, 'ସେ ଭାରତରେ ଯଦିଓ ଜନ୍ମ ଗ୍ରହଣ କରି ନ ଥିଲେ, ହେଲେ ଏହା ନିଶ୍ଚିତ ଯେ ସେ ଭାରତ ପାଇଁ ଜନ୍ମ ହୋଇଥିଲେ ।' ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିପିନ ଚନ୍ଦ୍ର ପାଲ ଭଗିନୀ ନିବେଦିତାଙ୍କ ସମ୍ପର୍କରେ କହିଥିଲେ ଯେ 'ଭଗିନୀ ନିବେଦିତା ଯେଉଁ ପ୍ରକାରରେ ଭାରତକୁ ଭଲ ପାଆନ୍ତି, ଭାରତବାସୀମାନେ ମଧ୍ୟ ଭାରତକୁ ସେତିକି ଭଲ ପାଆନ୍ତି – ଏଥିରେ ସନ୍ଦେହ ଅଛି ।' ସେ ଭାରତକୁ କେତେ ଭଲ ପାଉଥିଲେ ତାହା ତାଙ୍କର ପୁସ୍ତକ 'କାଳି – ଦି ମଦର', 'ଦି ୱେବ ଅଫ ଇଣ୍ଡିଆନ୍ସ ଲାଇଫ', 'କ୍ରେଡିଲ ଟେଲ୍ସ ଅଫ ହିନ୍ଦୁଇଜମ', 'ଏନ ଇଣ୍ଡିଆନ ଷ୍ଟଡି ଅଫ ଲାଇଫ ଏଂଡ ଡେଥ', 'ଫୁଟଫଲ୍ସ ଅଫ ଇଣ୍ଡିଆନ ହିଷ୍ଟ୍ରି', 'ରିଲିଜିୟନ ଏଣ୍ଡ ଧର୍ମ', 'ସିଭିକ ଏଂଡ ନ୍ୟାସନାଲ ଆଇଡିଆଲ୍ସ' ଆଦି ପଢି ବୁଝାଯାଇପାରେ ।

ଯେପରିକି ଉପରେ ଉଲ୍ଲେଖ କରାଯାଇଛି ଯେ ଭଗିନୀ ନିବେଦିତାଙ୍କ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ସେ ଜଣେ ପ୍ରଖର – ଓଜସ୍ୱୀ ବକ୍ତା ଥିବା ସହିତ ଜଣେ ଉଚ୍ଚ କୋଟିର ଲେଖିକା ଥିଲେ । ତାଙ୍କର ଲେଖା ଗୁଡିକ ସେତେବେଳେ ହଜାର ହଜାର ଯୁବକଙ୍କୁ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାକୁ ପ୍ରେରଣା ଦେଉଥିଲା । ଏହି କାରଣରୁ ବ୍ରିଟିଶ ସରକାରଙ୍କ ଅଧିକାରୀ ମାନେ ତାଙ୍କର ଗୁପ୍ତଚରୀ କରୁଥିଲେ ଓ ତାଙ୍କ ଦ୍ୱାରା ଲେଖା ଯାଉଥିବା ପତ୍ରଗୁଡିକୁ ପଢୁଥିଲେ ।

ଭଗିନୀ ନିବେଦିତା ନିଜରୀ ଲେଖନୀରେ ରାଷ୍ଟ୍ରୀୟତାକୁ କେବଳ ରାଜନୀତି ବା ଷ୍ଟେଟର ଅବଧାରଣା ନୁହେଁ ବରଂ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନା ରୂପେ ପରିଭାଷିତ କରିଥିଲେ । ତାଙ୍କର ସ୍ପଷ୍ଟ ମତ ଥିଲା ଯେ ଭାରତର ରାଷ୍ଟ୍ରୀୟତାର ଉତ୍ସ ଧର୍ମ, ସଂସ୍କୃତି ଓ ଆତ୍ମାର ଏକତାରେ ରହିଛି, ଏକ ଏପରି ଚେତନା ଯାହା ଲୋକମାନଙ୍କ ମଧ୍ୟରେ ଦେଶ ପ୍ରତି ଜୀବନ୍ତ ନିଷ୍ଠା ଓ ଆତ୍ମ ତ୍ୟାଗର ଭାବନା ଉତ୍ପନ୍ନ କରିଥାଏ ।

ସେ କହୁଥିଲେ ଯେ ଭାରତର ରାଷ୍ଟ୍ରୀୟତା କୌଣସି ଭୌଗୋଳିକ ବା ରାଜନୈତିକ ନିର୍ମାଣ ନୁହେଁ ବରଂ ଏକ ଆତ୍ମିକ ଅନୁଭୂତି ଅଟେ । ତାଙ୍କର ମତ ଥିଲା ଯେ ଭାରତର ରାଷ୍ଟ୍ରୀୟତାର ମୂଳ ଧର୍ମ ଓ ସଂସ୍କୃତିରେ ନିହିତ ରହିଛି ଯାହା ସମାଜକୁ ଗୋଟିଏ ସୂତ୍ରରେ ବାନ୍ଧିଥାଏ । ଭାରତର ରାଷ୍ଟ୍ରୀୟତା ସନାତନ ଧର୍ମରୁ ଉତ୍ପନ୍ନ ହୋଇଛି, ସେହି ସନାତନ ଜୀବନ ଦୃଷ୍ଟି ଯାହା ବିଭିନ୍ନତା ମଧ୍ୟରେ ଏକତା ଦେଖିଥାଏ ।

ଭଗିନୀ ନିବେଦିତାଙ୍କ ଦୃଷ୍ଟିରେ ରାଷ୍ଟ୍ରୀୟତା ହେଉଛି ସେହି ଭାବ, ଯାହା ଦେଶବାସୀ ମାନଙ୍କ ମଧ୍ୟରେ ଆତ୍ମଚେତନା, ସମର୍ପଣ, କରୁଣା, ଓ ସେବା ମାଧ୍ୟମରେ ମାତୃଭୂମି ପ୍ରତି ଦିବ୍ୟତାର ବୋଧ କରାଇଥାଏ । ଏହା କୌଣସି ରାଜନୈତିକ ଏକକ ନୁହଁ ବରଂ ଏକ ଜୀବନ୍ତ ଆତ୍ମା ଯାହା ନିଜର ଅତୀତର ଗୌରବଗାଥା ଓ ଭବିଷ୍ୟତର ଆଦର୍ଶ ସହ ପ୍ରେରିତ ହୋଇ ସମାଜକୁ ଏକତାର ସୂତ୍ରରେ ବାନ୍ଧିଥାଏ ।

ସିଭିକ ଏକ ନ୍ୟାସନାଲ ଆଇଡିଆଲ୍ସରେ ସେ ରାଷ୍ଟ୍ରୀୟତାକୁ କର୍ତ୍ତବ୍ୟ ଓ ଆତ୍ମବଳିଦାନର ଭାବନା ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ କୌଣସି ରାଷ୍ଟ୍ର ସେତେବେଳେ ଜାଗ୍ରତ ହୋଇପାରିବ ଯେତେବେଳେ ସେହି ଦେଶର ନାଗରିକମାନେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପରିବର୍ତ୍ତେ ସମାଜ ଓ ମାତୃଭୂମିର ସ୍ୱାର୍ଥକୁ ଅଗ୍ରାଧିକାର ଦେବେ ।

ତାଙ୍କର ଜୀବନୀ ଲେଖିଥିବା ପ୍ରବ୍ରାଜିକା ଆତ୍ମପ୍ରାଣା ଲେଖିଛନ୍ତି ଯେ ବାସ୍ତବରେ ନିବେଦିତାଙ୍କ ଜୀବନ ତାଙ୍କର ଦୃଢ ସଂକଳ୍ପ ବିଶିଷ୍ଟ ପ୍ରାର୍ଥନାର ପୂର୍ଣ୍ଣତା ଥିଲା । ଭଗିନୀ ନିବେଦିତାଙ୍କ ପ୍ରାର୍ଥନା ଏପରି ଥିଲା– ହେ ଇଶ୍ୱର, ଗୁରୁଙ୍କ ସ୍ମରଣ କରି ମୋତେ ନିର୍ଭୟପୂର୍ବକ, ଯାହା ସତ୍ୟ, ତାକୁ କହିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ । ମୋର ଗୋଟିଏ ଗୋଟିଏ ଶବ୍ଦ ଦ୍ୱାରା ମୋ ଗୁରୁଙ୍କ ପବିତ୍ର, ନିର୍ମଳ ତଥା ନିଷ୍କଳଙ୍କ ଜୀବନ ପ୍ରବାହ ଅଖଣ୍ଡ ରୂପରେ ପ୍ରବାହିତ ହେଉ ଥାଉ । ଯଦ୍ୱାରା ମୃତ୍ୟୁ ସମୟରେ ମୋତେ ଏହି କଥାକୁ ନେଇ କୌଣସି ଦୁଃଖ ରହିବ ନାହିଁ ଯେ ମୁଁ ତାଙ୍କର ଆକାଂକ୍ଷାକୁ ପୂର୍ଣ୍ଣ କରି ନାହିଁ । ମୁଁ ତାଙ୍କ ଚେହେରାରେ ସେହି ବିଶ୍ୱାସ ପୁଣି ଥରେ ଦେଖିବାକୁ ଚାହୁଁଛି ଯେ ଯଦ୍ୱାରା ମୃତ୍ୟୁ ପୂର୍ବରୁ ମୋ ମନରେ ଦୁଃଖ ନ ରହୁ ଯେ ମଁ ତାଙ୍କୁ ନିରାଶ କଲି । ଏହା ହେଉଛି ମୋର ପ୍ରାର୍ଥନା । ଭଗିନୀ ନିବେଦିତା ଭାରତର ପୁନର୍ଜାଗରଣରେ ନିଜ ଭୂମିକା ନିର୍ବାହ କରିବା ସହ ତାଙ୍କ ଗୁରୁଙ୍କ ପ୍ରତି ଦୃଢ ସଂକଳ୍ପ ବିଶିଷ୍ଟ ଏହି ପ୍ରାର୍ଥନାକୁ ଜୀବନର ଶେଷ ଯାଏ ଜୀଇଁ ଥିଲେ ।

ନିଜର ସମ୍ପୂର୍ଣ୍ଣ ଜୀବନ ଭାରତ ପ୍ରତି ଉତ୍ସର୍ଗ କରିବା ପରେ ଭଗିନୀ ନିବେଦିତା ଅକ୍ଟୋବର ୧୩, ୧୯୧୧ରେ ତାଙ୍କର ଜୀବନ ଯାତ୍ରା ପୂରା କରିଥିଲେ । ହିମାଳୟର କୋଳରେ ଦାର୍ଜିଲିଂ ସହରରେ ତାଙ୍କର ଅନ୍ତିମ ସଂସ୍କାର କରା ଯାଇଥିଲା । ତାଙ୍କର ସ୍ମୃତିରେ ଭାରତୀୟ ମାନେ ସେହି ସ୍ଥାନରେ ଏକ ସମାଧି ତିଆରି କରିଛନ୍ତି । ଭାରତୀୟ ମାନେ ସେଠାରେ ଏକ ଶିଳାଲେଖରେ ଲେଖିଛନ୍ତି – ଯିଏ ନିଜର ସର୍ବସ୍ୱ ଭାରତ ପାଇଁ ସମର୍ପିତ କରି ଦେଇଥିଲେ, ସେହି ଭଗିନୀ ନିବେଦିତା ଏଠାରେ ଚୀର ବିଶ୍ରାମ କରୁଛନ୍ତି । ବାସ୍ତବରେ ଏହି ଶିଳାଲେଖରେ ଏପରି ଉଲ୍ଲେଖ କରି ତାଙ୍କ ପ୍ରତି ଉଚିତ ଶ୍ରଦ୍ଧାଞ୍ଜଳି କୃତଜ୍ଞତା ଜ୍ଞାପନ କରିଛନ୍ତି ।



ଗୋମାତା ହେଉଛି ଆମର ଚଳନ୍ତି ଦେବତା ଓ ସକଳ ସୁଖ ସମୃଦ୍ଧିର ପ୍ରତୀକ ଚ କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ଗୋସଙ୍ଗଚ୍ଛଦ ଉପରେ ହିଁ ପର୍ଯ୍ୟବେଶିତ । ଗୋମାତା ଆମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର କର୍ଣ୍ଣଧାର ଚ ସୁସ୍ଥ ସମାଜ ଗଠନରେ ଗୋମାତାର ଦାନ ଅତୁଳନୀୟ । ଗୋ-ବର୍ଦ୍ଧନ ପୂଜା ଓ ଗୋଷ୍ଠାଷ୍ଟମୀକୁ ସଂଶ୍ଳିଷ୍ଟ କରାଯାଇ ୧୯୫୨ ମସିହାଠାରୁ ଗିରି ଗୋବର୍ଦ୍ଧନ ଓ ଗୋମାତାର ପୂଜାବିଧି ପାଳନ ପୂର୍ବକ ଆମ ରାଜ୍ୟ ତଥା ଦେଶରେ ଏହାକୁ ଗୋ-ସମ୍ବର୍ଦ୍ଧନା ସପ୍ତାହ ଭାବରେ ପାଳନ କରାଯାଇ ଆସୁଅଛି । ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହିତ ଗୋମାତା ଓତଃପ୍ରୋତ ଭାବେ ଜଡ଼ିତ । ଗୋ-ଶବ୍ଦର ଅର୍ଥ ଗତିଶୀଳ। ଗୋମାତାର ସୁରକ୍ଷାରେ ଆମ ରାଜ୍ୟ ତଥା ରାଷ୍ଟ୍ରର ପ୍ରଗତି ସମ୍ଭବ।

# ଗୋବର୍ଦ୍ଧନ ପୂଜା ଓ ଗୋଷ୍ଠାଷ୍ଟମୀ

## ଡା. ବୀର କିଶୋର ପରିଡ଼ା













ଆମ ଦେଶରେ ପ୍ରାଚୀନ କାଳରୁ ୫ଟି 'ଗ' ଯଥା- ଗାଈ, ଗଙ୍ଗା, ଗୀତା, ଗାୟତ୍ରୀ ଏବଂ ଗୁରୁ ହିଁ ଆମ ସଭ୍ୟତା ଓ ସଂସ୍କୃତିର ପ୍ରତୀକ ଭାବେ ପରିଗଣିତ । ଏହି ପଞ୍ଚତତ୍ତ୍ୱ ଆମ ଶରୀର ଓ ମନକୁ ପୁଷ୍ଟ କରେ । ଗଙ୍ଗା ଆମ ଶରୀର ଓ ମନକୁ ନିର୍ମଳ ରଖନ୍ତି । ଗୀତା ଆମକୁ ସତ୍ ଉଦ୍ଦେଶ୍ୟ ଓ ସାର୍ଥକ ଜୀବନଯାପନ କରିବାର ଶୈଳୀ ଶିଖାଏ । ଗାୟତ୍ରୀ ମନ୍ତ୍ର ସୂର୍ଯ୍ୟଙ୍କ ଉପାସନାର ମନ୍ତ୍ର । ଗୁରୁ ଜ୍ଞାନର ଆଲୋକ ଦେଇଥାନ୍ତି । ମନୁଷ୍ୟ ସମାଜରେ ଗୋମାତାର ଦାନ ଅତୁଳନୀୟ । ମାନବର ଅସ୍ତିତ୍ୱ, ରକ୍ଷଣ, ପୋଷଣ ଓ ବିକାଶ ଉଦ୍ଦେଶ୍ୟରେ ମନିଷୀଗଣ ଗୋବଂଶକୁ ଗୁରୁତ୍ୱ ଦେଇ ଆସିଛନ୍ତି । ମାନବ ସମାଜର ଚାରୋଟି ପୁରୁଷାର୍ଥ ଯଥା – ଧର୍ମ, ଅର୍ଥ, କାମ ଓ ମୋକ୍ଷ ପ୍ରାପ୍ତିର ମୂଳ ସାଧନ ହେଉଛି ଗୋମାତା । ଗୋମାତା ହେଉଛନ୍ତି ଗଙ୍ଗା ପରି ପବିତ୍ର ପ୍ରାଣୀ ଏବଂ ମହାଲକ୍ଷ୍ମୀଙ୍କ ସ୍ୱରୂପା । ମହାଲକ୍ଷ୍ମୀ ଯେପରି ସୁଖ ସମୃଦ୍ଧିରେ ଆମକୁ ଭରିଦିଏ ସେହିପରି ଗୋମାତା ତା'ର ଅମୃତମୟ ଗୋରସ ବା ଦୁଗ୍ଧ ପ୍ରଦାନ କରି ସୁସ୍ଥ ଅର୍ଥ ଉପାର୍ଜନରେ ସହାୟତା କରିଥାଏ । ତା'ଠାରୁ ଜନ୍ମିତ ବାଛୁରୀ କ୍ଷେତରେ ଶସ୍ୟ ଫଳାଏ । ତେଣୁ ଗୋମାତା ମାନବ ସମାଜର ଏକ ସମ୍ମାନସ୍ପଦ ପ୍ରାଣୀ ଭାବେ ପରିଗଣିତ ହୋଇଥାଏ । ଗୋମାତା ହେଉଛି ଐଶ୍ୱରିକ ଚେତନାର ଶ୍ରେଷ୍ଠ ନିଦର୍ଶନ । ଏହା ପ୍ରକୃତିର ୫ଟି ମୌଳିକ ଉପାଦାନକୁ ରୂପାନ୍ତରିତ କରିଥାଏ । ।ହା ହେଲା- କୃଷିଜାତ ବର୍ଯ୍ୟ ପଦାର୍ଥକୁ କ୍ଷୀରରେ ରୂପାନ୍ତରିତ କରିଥାଏ । ଗୋମାତାଠାରୁ ତା'ର ଜନ୍ମିତ କଅଁଳା ବାଛୁରୀକୁ ଛଡ଼ାଇ ନେବା ପରେ ମଧ୍ୟ ଗୋମାତା ଆମକୁ ଅନବରତ କ୍ଷୀର ଦେଇ ପ୍ରତିପୋଷଣ କରେ । ସହିଷ୍ଣୁତା ଓ ଆଜ୍ଞାନୁବର୍ତ୍ତିତାର ପ୍ରତୀକ ଭାବେ ବଳଦ ତା'ର କାନ୍ଧରେ ସକଳ କୃଷିକାର୍ଯ୍ୟ ଓ ପରିବହନରେ ସହାୟତା କରିଥାଏ । ଗୋମାତା ତା'ର ବାଛୁରୀ ଓ ମାଲିକଙ୍କୁ ଅସାଧାରଣ ଭାବେ ଭଲ ପାଏ । ମନୁଷ୍ୟ ପାଇଁ କ୍ଷତିକାରକ ବିଷ ପଦାର୍ଥକୁ ଅମୃତ ରସ ବା କ୍ଷୀରରେ ପରିଣତ କରେ । ଗୋରୁର ମଳ ହେଉଛି ପବିତ୍ର, ଯାହାର ସଂସ୍ପର୍ଶରେ ଗୋମୟ ପରିବେଶ ସୃଷ୍ଟି ହୋଇଥାଏ । ଗୋବର ହେଉଛି ଭୂମିର ଶ୍ରେଷ୍ଠ ପ୍ରାକୃତିକ ଖାଦ୍ୟ । ଜୈବିକ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଗୋବରର ଭୂମିକା ବିଶେଷ ରହିଅଛି । ଗୋମୂତ୍ର ଏକ ଅବ୍ୟର୍ଥ ଔଷଧ ରୂପେ ବ୍ୟବହାର ହୋଇଥାଏ ।

ଦ୍ୱାପର ଯୁଗରେ ବୃନ୍ଦାବନ ବିହାରୀ ପରମ ଗୋପାଳକ ଶ୍ରୀକୃଷ୍ଣ ଏବଂ ତାଙ୍କର ଅଗ୍ରଜ ବଳରାମ ଗୋପପୁରରେ ରହି ଗୋପାଳନର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଯାଇଛନ୍ତି। ସେମାନେ ଗୋପାଳକ ସାଜି ପ୍ରତିଦିନ ବୃନ୍ଦାବନର ଜଙ୍ଗଲରେ ଗାଈ ଚରାଇଥିଲେ । ଗିରି ଗୋବର୍ଦ୍ଧନ ପୂଜା ଓ ଗୋଷ୍ଠାଷ୍ଟମୀ ସହ ଗୋଲକ ବିହାରୀ ଶ୍ରୀକୃଷ୍ଣଙ୍କୁ ସଂଶ୍ଳିଷ୍ଟ କରାଯାଇ ଯେଉଁ ଆଖ୍ୟାୟିକାଟି ପ୍ରଚଳିତ, ତାହା ସଂକ୍ଷେପରେ ଏହିପରି- ବର୍ଷାକାଳ ଶେଷରେ ପ୍ରତିଦିନ ଗୋପବାସୀମାନେ ଇନ୍ଦ୍ରଯଜ୍ଞ କରି ଆସୁଥିଲେ। କାରଣ ସେମାନଙ୍କ ଧାରଣା ଯେ ଇନ୍ଦ୍ରଙ୍କ କୃପାରୁ ବୃଷ୍ଟି ହୁଏ । ବୃଷ୍ଟିପାତ ହେବାରୁ ଶସ୍ୟ ଫଳେ, ଶସ୍ୟ ଖାଇ ଗୋପବାସୀ ଜୀବନ ଧାରଣ କରନ୍ତି ଏବଂ ଗାଈମାନେ ଦୁଗ୍ଧବତୀ ହୁଅନ୍ତି । କିନ୍ତୁ ପରମ ସଂସ୍କାରକ ଶ୍ରୀକୃଷ୍ଣ ଏହି ଚିରାଚରିତ ପ୍ରଥାର ପରିବର୍ତ୍ତନ କରି ଗୋ ଓ ଗୋ-ବର୍ଦ୍ଧନ ପୂଜାର ପ୍ରବର୍ତ୍ତନ କରିବାକୁ ଚାହିଁଲେ। କାରଣ ଗୋ-ସଂପଦ ଓ ଗୋ-ବର୍ଦ୍ଧନ ସହ ଗୋପପୁରବାସୀମାନେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିବାରୁ ଏବଂ ଏମାନେ ବହୁ ଉପକାର କରୁଥିବାରୁ ଏମାନଙ୍କର ପୂଜା କରିବା ବିଧେୟ ବୋଲି ସେ ଯୁକ୍ତି କରିଥିଲେ। ତାଙ୍କର ଏହି ଅକାଟ୍ୟ ଯୁକ୍ତିକୁ ସମସ୍ତେ ଗ୍ରହଣ କରିଥିଲେ ଏବଂ ଗୋ ଓ ଗୋ-ବର୍ଦ୍ଧନ ପୂଜା କରିଥିଲେ ।



ଗୋପପୁରରେ ଇନ୍ଦ୍ରପୂଜା ବ୍ୟାହତ ହେବା ଯୋଗୁ ଇନ୍ଦ୍ର କ୍ରୋଧାନ୍ୱିତ ହୋଇ କାର୍ତ୍ତିକ ଶୁକ୍ଳ ପକ୍ଷ ପ୍ରତିପଦଠାରୁ ସପ୍ତମୀ ପର୍ଯ୍ୟନ୍ତ ସାତଦିନ ବ୍ୟାପି ପ୍ରବଳ ବୃଷ୍ଟି କରିବା ପାଇଁ ଚାରିମେଘକୁ ଆଦେଶ ଦେଲେ। ମେଘ ଓ ବଜ୍ରର ପ୍ରକୋପ ସହି ନପାରି ସମସ୍ତ ଗୋପପୁରବାସୀ (ବ୍ରଜବାସୀ) ଶ୍ରୀକୃଷ୍ଣଙ୍କ ଶରଣ ଭିକ୍ଷା କଲେ। ଶ୍ରୀକୃଷ୍ଣ ଗୋପବାସୀ ଓ ଗୋସଂପଦକୁ ପ୍ରବଳ ବୃଷ୍ଟପାତରୁ ରକ୍ଷା କରିବାପାଇଁ ନିଜର ବାମ ହାତର କନିଷ୍ଠାଙ୍ଗୁଳିରେ ଏକାଦିକ୍ରମେ ସାତ ଦିନ ପର୍ଯ୍ୟନ୍ତ ଗିରିଗୋବର୍ଦ୍ଧନ ଧାରଣ କରିଥିଲେ । ବର୍ଷାର ବେଗ କମାଇବା ପାଇଁ ପ୍ରଭୁ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରକୁ ନିୟୋଜିତ କରିଥିଲେ । ଶେଷରେ ଇନ୍ଦ୍ର ପରାସ୍ତ ହୋଇ ସ୍ୱର୍ଗ ଗାଭୀ ସୁରଭି ସହ ଆସି ଗର୍ବଦଳନ ନରହରିଙ୍କୁ ସ୍ତୁତି କଲେ ଓ ଗୋଜାତି ତଥା ଗୋକୁଳର ଶ୍ରେଷ୍ଠ ରକ୍ଷକ ଭାବେ ତାଙ୍କ ନାମ 'ଗୋବିନ୍ଦ' ଦେଲେ।

ସେହିଦିନ ଠାରୁ ଗିରି ଗୋବର୍ଦ୍ଧନ ଓ ଗୋମାତାର ପୂଜାବିଧି ପ୍ରଚଳିତ ହୋଇ ଆସୁଅଛି । ଏହିଦିନ ଗାଈଗୋରୁଙ୍କୁ ଗାଧୋଇ ଦିଆଯାଇ ମଥାରେ ଅଭିର, ସିନ୍ଦୁର ଓ ବେକରେ ଫୁଲମାଳ ଲଗାଇ ପୂଜା କରାଯାଇଥାଏ ଏବଂ ସେମାନଙ୍କୁ ଶସ୍ୟଜାତୀୟ ଖାଦ୍ୟ, ସବୁଜ ଘାସ ଓ ଗୁଡ଼ ଆଦି ଖାଇବାକୁ ଦିଆଯାଏ । ହି ଉତ୍ସବ କାର୍ତ୍ତିକମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ସମାହିତ ହୋଇଥିବାରୁ ଏହାକୁ ଗୋପାଷ୍ଟମୀ ବା ଗୋଷ୍ଠାଷ୍ଟମୀ ଆଖ୍ୟା ଦିଆଯାଇଛି ଏବଂ ସେଦିନ ଠାରୁ ଗୋପୂଜାର ପରମ୍ପରା ରହିଆସିଛି।

ବର୍ତ୍ତମାନ ଆମ ରାଜ୍ୟରେ ଗୋସଂପଦର ବିକାଶ ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ଅନେକ ଯୋଜନା ପ୍ରଣୟନ କରାଯାଇଛି। ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବା ଗୋପାଳକ ମାନଙ୍କ ଦ୍ୱାରଦେଶରେ ପହଁଞ୍ଚାଇ ଦିଆଯାଉଅଛି। ଏହି କାର୍ଯ୍ୟକ୍ରମ ଆମ ରାଜ୍ୟର ୩୧୪ଟି ବ୍ଲକରେ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇଅଛି ଏବଂ ଏହି ସେବା ମାଧ୍ୟମରେ କୃତିମ ପ୍ରଜନନ, ଟିକାକରଣ, ଅସ୍ତ୍ରୋପଚାର, ଜନସଚେତନ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ସେହିପରି ସବୁଜ ଗୋଖାଦ୍ୟର ଚାହିଦା ମେଣ୍ଟାଇବାପାଇଁ ଖରିଫ୍ ଓ ରବି ଋତୁରେ ଘାସ ମଞ୍ଜି ଯୋଗାଣ ସହିତ ସବୁଦିନିଆ ଘାସ ଚାଷ ପାଇଁ ଘାସମୂଳ, କାଣ୍ଡ, ଚାରା ଆଦି ଯୋଗାଇ ଦିଆଯାଉଅଛି । ଜାତୀୟ ପ୍ରାଣୀଧନ ମିଶନ ଯୋଜନାରେ ଜଣେ ଗୋପାଳକ ଅନ୍ୟୁନଃ ଅଧଏକର ଜମିରେ ସବୁଦିନିଆ ଘାସ ଚାଷ ନିମନ୍ତେ ୬ହଜାର ଟଙ୍କାରୁ ଆରମ୍ଭ କରି ଅଢ଼େଇ ଏକର ପର୍ଯ୍ୟନ୍ତ ଜମିରେ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଗୋପାଳକମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଅଛି । ସେହିପରି ତିରୋଟି ସମୟରେ ଆଜୋଲା ଚାଷ, ଫଡ଼ର ବ୍ଲକ ପ୍ରସ୍ତୁତି, ମାଟି ନଥାଇ ଘାସଚାଷ, ଜଳଶୁଷ୍କ ଅଞ୍ଚଳରେ ମରୁଡ଼ି ସହନଶୀଳ ଘାସଚାଷ ଆଦି କରିବା ନିମନ୍ତେ ଆଧୁନିକ ବୈଷୟିକ ଜ୍ଞାନ କୌଶଳ ଯୋଗାଇ ଦିଆଯାଉଅଛି। ସବୁଜ ଗୋଖାଦ୍ୟର ସୁବିନିଯୋଗ ନିମନ୍ତେ ଘାସକଟା ଯନ୍ତ୍ର ମଧ୍ୟ ଯୋଗାଇ ଦିଆଯାଉଅଛି ।





ଆମ ରାଜ୍ୟର ଜାତୀୟ ମାନ୍ୟତାପ୍ରାପ୍ତ ଗାଈ ତଥା ବିଞ୍ଝାରପୁରୀ, ଘୁମୁସରି, ଖରିଆଳ, ମୋଟୁ ଏବଂ ମଇଁଷି ପ୍ରଜାତି ଯଥା – ଚିଲିକା ଓ କଳାହାଣ୍ଡି ଆଦିର ସଂରକ୍ଷଣ ଓ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଉଅଛି। ପ୍ରାଥମିକ ପର୍ଯ୍ୟାୟରେ ବିଞ୍ଝାରପୁରୀ ଗୋପ୍ରଜାତିର ସଂରକ୍ଷଣ ଓ ବିକାଶ ନିମନ୍ତେ ଆଞ୍ଚଳିକ ବ୍ରିଡ଼ର ଆସୋସିଏସନ୍ ଗଠନ ଓ ପଦକ୍ଷେପ ଗ୍ରହଣ ସହିତ ଏହି ପ୍ରଜାତିର ଉନ୍ନତ ଷଣ୍ଢ ବାଛୁରୀପାଳନ କରାଯିବା ସହିତ ଷଣ୍ଢଙ୍କଠାରୁ ବିହନ ସଂଗ୍ରହ କରାଯାଇ କୃତିମ ପ୍ରଜନନରେ ବ୍ୟବହାର କରାଯାଉଛି ।

ବିଭିନ୍ନ ସଂକ୍ରାମକ ରୋଗ ଦାଉରୁ ଗୋ-ସଂପଦକୁ ମୁକ୍ତ ରଖିବାପାଇଁ ସାହାଣା, ବଜବଜିଆ, ଆନ୍ଥ୍ରାକ୍ସ, ଫାଟୁଆ ଆଦି ରୋଗର ଟିକା ପ୍ରତ୍ୟେକ ପ୍ରାଣୀଚିକିତ୍ସା କେନ୍ଦ୍ରରେ ମହଜୁଦ୍ ସହ ଟିକାକରଣ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇପାରିଛି।

ପ୍ରାଣୀ ସ୍ୱାସ୍ଥ୍ୟ ଏବଂ ଉତ୍ପାଦନ ସମ୍ବନ୍ଧୀୟ ସୂଚନା ବ୍ୟବସ୍ଥା ବା ଇନାଫ୍ କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ଉପାଦେୟ ତଥ୍ୟ ଯଥା – କୃତିମ ପ୍ରଜନନ, ଦୁଗ୍ଧ ଉତ୍ପାଦନ, ପ୍ରାଣୀ ସ୍ୱାସ୍ଥ୍ୟରକ୍ଷା, ଗୋଖାଦ୍ୟ ପରିଚାଳନା ଇତ୍ୟାଦି ଲିପିବଦ୍ଧ କରାଯାଇ ଗୋ- ବିକାଶ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବାର ବ୍ୟବସ୍ଥା ହୋଇଛି। ସେଥିପାଇଁ ପ୍ରତ୍ୟେକ ଗୃହପାଳିତ ପ୍ରାଣୀଙ୍କୁ କାନନୋଳି ଦ୍ୱାରା ଚିହ୍ନଟ କରାଯାଉଛି ।

ଆମ ରାଜ୍ୟରେ ଗୋ-ସଂପଦର ସାମୁହିକ ବିକାଶ ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ଗୋ-ମହିଷାଦି ନୀତି – ୨୦୧୫ ପ୍ରଣୟନ କରାଯାଇଛି। ଏହି ନୀତି ଅନୁଯାୟୀ, ପ୍ରାଣୀ ଚିକିତ୍ସା ସେବା ଏବଂ ଦୁଗ୍ଧ ସମବାୟ ସମିତି ମାଧ୍ୟମରେ ଦୁଗ୍ଧ ବିକ୍ରି କରିବାପାଇଁ ସୁବିଧା ନଥିବା ଅଞ୍ଚଳରେ ଭାରତୀୟ ପ୍ରଜାତିର ଯଥା- ଗିର୍, ସାହିୱାଲ୍, ଥାର୍‌ପାରକର, ବିଞ୍ଝାରପୁରୀ ଆଦି ଷଣ୍ଢଙ୍କଠାରୁ ବିହନ ଉତ୍ପାଦନ କରାଯାଇ ଦେଶୀ ଗାଈଙ୍କର ଗୁଣାତ୍ମକ ମାନ ବୃଦ୍ଧି କରାଯାଉଛି। ଅନ୍ୟାନ୍ୟ ଅଞ୍ଚଳରେ ଜର୍ସି ଓ ହୋଲଷ୍ଟିନ୍ ପ୍ରଜାତିର ଷଣ୍ଢମାନଙ୍କର ବିହନ କୃତିମ ପ୍ରଜନନରେ ବ୍ୟବହାର କରାଯାଇ ଦୁଧିଆଳୀ ଗାଈଙ୍କ ଉତ୍ପାଦନ କ୍ଷମତା ବୃଦ୍ଧି କରାଯାଉଛି। ଦେଶୀ ମଇଁଷିମାନଙ୍କ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ମୁରା ପ୍ରଜାତିର ମଇଁଷି ଷଣ୍ଢ ବ୍ୟବହାର କରାଯାଉଛି । ଏତଦ୍ ବ୍ୟତୀତ, ରାଜ୍ୟରେ ଜାତୀୟ ମାନ୍ୟତା ପ୍ରାପ୍ତ ଗାଈଙ୍କ ସଂରକ୍ଷଣ ଓ ବିକାଶ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଏହିସବୁ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଆମ ରାଜ୍ୟରେ ୨୦୧୪-୧୫ରେ ଦୁଗ୍ଧ ଉତ୍ପାଦନ ୧୯୦୩ ହଜାର ମେଟ୍ରିକ୍ ଟନ୍ ହୋଇଥିବା ବେଳେ ୨୦୨୦-୨୧ ରେ ଏହା ୨୩୭୩ ହଜାର ମେଟ୍ରିକ୍‌ଟନ୍‌କୁ ବୃଦ୍ଧି ପାଇପାରିଛି । ତଦନୁଯାୟୀ ଆମର ଦୈନିକ ମୁଣ୍ଡପିଛା ଉପଲବ୍ଧ ହେଉଥିବା ଦୁଗ୍ଧର ପରିମାଣ ୧୧୪ ଗ୍ରାମ୍‌ରୁ ବୃଦ୍ଧି ପାଇ ୧୩୮ ଗ୍ରାମ୍‌ରେ ପହଞ୍ଚି ପାରିଛି ।



ଏତଦ୍‌ବ୍ୟତୀତ ବୁଲା ଗୋରୁଗାଈ ଓ ଷଣ୍ଢଙ୍କ ଥଇଥାନ ନିମନ୍ତେ ସରକାର ପ୍ରତ୍ୟେକ ଜିଲ୍ଲାରେ ଗୋଶାଳାମାନ ପ୍ରତିଷ୍ଠା କରୁଛନ୍ତି । ଏହାସହିତ ରାଜ୍ୟ ସ୍ଥିତ ଥିବା ଗୋଶାଳାଗୁଡ଼ିକର ଭିତ୍ତିଭୂମିର ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରିଛନ୍ତି । ମାଲିକବିହୀନ ଏହି ବୁଲା ଗାଈଗୋରୁଙ୍କୁ ଆଶୁଚିକିତ୍ସାସେବା ଯୋଗାଇ ଦେବା ନିମନ୍ତେ ଆନିମଲ୍ ହେଲ୍ପଲାଇନ୍ ବା ରାଜ୍ୟବ୍ୟାପୀ ପ୍ରାଣୀଚିକିତ୍ସା ସହାୟତା ସେବା ବ୍ୟବସ୍ଥା କରିଛନ୍ତି । ସେଥିପାଇଁ ଗୋଟିଏ ଦେୟମୁକ୍ତ ନମ୍ବର ୧୯୬୨ କାର୍ଯ୍ୟ କରୁଛି ଯେଉଁଥିରେ ଜୀବପ୍ରେମୀମାନେ ଏହି ଫୋନ୍ ନମ୍ବରରେ ଫୋନ୍ କଲେ ଅଳ୍ପ ସମୟ ମଧ୍ୟରେ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦେବାର ବ୍ୟବସ୍ଥା ହୋଇଛ । ସେହିପରି ପ୍ରାଥମିକ ପ୍ରାଣୀ ଚିକତ୍ସା, ପ୍ରାଣୀ ପାଳନ, ପ୍ରଜନନ, ଗୋଖାଦ୍ୟ ପରିଚାଳନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ବା ପରାମର୍ଶ ଫୋନ୍ ମାଧ୍ୟମରେ ପ୍ରାଣୀ ଚିକିତ୍ସା ସହାୟତା ସେବା ଯୋଗାଇ ଦିଆଯାଉଛି ।

ତେଣୁ ଆମର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସହାୟତା କରୁଥିବା ଗୋମାତା ପ୍ରତି ଆମର ସ୍ନେହ, ଶ୍ରଦ୍ଧା, ସମ୍ମାନ ଓ ସମ୍ବେଦନଶୀଳ ମନୋଭାବ ପ୍ରଦର୍ଶନ କରିବା ସହିତ ସେମାନଙ୍କର ଖାଦ୍ୟ, ଉପଯୁକ୍ତ ପ୍ରଜନନ ବ୍ୟବସ୍ଥା, ଲାଳନ ପାଳନରେ ଯତ୍ନ, ରୋଗ ନିୟନ୍ତ୍ରଣ ପ୍ରତି ଯତ୍ନବାନ ହେବା ନିମନ୍ତେ ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ରହିବା ଆବଶ୍ୟକ । ଗୋମାତା ଠାରୁ କେବଳ ଦୁଗ୍ଧ ଉପରେ ନିର୍ଭର ନକରି ଗୋବର ଓ ଗୋମୂତ୍ରକୁ ସଠିକ୍ ଉପଯୋଗ କରି ଆଜୀବନ ପର୍ଯ୍ୟନ୍ତ ସେମାନଙ୍କ ପ୍ରତି ଯତ୍ନବାନ ହେଲେ ଆମ ଗ୍ରାମ, ରାଜ୍ୟ ତଥା ଦେଶରେ ସୁଖ ସମୃଦ୍ଧି ଘଟିବା ସହିତ ଆର୍ଥିକ ବିକାଶ ସମ୍ଭବ ହୋଇପାରିବ । ଆଜି ଆମ ରାଜ୍ୟ ତଥା ଦେଶରେ ବ୍ୟାପକ ଗୋଚାଲାଣ ଯୋଗୁ ଆମ ସମାଜର ବିକାଶଧାରାରେ ଘୋର ଅନ୍ତରାୟ ସୃଷ୍ଟି କରୁଛି ।

ଏହି ପବିତ୍ର ଗୋସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ରାଜ୍ୟସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ପାଣୀଚିକିତ୍ସା ଶିବିର, ପ୍ରଶିକ୍ଷଣ, ଗୋପୂଜନ, ଗୋ-ବତ୍ସା ପ୍ରଦର୍ଶନୀ, ସଭା, ଶ୍ରେଷ୍ଠ ଗୋପାଳକମାନଙ୍କୁ ସମ୍ବର୍ଦ୍ଧନା ଆଦିର ଆୟୋଜନ କରାଯାଇଛି। ସେହିପରି ଜିଲ୍ଲାଗୁଡ଼ିକରେ ଗୋପାଳକମାନଙ୍କୁ ଉତ୍ସାହିତ କରିବା ସହିତ ଗୋପାଳନ ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ଜିଲ୍ଲାସ୍ତରରେ ମଧ୍ୟ ଗୋ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଉଅଛି। ପ୍ରକୃତରେ କହିବାକୁ ଗଲେ, ସମଗ୍ର ମନୁଷ୍ୟ ସମାଜର ଶାରିରୀକ ଓ ମାନସିକ ସ୍ତରରେ ସୁସ୍ଥ ରହିବାର ମୂଳ ଉତ୍ସ ହେଉଛି ଗୋମାତା ।

*ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର,*
*ମୋ – ୯୪୩୭୬୦୭୩୧୨*











ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୯ ଅକ୍ଟୋବର ୨୦୨୫ । ବୁଧବାର

# ଭକ୍ତିମୟ ପରିବେଶରେ 'ଛଟ' ପୂଜା ସମାପନ



**ଯୋଡା:୨୮।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାର ଖଣିଜ କ୍ଷେତ୍ର ଯୋଡା ଓ ବଡ଼ବିଲ ପୌରାଞ୍ଚଳରେ ଉତ୍ତର ଭାରତୀୟଙ୍କ ମହାନ୍ ଗଣପର୍ବ ଛଟ୍ ପର୍ବ ପାଳନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯୋଡା ସହର ଦେଇ ବହି ଯାଉଥିବା ସୁନାନଦି କୂଳର ବିଭିନ୍ନ ସ୍ଥାନରେ ଏବଂ ବଡ଼ବିଲ କାରୋନଦୀ କୂଳରେ ଏହାକୁ ଅତି ଆଡ଼ମ୍ବର ସହକାରେ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ବିହାରୀ ସମ୍ପ୍ରଦାୟର ମହିଳା ଓ ପୁରୁଷମାନେ ଅତି ନିଷ୍ଠାର ସହିତ ଚାରିଦିନ ଧରି ଏହି ପର୍ବକୁ ପାଳନ କରିଆନ୍ତି। ବିଶ୍ୱାସ ରହିଛି ନିଷ୍ଠାର ସହିତ ଏହି ପର୍ବ ପାଳନ କରିବା ସଙ୍ଗେ ସଙ୍ଗେ ଅସ୍ତଗାମି ସୂର୍ଯ୍ୟ ଓ ଉଦୟଗାମୀ ସୂର୍ଯ୍ୟ ଦେବତାଙ୍କୁ ପୂଜା କଲେ ମାନସିକ ପୂରଣ ହୋଇଥାଏ। ଏହି ପର୍ବକୁ ସୂର୍ଯ୍ୟନାରାୟଣଙ୍କ ଉଦ୍ଦେଶ୍ୟରେ ପରିବାର ତଥା ଦେଶବାସୀଙ୍କ ମଙ୍ଗଳ ମନାସୀ କରାଯାଉଥିବା ବେଳେ ଏହି ଅସ୍ତାର ପର୍ବକୁ ନିଷ୍ଠାର ସହ ପାଳନ କରିଲେ ନିସନ୍ତାନକୁ ସନ୍ତାନ ପ୍ରାପ୍ତି ହେବାର ବିଶ୍ୱାସ ରହିଛି। ଦୀପାବଳିର ପର ଦିନରୁ ଏହି ପର୍ବକୁ ପାଳନ କରାଯାଉଥିବା ବେଳେ ଶେଷ ଦୁଇ ଦିନରେ ପ୍ରଥମ ଦିନ ଅସ୍ତଗାମି ସୂର୍ଯ୍ୟନାରାୟଣଙ୍କୁ ଅର୍ଘ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରାଯାଏ ଓ ଶେଷ ଦିନ ଉଦିତ ଗାମୀ ସୂର୍ଯ୍ୟନାରାୟଣଙ୍କୁ ନିଷ୍ଠାର ସହିତ ପୂଜାର୍ଚ୍ଚନା ଓ ବନ୍ଦାପନା କରି ଏହି ପୂଜାର ସମାପନ ହୋଇଥାଏ। ବଡ଼ବିଲ ପୌରାଞ୍ଚଳର ଉଦ୍ୟକ୍ତା ତଥା ବିଶିଷ୍ଟ ସମାଜସେବୀ ଓ ରାଜନେତା ଚନ୍ଦ୍ରଗୁପ୍ତ ପ୍ରସାଦଙ୍କ ନେତୃତ୍ୱରେ ମହା ସମାରୋହରେ ଆଜି ଏହି ପୂଜା ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମରେ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥିବା ଦେଖିବାକୁ ମିଳିଛି। ଏହି ପୂଜାରେ ବିଶେଷ ମନୋଲୋଭା ଦୃଶ୍ୟ ଥିଲା ସୁଦୂର ବାରଣାସୀରୁ ଆସିଥିବା ପଣ୍ଡିତଙ୍କ ଦ୍ୱାରା ଭବ୍ୟ ଗଙ୍ଗା ଆଳତୀର ମନ୍ତ୍ର ଧ୍ୱନି ଯେଉଁଥିରେ ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। କୌଣସି ପ୍ରକାରର ଅଘଟଣକୁ ଦୃଷ୍ଟିରେ ରଖି ପୂଜା କମିଟି, ଅଗ୍ନିଶମ ବିଭାଗ, ଆଞ୍ଚଳିକ ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରଯାଇଥିଲା।

# କେନ୍ଦ୍ରାପଡା ପୌରପରିଷଦ ବୈଠକ

**କେନ୍ଦ୍ରାପଡ଼ା:୨୮।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ପୌରପରିଷଦ ବୈଠକ ସୋମବାର ପୌର ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୌରପାଳ ସରିତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୌରାଞ୍ଚଳକୁ ସଂପ୍ରସାରିତ କରିବା ପାଇଁ ଏକ ପ୍ରସ୍ତାବ ଗୃହିତ ହୋଇଛି। କାରଣ ପୌରାଞ୍ଚଳର ସୀମିତ ଅଞ୍ଚଳରେ ଥିବା ଜମିରେ ସରକାରୀ କାର୍ଯ୍ୟାଳୟ ଓ ବାସଗୃହ ସମେତ ଅନ୍ୟାନ୍ୟ କାର୍ଯ୍ୟାଳୟ ନିର୍ମାଣ କରିବା ପାଇଁ ସ୍ଥାନାଭାବ ରହିଛି। ଅପରପକ୍ଷରେ ଗ୍ରାମାଞ୍ଚଳରେ ପର୍ଯ୍ୟାପ୍ତ ସ୍ଥାନ ରହିଥିବାରୁ କାର୍ଯ୍ୟାଳୟ ଏବଂ ବାସଗୃହ ନିର୍ମାଣ ହୋଇପାରିବା ସହ ସେହି ଅଞ୍ଚଳରେ ବ୍ୟବସାୟ ନିମନ୍ତେ ଦୋକାନ ଗୃହ ନିର୍ମାଣ କରାଯାଇ ପୌର ପରିଷଦର ଆୟ ମଧ ବୃଦ୍ଧି ହୋଇପାରିବ। ଏହି ସବୁ ସମସ୍ୟାର ସମାଧାନ ନିମନ୍ତେ କେନ୍ଦ୍ରାପଡ଼ା ପୌରାଞ୍ଚଳ ଚତୁପାର୍ଶ୍ୱରେ ଥିବା ଶ୍ୟାମସୁନ୍ଦରପୁର, ଜମଧର, ଗୁଲନଗର, କପାଳେଶ୍ୱର, ଓସ୍ତପୁର ପଞ୍ଚାୟତ ସମେତ ଶ୍ୟାମଗୁଡିଆକୁ ପୌରାଞ୍ଚଳରେ ମିଶ୍ରଣ କରିବାକୁ ଏହି ପୌରପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ ହୋଇଛି। ଏହାବ୍ୟତୀତ ପୌରାଞ୍ଚଳରେ ନୂତନ ଭାବେ ୩ଶହ ଦୋକାନ ଗୃହ ନିର୍ମାଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଦୋକାନଗୃହ ଇଚ୍ଛାପୁର, ବଡ଼ମଙ୍ଗଳା, ନୂଆ ବସଷ୍ଟାଣ୍ଡ ଓ ତିନିମୁହାଣୀ ଠାରେ ନିର୍ମାଣ କରାଯିବ। ପୁରାତନ ପାର୍କ ଗୁଡିକର ଉନ୍ନତିକରଣ କରାଯିବା ସହିତ ଗୋପ ଠାରେ ବଳଦେବଜୀଉ ପାଠାଗାର ନିର୍ମାଣ ଓ ପୌରାଞ୍ଚଳର ସମସ୍ତ ଗଳିକନ୍ଦି ରାସ୍ତା ନିର୍ମାଣ ହେବ। ତିନିମୁହାଣୀ-ନୂଆବସଷ୍ଟାଣ୍ଡ ରାସ୍ତାର ଦୋହରୀକରଣ କରାଯିବା ସହ ଉଦୟନଗରସ୍ଥିତ କଲ୍ୟାଣ ମଣ୍ଡପର ଉନ୍ନତିକରଣ କରାଯିବ। ଗୋପବନ୍ଧୁ ପାଠାଗାର ଓ ଉର୍ଦ୍ଧ୍ୱ ପାଠାଗାରର ଉନ୍ନତିକରଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଆଜିର ଏହି ବୈଠକରେ ଉପାଧକ୍ଷା ଆକବରୀ ଖାତୁନଙ୍କ ସମେତ ପୌରସଭ୍ୟ ପ୍ରଭାଶିଷ ପଣ୍ଡା, ନିରାକାର ସ୍ୱାଇଁ, ପ୍ରଦୀପ ଜେନା, ପୁଷ୍ପାଞ୍ଜଳୀ ବସ୍ତିଆ, ଉମେଶ ନାୟକ, କାଳୀ ପ୍ରସାଦ ମିଶ୍ର, ରମେଶ ଦାସ, ସେକ ଅସଲମ, ଜୟନ୍ତୀ ପାଣି, ରଞ୍ଜିତା ସିଂ, ସୁକୁମାର ଦାସ ପ୍ରମୁଖ ସମସ୍ତ ପୌରସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଅଜିତ ପ୍ରସାଦ ନାରାୟଣ ଗିରି ଗତ ବୈଠକର ବିବରଣୀ ପାଠ କରିବା ସହିତ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ।

# ସାମାଜିକ ନ୍ୟାୟ ପାଇଁ ନିର୍ଦ୍ଦିଷ୍ଟ ନୀତି ଓ କାର୍ଯ୍ୟାନ୍ୱୟନ ଲୋଡ଼ା

**କେନ୍ଦ୍ରାପଡ଼ା:୨୮।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟରେ ଜାତିପ୍ରଥାର ଉଗ୍ରତା ଏତେଟା ନାହିଁ। ତଥାପି ଶିକ୍ଷା ଓ ଆର୍ଥିକ ଅନଗ୍ରସରତା କାରଣରୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଲୋକେ ସାମାଜିକ ନ୍ୟାୟ ତଥା ନିଜର ଅଧିକାର ସାବ୍ୟସ୍ତ କରିବାକୁ ସମର୍ଥ ହୋଇପାରୁନାହାନ୍ତି। ଫଳରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କେଉଁଠି ନା କେଉଁଠି ବାଧାପ୍ରାପ୍ତ ହେଉଛି। ଶିକ୍ଷା, ସରକାରୀ ଚାକିରି ଓ ଜନପ୍ରତିନିଧି କ୍ଷେତ୍ରରେ ସଂରକ୍ଷଣ ସତ୍ତ୍ୱେ ସେମାନଙ୍କର ବିକାଶ ସମ୍ଭବ ହୋଇନାହିଁ। ସ୍କୁଲସ୍ତରରୁ ଶିକ୍ଷା ଛାଡୁଥିବା ପିଲାଙ୍କ ମଧ୍ୟରୁ ମୁଖ୍ୟତଃ ଏହି ବର୍ଗର ସଂଖ୍ୟା ସର୍ବାଧିକ। ରାଜ୍ୟରେ ଥିବା ଆଶ୍ରମ ସ୍କୁଲ ଗୁଡ଼ିକ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ପିଲାଙ୍କୁ ଶିକ୍ଷାଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ନୁହେଁ। ତା'ଛଡ଼ା ଆଶ୍ରମ ସ୍କୁଲ ଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମି, ଶିକ୍ଷକ ଓ କର୍ମଚାରୀ ଅଭାବ ଏକ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଛି। ଅତଏବ ସରକାର ରାଜ୍ୟରେ ଥିବା ଆଶ୍ରମ ସ୍କୁଲ ଗୁଡ଼ିକର ବିକାଶ ସହିତ ଅଧିକ ଆଶ୍ରମ ସ୍କୁଲ ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀଙ୍କ ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ସରକାରୀ ଚାକିରୀ ଯେଉଁଭଳି ଭାବେ ସଂକୋଚିତ ହୋଇ ଚାଲିଛି ସେଥିରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଏବଂ ପଛୁଆ ବର୍ଗର ଯୁବକ ଯୁବତୀମାନଙ୍କୁ ଅଧିକ ସଂଖ୍ୟାରେ କୁଟୀର ଶିଳ୍ପ, କ୍ଷୁଦ୍ର ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରରେ ଉଦ୍ୟୋଗୀ କରାଯାଇ ନପାରିଲେ ସେମାନଙ୍କର ଆର୍ଥିକ ବିକାଶ ସମ୍ଭବ ହେବ ନାହିଁ। ଏଥିପାଇଁ ସରକାରଙ୍କର ନିର୍ଦ୍ଦିଷ୍ଟ ନୀତି ପ୍ରଣୟନ ଓ କ୍ରିୟାନ୍ୱୟନର ଆବଶ୍ୟକତା ରହିଛି। ସେହିପରି ସଂଖ୍ୟାଲଘୁ ସଂପ୍ରଦାୟମାନଙ୍କୁ ଜାତୀୟ ସ୍ରୋତରେ ସାମିଲ କରିବା ଦିଗରେ ସେମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ସକାଶେ ସରକାର ପିଲାମାନଙ୍କୁ ସ୍କଲାରସିପ୍ ଦେବାର ଯେଉଁ ବ୍ୟବସ୍ଥା କରିଥିଲେ ତାହା ବନ୍ଦ ହୋଇ ଯାଇଛି। ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବା ସହିତ ଏହାର ରାଶି ବୃଦ୍ଧି କରିବା ଆବଶ୍ୟକ। ଅନ୍ୟପକ୍ଷରେ ରାଜ୍ୟ ବ୍ୟାପୀ ଖାଲି ପଡ଼ିଥିବା ଉର୍ଦ୍ଦୁ ଶିକ୍ଷକ ପଦବୀ ଗୁଡ଼ିକୁ ତୁରନ୍ତ ପୂରଣ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

# ହିମାଂଶୁ କଂଗ୍ରେସର ଷ୍ଟାର କ୍ୟାମ୍ପେନର

**କେନ୍ଦ୍ରାପଡ଼ା:୨୮।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡା ବିଧାନସଭା ଉପ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ପାଇଁ କଂଗ୍ରେସ ସାମାଜିକ ଗଣମାଧ୍ୟମର ସଂଯୋଜକ ହିମାଂଶୁ ଭୂଷଣ ନନ୍ଦଙ୍କୁ ଷ୍ଟାର କ୍ୟାମ୍ପେନର ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଅଖିଳ ଭାରତ ଯୁବ କଂଗ୍ରେସ ସାମାଜିକ ଗଣମାଧ୍ୟମର ଜାତୀୟ ମୁଖ୍ୟ ମନୁ ଜୈନ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଷ୍ଟାର କ୍ୟାମ୍ପେନର ଶ୍ରୀ ନନ୍ଦ ଦଳୀୟ ପ୍ରାର୍ଥୀଙ୍କ ପାଇଁ କ୍ୟାମ୍ପେନ କରିବା ସହିତ ଭିଡିଓ ଏଡିଟର ଭାବେ କଂଗ୍ରେସ ଦଳୀୟ ପ୍ରାର୍ଥୀଙ୍କ ବିଭିନ୍ନ କାର୍ଯ୍ୟକ୍ରମର ଭିଡିଓ ଏଡିଟିଂ କରି ସାମାଜିକ ଗଣମାଧ୍ୟମରେ ପ୍ରଚାର ପ୍ରସାର କରିବେ। ଏହି ନିଯୁକ୍ତି ପାଇଥିବାରୁ ଶ୍ରୀ ନନ୍ଦ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲିକାର୍ଜ୍ଜୁନ ଖଡଗେ, ଜାତୀୟ କଂଗ୍ରେସର ପ୍ରିୟ ନେତା ରାହୁଲ ଗାନ୍ଧୀ, ପିସିସି ସଭାପତି ଭକ୍ତ ଚରଣ ଦାସ, ଯୁବ କଂଗ୍ରେସ ଦାୟିତ୍ୱରେ ଥିବା ମନିଶ ଶର୍ମାଜୀ, ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଉଦୟ ଭାନୁ ଚିବଜୀ, ରାଷ୍ଟ୍ରୀୟ ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ମନୁ ଜୈନ, ସାମାଜିକ ଗଣମାଧ୍ୟମ ପ୍ରଭାରୀ ଦୁଲାଲ ଶର୍ମା, ଓଡିଶା ଯୁବ କଂଗ୍ରେସ ସଭାପତି ରଞ୍ଜିତ କୁମାର ପାତ୍ର, ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି କୃଷ୍ଣ ମହାନ୍ତି, ଯୁବ କଂଗ୍ରେସ ସାମାଜିକ ଗଣମାଧ୍ୟମ ଆବାହକ ବୁଲେଟିନ ମନୋଜ, ପିସିସି କୋଷାଧକ୍ଷ ଇଂ ସିଦ୍ଧାର୍ଥସ୍ୱରୂପ ଦାଶ, କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ସଭାପତି ଡାକ୍ତର ଦେବସ୍ମିତା ଶର୍ମା, ପୂର୍ବତନ ବିଦାୟିକା ଡ. ସିପ୍ରା ମଲ୍ଲିକ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବାତ୍ୟା ପାଇଁ ପ୍ରଶାସନର ପ୍ରସ୍ତୁତି

**ରାଜନଗର:୨୮।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକର ସମୁଦ୍ର କୁଳବର୍ତ୍ତୀ ଅଞ୍ଚଳରେ ଲୋକମାନଙ୍କୁ ବାତ୍ୟା ମୋନ୍ଥା ଦାଉରୁ ସୁରକ୍ଷା ଦେବା ପାଇଁ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆୟାର ରାଜନଗର ବ୍ଲକ ଓ ତହସିଲ ପ୍ରଶାସନକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବଙ୍ଗୋପସାଗରରେ ସୃଷ୍ଟି ବାତ୍ୟା ମୋନ୍ଥା ଏବେ ଗୋପାଳପୁର ଠାରୁ ୫୫୦ କିଲୋମିଟର ଦୂରରେ ସମୁଦ୍ରରେ ବଳ ଗୋଟାଇ ସ୍ଥଳଭାଗ ଆଡକୁ ମାଡ଼ିଆସୁଛି। ବାତ୍ୟାର ପ୍ରଭାବରେ ସାଧାରଣ ଲୋକଙ୍କୁ ଯେପରି କୌଣସି କ୍ଷତି ନହେବ ସେନେଇ ରାଜନଗର ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଅନିରୁଦ୍ଧ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ତହସିଲଦାର ଯୀଶୁକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ରହି ସାମ୍ଭାବ୍ୟ ବାତ୍ୟା ପାଇଁ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯିବ ସହ ବ୍ଲକରେ ଥିବା ୪୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖିବାକୁ କହିଥିଲେ। ବୈଠକରେ ଉପସ୍ଥିତ ଥିବା ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଲୋକ ପ୍ରତିନିଧିମାନେ ଜାଗ୍ରତ ରହିବାକୁ ପରାମର୍ଶ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ ରାଜନଗର ବ୍ଲକର ସମୁଦ୍ର କୂଳ ଠାରୁ ଦେଢ କିଲୋମିଟର ଦୂରରେ ୪୭ଟି ଗାଁ ରହିଛି। ପ୍ରଶାସନ ପକ୍ଷରୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ଲୋକମାନଙ୍କୁ ସଚେତନତା କରାଯାଇଛି। ବାତ୍ୟା ମୋନ୍ଥା ୨୮ ତାରିଖରେ ରାତିରେ ଆନ୍ଧ୍ରପ୍ରଦେଶର କାକିନାଡ଼ ପାଖରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ମା'କାଳୀଙ୍କ ଭସାଣି ଉତ୍ସବ ସମ୍ପନ୍ନ



**ଗୁଣପୁର:୨୮।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ସୋମବାର ସନ୍ଧ୍ୟାରେ ପ୍ରତିକୂଳ ପାଗ ବର୍ଷା ସତ୍ତ୍ୱେ ମା'କାଳୀଙ୍କ ପ୍ରତିମୂର୍ତ୍ତିର ଭସାଣି ଉତ୍ସବ ଆଡ଼ମ୍ବରରେ ସମ୍ପନ୍ନ ହୋଇଛି। ପାରମ୍ପରିକ ରୀତିରେ ବାଦ୍ୟ ବାଜଣା ମାଧ୍ୟମରେ ବଂଶଧାରା ନଦୀକୂଳକୁ ନିଆଯାଇ ମା'ଙ୍କ ପ୍ରତିମୂର୍ତ୍ତିକୁ ପୂଜା ଅର୍ଚ୍ଚନା କରାଯାଇ ବିସର୍ଜ ନ କରାଯାଇଥିଲା। ଏହି ଭସାଣି ଉତ୍ସବରେ କାଳୀ ପୂଜା କମିଟିର କର୍ମକର୍ତ୍ତା ଓ ସଭ୍ୟମାନେ ଅଂଶଗ୍ରହଣ କରିଥିଲେ। ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନର ଅନୁରୋଧ କ୍ରମେ ଦୁଇ ଦିନ ପୂର୍ବରୁ ବିସର୍ଜନ କରିବାକୁ ପଡିଥିଲା। ଗତ ୧୯ ବର୍ଷରେ ପଦାର୍ପଣ କରିଥିବା ଗୁଣପୁର କାଳୀ ପୂଜା ସାଂସ୍କୃତିକ ମଣ୍ଡପରେ ଶେଷ ଦିନ ଏକକ ନୃତ୍ୟ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୫ଜଣ ଶିଶୁ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରି ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ପ୍ରାର୍ଥନା ଆବୃତ୍ତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସରକାରୀ ବାଳିକା ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରକୁ ପୁରସ୍କୃତ କରାଯାଇ ପ୍ରମାଣ ପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇଥିଲା। ପୂଜା କମିଟି ସଭାପତି ରାଧାକୃଷ୍ଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଗାନ୍ଧୀ ବିଶ୍ୱବିଦ୍ୟାଳୟର ଉପ ସଭାପତି ତଥା କମିଟିର ଉପଦେଷ୍ଟା। ଡଃ ଚନ୍ଦ୍ର ଧ୍ୱଜ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# କିଶୋରୀମାନଙ୍କ ପାଇଁ ୯୦ ଦିନିଆ ଆତ୍ମରକ୍ଷା ପ୍ରଶିକ୍ଷଣ



**ରାୟଗଡା:୨୮।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ସହଯୋଗୀ କମ୍ପାନୀ ପକ୍ଷରୁ ସରକାରୀ ବିଦ୍ୟାଳୟର କିଶୋରୀମାନଙ୍କ ପାଇଁ ୯୦ ଦିନିଆ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ କିଶୋରୀମାନଙ୍କ ସୁରକ୍ଷା ଓ ଆତ୍ମବିଶ୍ୱାସ ଗଢି ତୋଳିବା ଉଦ୍ଦେଶ୍ୟ ନେଇ ଉତ୍କଳ ଆଲୁମିନା ସିଏସଆର୍ ତରଫରୁ ଏହି ପ୍ରୟାସ ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଟିକିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ଉଦଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏସଡିପିଓ ଗୌରହରି ସାହୁ, ଟିକିରି ଥାନା ଅଧିକାରୀ ବିଶ୍ୱବନ୍ଦିନୀ ବାଗ୍, ଦୋରାଗୁଡ଼ା ଥାନା ଅଧିକାରୀ କିରଣ ସାମଲ, ବ୍ଲକ ଶିକ୍ଷା ଅଧିକାରୀ ଉଗ୍ରସେନ ନାଏକ, ପ୍ରଭା ମିଶ୍ର, ଟିକିରି ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ବକୁଳାରାଣୀ ଦାସ ଏବଂ ସିଏସ୍ଆର୍ ଏଫ୍ଏଚ୍ ଲୋପମୁଦ୍ରା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଶିବିର ଜିଲ୍ଲାପାଳଙ୍କ ସମ୍ମତିକ୍ରମେ ଅନୁଷ୍ଠିତ ହୋଇଥିବା ବେଳେ ଆଗାମୀ ଦିନରେ ଏହା କାଶୀପୁର ବ୍ଲକ୍‌ର ପାଞ୍ଚଟି ଉଚ୍ଚ ବିଦ୍ୟାଳୟର ୫୦୦ କିଶୋରୀଙ୍କୁ ତିନିମାସ ଅର୍ଥାତ୍ ୯୦ ଦିନର ପ୍ରଶିକ୍ଷଣ ପ୍ରଦାନ କରାଯିବା ନେଇ ଧାର୍ଯ୍ୟ ହୋଇଛି। ଏହି ଶିବିର ଜରିଆରେ ସ୍ଥାନୀୟ କିଶୋରୀମାନଙ୍କ ମାନସିକ ବିକାଶ, ଶାରୀରିକ ସୁସ୍ଥତା ଓ ଆତ୍ମରକ୍ଷା କୌଶଳ ପ୍ରଦାନ କରାଯିବ। ଉକ୍ତ ଶିବିରରେ ତାଲିମ ପ୍ରାପ୍ତ ପ୍ରଶିକ୍ଷକମାନେ କିଶୋରୀମାନଙ୍କୁ କାରାଟେ, ତାଇକୋଣ୍ଡୋ ଏବଂ ଓ୍ୱସୁ ଭଳି ଯୁଦ୍ଧକଳାର ମୂଳ କୌଶଳ ଶିଖାଇବେ। ଉକ୍ତ ଉଦଘାଟନୀ ସଭାରେ ଅତିଥିମାନେ ଆତ୍ମରକ୍ଷା ପ୍ରଶିକ୍ଷଣର ଗୁରୁତ୍ୱ ସମ୍ପର୍କରେ ଉଦବୋଧନ ଦେଇ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ଦ୍ୱାରା ନାରୀ ସଶକ୍ତିକରଣ, ମହିଳା ଓ କିଶୋରୀମାନଙ୍କ ଉପରେ ହୋଇଥିବା ହିଂସା ନିବାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ଇନଟାକ୍ ସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଏମଓୟୁ



**କଟକ:୨୮।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଆର୍କିଟେକଚ୍ଚର ବିଭାଗ ସୋମବାର ନ୍ୟାସନାଲ୍ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲଚ୍ଚର ହେରିଟେଜ (ଇନଟାକ୍) ସହ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏହି ଏମଓୟୁ ଭାରତର ସମୃଦ୍ଧ ସାଂସ୍କୃତିକ ପରମ୍ପରାର ସଂରକ୍ଷଣ ଓ ଅନୁସନ୍ଧାନ ଦିଗରେ ଏକ ବଳିଷ୍ଠ ପଦକ୍ଷେପ ବୋଲି କୁହାଯାଇଛି। ଉଭୟ ଅନୁଷ୍ଠାନ ପକ୍ଷରୁ ମିଳିତ ଭାବରେ ବାସ୍ତୁକଳା ଏବଂ ସାଂସ୍କୃତିକ ପରମ୍ପରାକୁ ଯୋଡ଼ିବାରେ ଏହା ଏକ ସେତୁର ଭୂମିକା ତୁଲାଇବ। ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଇନଟାକ୍, ଓଡ଼ିଶାର ରାଜ୍ୟ ସଂଯୋଜକ ଡ.ବିଶ୍ୱଜିତ ମହାନ୍ତି, ସହ ସଂଯୋଜକ ଅନିଲ ଧୀର, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳାଧକ୍ଷା ରଜିତା କୁଲକର୍ଣ୍ଣୀ, କୁଳପତି ଡ.ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚ୍ଚିବ ଡ.ଅନିଲ ଶର୍ମା, ରିସର୍ଚ୍ଚ ଓ ଏକାଡେମିକ୍ସ ଡିନ୍ ଡ.କେଶରୀ ସିଂହ ଏବଂ ଆର୍କିଟେକଚ୍ଚର ବିଭାଗ ଡିନ୍ ପ୍ରଫେସର ଅନିସା ଆଝାରୁନ୍ନିସା ଉପସ୍ଥିତ ଥିଲେ। ଏହି ଅବସରରେ ସେମାନେ କହିଥିଲେ ଯେ, ଉକ୍ତ ସହଯୋଗ ଦେଶର ସମସ୍ତ ପ୍ରକାର ଐତିହ୍ୟର ସୁରକ୍ଷା ଦିଗରେ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବ। ଯାହାଫଳରେ ବିଦ୍ୟାର୍ଥୀ ଓ ଗବେଷକମାନେ ଫିଲ୍ଡ ଷ୍ଟଡି ଏବଂ ଐତିହ୍ୟ ସଂରକ୍ଷଣ ବାବଦରେ ଅଧିକ ଜ୍ଞାନ ପ୍ରାପ୍ତ କରିପାରିବେ।

# ଗୋଲାମୁଣ୍ଡା ବ୍ଲକରେ ନାରୀ ସଚେତନତା



**ଗୋଲାମୁଣ୍ଡା:୨୮।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କେଗାଁ ଅଙ୍ଗନବାଡ଼ି କେନ୍ଦ୍ର ଠାରେ ଭାରତୀୟ ଆଦିମ ଜାତି ସେବା ସଂଘ ଓ ସମାଜ କଲ୍ୟାଣ କାର୍ଯ୍ୟାଳୟ, କଳାହାଣ୍ଡି ତରଫରୁ ଏକ ମହିଳା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇସିଡ଼ିଏସ ସୁପରଭାଇଜର ଗୀତାଞ୍ଜଳି ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ କେଗାଁ ଥାନା ଏଏସଆଇ ରୋମାଞ୍ଚଳ ନାଏକ, ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ କୁମାର ଭୋଇ, ସହ ଶିକ୍ଷକ ଦେବରାଜ ଜାନୀ, ଡିଏସଡବ୍ଲୁଓ କାର୍ଯ୍ୟାଳୟର ଜେଣ୍ଡର ସ୍ପେସିଆଲିଷ୍ଟ ରାମ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶକ୍ତି ସଦନ ଗୃହରେ କେଉଁ ମହିଳାମାନେ ରହିପାରିବେ, ବାଲ୍ୟ ବିବାହ ରୋକିବା, ଯୌତୁକ ପ୍ରଥା, ଘରୋଇ ହିଂସା, ଯୌନ ଓ ମାନସିକ ନିର୍ଯାତନା ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଆଦି ବିଷୟରେ ଆଲୋଚନା କରିଥିଲେ। ଧର୍ମଗଡ ଶକ୍ତି ସଦନର ପରିଚାଳିକା ସସ୍ମିତା ପାତ୍ର କାର୍ଯକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠିତ ସଚେତନତା ସଭାରେ କେଗାଁ ଗ୍ରାମପଞ୍ଚାୟତର ସିଆରପି, ଏମବିକେ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ସମେତ ଗ୍ରାମର ଯୁବତୀମାନେ ବହୁ ସଂଖ୍ୟାରେ ସାମିଲ ଥିଲେ। ଶେଷରେ ଧର୍ମଗଡ ଶକ୍ତି ସଦନ ଗୃହ କାର୍ଯ୍ୟାଳୟ ସହାୟକ ଦେବରାଜ ମହାନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।

# ଏବିଭିପିର ନଗର ସମ୍ମିଳନୀ

**ବୁଗୁଡ଼ା:୨୮।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସମ୍ମିଳନୀ କାର୍ଯ୍ୟକ୍ରମ ସ୍ଥାନୀୟ ନିକୁଞ୍ଜ ମୋହନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବୁଗୁଡ଼ା ଅଞ୍ଚଳର ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ବଳଦେବସ୍ୱାମୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ବିଭୁତି ଭୂଷଣ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ ଏକ ନୂତନ କାର୍ଯ୍ୟକାରିଣୀ କମିଟି ଗଠନ କରାଯିବା ସହ ନଗର ସମ୍ପାଦକ ସଂଗ୍ରାମ ଦାସ, ସହସମ୍ପାଦକ ଶମ୍ଭୁ ପ୍ରଧାନ, ପ୍ରଭଞ୍ଜନ ସେଠୀ ଓ ଯସ୍ମିନ ପରିଡାଙ୍କ ସମେତ ୩୦ଜଣଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା।

# ସରକାରୀ କାର୍ଯ୍ୟାଳୟ ସମ୍ମୁଖରୁ ଜବରଦଖଲ ଉଚ୍ଛେଦ କେବେ ?

**ଖଣ୍ଡପଡ଼ା:୨୮।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଶାସନର ଅଣଦେଖା ଯୋଗୁଁ ଖଣ୍ଡପଡ଼ା ସହରାଞ୍ଚଳର ବିଭିନ୍ନ ସ୍ଥାନରେ ମୂଲ୍ୟବାନ ସରକାରୀ ଜାଗା ଓ ଜମି ଜବରଦଖଲକାରୀଙ୍କ କବଜାରେ କବଳିତ ହୋଇ ରହିଛି। ବର୍ଷ ବର୍ଷ ଧରି ମୂଲ୍ୟବାନ ଜାଗା ଗୁଡିକୁ ଜବରଦଖଲକାରୀମାନେ ବାଡବନ୍ଦି କରି ନିଜ ନିଜ ଅକ୍ତିଆରରେ ରଖିବାକୁ ସକ୍ଷମ ହୋଇଥିବା ବେଳେ ତହସିଲ ପ୍ରଶାସନ ଓ ଜିଲ୍ଲାପ୍ରଶାସନ ଏ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ନୀରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡ଼ା ସହରର ବାଇପାସ ରାସ୍ତା ପାର୍ଶ୍ୱସ୍ଥିତ ବିଭିନ୍ନ ଜାଗା ଜବରଦଖଲକାରୀଙ୍କ କବଜାରେ ରହିଥିବା ବେଳେ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ଅଗ୍ନିଶମ କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଅବକାରୀ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ଭାଗରେ ଉଠା ଦୋକାନୀମାନେ ଅସ୍ଥାୟୀ ଭାବେ ଗୃହ ନିର୍ମାଣ କରି ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ଚଳୁ ରଖିଥିବା ବେଳେ ଏଥିପ୍ରତି ପ୍ରଶାସନ ସମ୍ପୂର୍ଣ୍ଣ ରୂପେ ଆଖି ବୁଜି ଦେଇଥିବା ଜଣାପଡିଛି। ଖଣ୍ଡପଡ଼ା ସହରରୁ ନୟାଗଡକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ପାର୍ଶ୍ୱ ଉଠା ଦୋକାନୀଙ୍କ କବଜାରେ ରହିଥିବାରୁ ସମୟ ଅସମୟରେ ଭାରିଯାନଗୁଡିକ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଥିବା ଜଣାପଡିଛି। ରାସ୍ତା ପାର୍ଶ୍ୱସ୍ଥ ସରକାରୀ ଜାଗାରୁ ଉଠା ଦୋକାନୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାରେ ତହସିଲ ଓ ପୋଲିସ ପ୍ରଶାସନ ବିଫଳ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ଅସ୍ଥାୟୀ ଉଠା ଦୋକାନ ଗୁଡିକ ଯୋଗୁଁ କାର୍ଯ୍ୟାଳୟର ସୌନ୍ଦର୍ଯ୍ୟକରଣ ନଷ୍ଟ ହେଉଥିବା ଜଣାପଡିଛି। ଏଥିପ୍ରତି ନୟାଗଡ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି। ଖଣ୍ଡପଡ଼ା ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀଙ୍କୁ ଯୋଗାଯୋଗ କରିବାରେ ତହସିଲ ପ୍ରଶାସନ ପକ୍ଷରୁ ଖୁବଶୀଘ୍ର ସରକାରୀ ଜାଗା ଗୁଡିକ ଚିହ୍ନଟ କରାଯାଇ ଉକ୍ତ ସ୍ଥାନରୁ ଜବରଦଖଲକାରୀଙ୍କୁ ହଟାଇବା ନିମନ୍ତେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ମାର୍ଶାଘାଇରେ ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତି

**ମାର୍ଶାଘାଇ:୨୮।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ବାତ୍ୟା 'ମୋନ୍ଥା' ପାଇଁ ସୋମବାର ଅପହ୍ନରେ ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ବାତ୍ୟାର ସାମ୍ପ୍ରତିକ ସ୍ଥିତି ଓ ଗତିପଥ ଉପରେ ତୀକ୍ଷଣ ନଜର ରଖାଯାଇଛି ବୋଲି ବିଡ଼ିଓ ପଞ୍ଚାନନ ମଲିକ ସୂଚନା ଦେଇଥିଲେ। ବ୍ଲକ ଅଞ୍ଚଳର ୧୦ଟି ବାତ୍ୟାଆଶ୍ରୟ ସ୍ଥଳୀ ପ୍ରସ୍ତୁତ ରଖାଯାଇଥିବା ବେଳେ ବିଭିନ୍ନ ପଞ୍ଚାୟତର ତଳିଆ ଅଞ୍ଚଳ ଓ ଚାଳଘରେ ବିପଦସଂକୁଳ ଭାବେ ରହୁଥିବା ଜନସାଧାରଣଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀ, ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଓ ରାଜୀବ ଗାନ୍ଧୀ ସେବାଗୃହକୁ ଅସ୍ଥାୟୀ ଭାବେ ଆଣି ଥଇଥାନ କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପଞ୍ଚାୟତରେ ପିଇଓ ଓ ଏଡିଓମାନଙ୍କୁ ଦାୟିତ୍ୱରେ ରଖାଯିବା ସହିତ ସ୍ୱତନ୍ତ୍ର ଦୃଷ୍ଟି ପରାମର୍ଶ ଦିଆଯାଇଛି। ସେହିପରି ବିଦ୍ୟୁତ ସରବରାହ ପୁନଃ କାର୍ଯ୍ୟକ୍ଷମ, ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ, ଗର୍ଭବତୀ ମହିଳାଙ୍କ ଯତ୍ନ, ପରିସ୍ଥିତି ଉପୁଜିଲେ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ ଏବଂ ସାପକାମୁଡ଼ା ପ୍ରତି ସତର୍କତା ଆଦି ବିଷୟରେ ବିଧିବଦ୍ଧ ଆଲୋଚନା ହୋଇଥିଲା।

# ଶାନ୍ତି ମେମୋରିଆଲ୍ ହସ୍ପିଟାଲ୍ ପକ୍ଷରୁ ଓଡିଶାର ପ୍ରଥମ ଟେଲିସର୍ଜରୀ ସହ ରୋବୋଟିକ ସର୍ଜରୀ ପରିଚାଳନା



**କଟକ:୨୮।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତର ମେଡିକାଲ ଟେକ୍ନୋଲୋଜି କ୍ଷେତ୍ର ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ୍ତରେ ପୂର୍ବ ଭାରତର ଅନ୍ୟତମ ଅତ୍ୟାଧୁନିକ ଶଲ୍ୟ ଚିକିତ୍ସା କେନ୍ଦ୍ର, ଶାନ୍ତି ମେମୋରିଆଲ୍ ହସ୍ପିଟାଲ୍ ଏହାର ଅଧକ୍ଷ ତଥା ବିଖ୍ୟାତ ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ, ମେଟାବୋଲିକ୍ ଏବଂ ବାରିଆଟ୍ରିକ୍ ସର୍ଜନ୍ ପ୍ରଫେସର ଡା. ଶ୍ରୀଜୟ ପଟ୍ଟନାୟକଙ୍କ ନେତୃତ୍ୱ ଅଧୀନରେ ଦୁଇଟି ଐତିହାସିକ ସଫଳତା ହାସଲ କରିଛି। ହସ୍ପିଟାଲ୍ ଏସଏସଆଇ ମନ୍ତ୍ର ସର୍ଜିକାଲ୍ ରୋବୋଟିକ୍ ସିଷ୍ଟମର ବ୍ୟବହାର କରି ଓଡିଶାର ପ୍ରଥମ ଏବଂ ପୂର୍ବ ଭାରତର ଦ୍ୱିତୀୟ ଟେଲିସର୍ଜରୀକୁ ସଫଳତାର ସହିତ ସମ୍ପାଦନ କରିଛି, ଯାହା ରୋବୋଟିକ ଓ ଟେଲି-ସର୍ଜିକାଲ ଉଦ୍ଭାବନ କ୍ଷେତ୍ରରେ ଭାରତର ପ୍ରଗତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସୂଚାଉଛି।

ଏକ ଅବ୍‌ଷ୍ଟ୍ରକ୍ଟେଡ ଗ୍ରୋଇନ ହର୍ନିଆ ପାଇଁ ଜରୁରୀକାଳିନ ଅସ୍ତ୍ରୋପଚାର ଆବଶ୍ୟକ କରୁଥିବା ଜଣେ ରୋଗୀଙ୍କଠାରେ ଏହି ପ୍ରଥମ ଟେଲିସର୍ଜରୀ କରାଯାଇଥିଲା, ଯାହା ସମ୍ଭବତଃ ଏକ ଜୀବନ ପାଇଁ ବିପଦ ସୃଷ୍ଟି କରୁଥିବା ଏକ ଗମ୍ଭୀର ସ୍ଥିତି ଅଟେ। ୧୭୬୦ କିଲୋମିଟରରେ ପରିବ୍ୟାପ୍ତ ଗୁରୁଗ୍ରାମ, ହରିଆନା ଓ ଶାନ୍ତି ମେମୋରିଆଲ ହସ୍ପିଟାଲ, କଟକରେ ଏସଏସ ଇନୋଭେଶନ୍ସ ହେଡ୍‌କ୍ୱାଟର ଗୁଡିକ ମଧ୍ୟରେ ଏକ ରୋବୋଟିକ କ୍ଲୋଇସିଷ୍ଟେକ୍‌ଟୋମି ସହ ଏକ ରୋବୋଟିକ ଟ୍ରାନ୍ସଆବ୍‌ଡୋମିନାଲ ପ୍ରିପେରିଟୋନିଆଲ (ଟିଏପିପି) ରିପେୟାର ପଦ୍ଧତିର ପରିଚାଳନା କରାଯାଇଥିଲା।

ଏହି ସଫଳତା ସମ୍ପର୍କରେ ପ୍ରଫେସର ଡଃ ଶ୍ରୀଜୟ ପଟ୍ଟନାୟକ କହିଛନ୍ତି, 'ଏହା କେବଳ ଏକ ବୈଷୟିକ ସଫଳତା ନୁହେଁ ବରଂ ଏକ ମାନବିକ ସଫଳତା ଅଟେ। ରୋଗୀ ଜଣଙ୍କ ଜରୁରୀକାଳିନ ଅସ୍ତ୍ରୋପଚାର ଆବଶ୍ୟକ କରୁଥିଲେ ଏବଂ ଟେଲିସର୍ଜିକାଲ ପଦ୍ଧତି ଆମକୁ ତତ୍କାଳ ଦକ୍ଷ ଚିକିତ୍ସା ପ୍ରଦାନ କରିବା ପାଇଁ ଅନୁମତି ଦେଇଥିଲା। ଏହି ସଫଳତା ପ୍ରମାଣ କରୁଛି ଯେ, ଅତ୍ୟାଧୁନିକ ସର୍ଜିକାଲ ଟେକ୍ନୋଲୋଜି ଭାରତର ସମସ୍ତ ଅଂଶରେ ରୋଗୀଙ୍କୁ ଉନ୍ନତ ସେବା ପ୍ରଦାନ କରିପାରିବ ଏବଂ କରିବା ଉଚିତ।'

ସେହିପରି ଏସଏସ ଇନୋଭେଶନ୍ସର ପ୍ରତିଷ୍ଠାତା, ଅଧକ୍ଷ ଓ ସିଇଓ ଡକ୍ଟର ସୁଧୀର ଶ୍ରୀବାସ୍ତବ କହିଛନ୍ତି, 'ଏହି ଟେଲିସର୍ଜରୀର ସଫଳତା ଦର୍ଶାଉଛି ଯେ, ଭାରତ ପହଞ୍ଚଯୋଗ୍ୟ, ସ୍ୱଦେଶୀ ରୋବୋଟିକ ସର୍ଜିକାଲ ଟେକ୍ନୋଲୋଜି ବିକଶିତ କରିବା କ୍ଷେତ୍ରରେ ବିଶ୍ୱର ନେତୃତ୍ୱ ନେଉଛି। ମନ୍ତ୍ରା ସିଷ୍ଟମ ଆଧୁନିକ ଅସ୍ତ୍ରୋପଚାର କ୍ଷେତ୍ରରେ ଯାହା ସମ୍ଭବ ତାହାକୁ ପୁନଃବ୍ୟାଖ୍ୟା କରିବା ଜାରି ରଖିଛି।'

ଏହି ସଫଳତା ଟେଲିସର୍ଜରୀର ଜୀବନ ରକ୍ଷାକାରୀ କ୍ଷମତାକୁ ସୂଚିତ କରୁଛି, ଯାହା ଅତ୍ୟାଧୁନିକ ରୋବୋଟିକ ଟେକ୍ନୋଲୋଜି କିଭଳି ଜରୁରୀକାଳିନ ସ୍ଥିତିରେ ଦକ୍ଷ ଶଲ୍ୟ ଚିକିତ୍ସା ପ୍ରଦାନ କରିବା ପାଇଁ ବିସ୍ତୃତ ଭୌଗୋଳିକ ବ୍ୟବଧାନକୁ ଦୂର କରିପାରୁଛି ତାହାକୁ ପ୍ରଦର୍ଶିତ କରିଛି। ସମାନ ରୂପେ ଶାନ୍ତି ମେମୋରିଆଲ ହସ୍ପିଟାଲର ଏସଏସଆଇ ମନ୍ତ୍ରା ପ୍ଲାଟଫର୍ମର ବ୍ୟବହାର କରି ଏହାର ୧୦୦ତମ ରୋବୋଟିକ ସର୍ଜରୀର ସଫଳ ସମ୍ପାଦନକୁ ପାଳନ କରିଛି, ଯାହା ଉଦ୍ଭାବନ, ସଠିକତା ଓ ଉତ୍କୃଷ୍ଟ ରୋଗୀ ଚିକିତ୍ସା ପ୍ରତି ଏହାର ବିଦ୍ୟମାନ ପ୍ରତିବଦ୍ଧତାକୁ ସୁଦୃଢ କରିଛି।

ଏହି ଅସ୍ତ୍ରୋପଚାର ପରେ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇଥିବା ରୋଗୀ ଜଣଙ୍କ ହସ୍ପିଟାଲ ଓ ଏହାର ସର୍ଜିକାଲ ଟିମ୍‌କୁ ହୃଦୟରୁ କୃତଜ୍ଞତା ଜଣାଇ କହିଛନ୍ତି, 'ମୁଁ ଖୁବ୍ ଯନ୍ତ୍ରଣାରେ ଥିଲି ଓ ମୁଁ ଏକ ଜରୁରୀ ଅସ୍ତ୍ରୋପଚାର ଆବଶ୍ୟକ କରୁଛି ବୋଲି ମୋତେ କୁହାଯାଇଥିଲା। ମୁଁ କେବେ କଳ୍ପନା କରିନଥିଲି ଯେ, ଏଭଳି ଏକ ଆଧୁନିକ ଅସ୍ତ୍ରୋପଚାର କଟକରେ କରାଯାଇପାରିବ ବୋଲି ଏବଂ ତାହା ବି ଏକ ରୋବୋଟ ମାଧ୍ୟମରେ। ମୋର ଜୀବନ ବଞ୍ଚାଇ ଥିବାରୁ ମୁଁ ଡଃ ପଟ୍ଟନାୟକ ଓ ତାଙ୍କ ଟିମ୍‌କୁ ଗଭୀର କୃତଜ୍ଞତା ଜଣାଉଛି।'

ଏସଏସ ଇନୋଭେଶନ୍ସ ଦ୍ୱାରା ସ୍ୱଦେଶୀ ଭାବେ ବିକଶିତ କରାଯାଇଥିବା ଏସଏସଆଇ ମନ୍ତ୍ରା ସର୍ଜିକାଲ ରୋବୋଟିକ ସିଷ୍ଟମ, ଅତ୍ୟାଧୁନିକ ମେଡିକାଲ ଇଞ୍ଜିନିୟରିଂ କ୍ଷେତ୍ରରେ ଭାରତର ବର୍ଦ୍ଧିତ କ୍ଷମତା ଏବଂ ଆଡ୍‌ଭାନ୍ସଡ ସର୍ଜିକାଲ ରୋବୋଟିକ୍ସକୁ ପ୍ରତ୍ୟେକ ଅଞ୍ଚଳ ପାଇଁ ଉଭୟ ସୁଲଭ ଓ ପହଞ୍ଚଯୋଗ୍ୟ କରିବା ପାଇଁ ଏହାର ଲକ୍ଷ୍ୟକୁ ସୂଚିତ କରୁଛି। ଏହି ସଫଳତା ସହିତ ଶାନ୍ତି ମେମୋରିଆଲ ହସ୍ପିଟାଲ ଓ ଏସଏସ ଇନୋଭେଶନ୍ସ ଭାରତର ଶଲ୍ୟ ଚିକିତ୍ସା କ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛନ୍ତି, ଯାହା ପରବର୍ତ୍ତୀ ପିଢି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦେଶର ନେତୃତ୍ୱକୁ ସୁଦୃଢ କରିଛି।

## ସାମ୍ବାଦିକଙ୍କ ସହାୟତାରେ ଭିନ୍ନକ୍ଷମ ଯୁବକ ଉଦ୍ଧାର



**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ପଶ୍ଚିମବଂଗ ଦାନ୍ତୁନ ଥାନା ଅନ୍ତର୍ଗତ ପାଶାଣ୍ଡ ପଞ୍ଚାୟତର କୋଟପଦା ଗ୍ରାମର ଭିନ୍ନକ୍ଷମ ଯୁବକ ୩୦ କିମି ରାସ୍ତା ଅତିକ୍ରମ କରି ଜଳେଶ୍ୱର ବ୍ଲକ, ଉପାନ୍ତ ଛିମପୁର ପଞ୍ଚାୟତ ଠାରେ ଏକ ଲେଡିଜ୍ ସାଇକେଲ ଧରି ପଥହରା ହୋଇଥିଲେ। ରବିବାର ସନ୍ଧ୍ୟାରେ ଆନନ୍ଦ ବଜାର ଛକ ଠାରେ ଲୋକେ ରୁଣ୍ଡ ହୋଇ ପରିଚୟ ଜାଣିବାକୁ ଚାହିଁଥିଲେ ମଧ ସେ ମୁକ ହୋଇଥିବାରୁ ଓ ମାନସିକ ଭାରସାମ୍ୟ ହରାଇ କିଛି କହି ପାରିନଥିଲେ। ପରେ ବହୁ ପଞ୍ଚାୟତରୁ ଖବର ଆସିଥିଲେ ମଧ ପରିଚୟ ଜଣା ନପଡିବାରୁ ସାମ୍ବାଦିକ ଦୁର୍ଗା ଶଙ୍କର ଗିରି ଜଳେଶ୍ୱର ଥାନାକୁ ଖବର ଦେଇ ସାଇକେଲ ଜମାରେ ରଖିଥିଲେ। ଜଳେଶ୍ୱର ପୋଲିସ ଏଏସଆଇ ସୃଷ୍ଟିଧର ବେହେରା ମୁକ ଯୁବକଙ୍କୁ ନେଇ ସାନ୍ତିଆସ୍ଥିତ ଗାନ୍ଧୀ ସେବାଶ୍ରମରେ ଛାଡିଥିଲେ। ପରେ ସାମାଜିକ ଗଣମାଧ୍ୟମରୁ ଜାଣି ବୃଦ୍ଧ ବାପା ହରିପଦ ପ୍ରାମାଣିକ, ପୁଅ ସୁକଦେବ ପ୍ରାମାଣିକ(୨୩)କୁ ଜଳେଶ୍ୱର ଥାନାରେ ଆବଶ୍ୟକ କାଗଜପତ୍ର ଦେଖାଇ ନେଇଥିଲେ। ପରେ ଗୋବରଘାଟା ପଞ୍ଚାୟତ, ବୈରାଟ ଆଡିର କେତେକ ସମ୍ପର୍କୀୟଙ୍କ ସହାୟତାରେ ନଛିମପୁର ଗାଁସ୍ଥିତ ସାମ୍ବାଦିକ ଦୁର୍ଗା ଶଙ୍କର ଗିରିଙ୍କୁ ନଥିପତ୍ର ଦେଖାଇ ତାଙ୍କ ନିକଟରେ ଜମା ଥିବା ସାଇକେଲ ପୋଲିସ ନିର୍ଦ୍ଦେଶରେ ପାଇଥିଲେ। ମାତୃହୀନ ଏକ ମାତ୍ର ହଜିଲା ପୁତ୍ରକୁ ପାଇଲା ପରେ ବୃଦ୍ଧ ବାପା ସ୍ଥାନିୟ ବାସିନ୍ଦା ଓ ଜଳେଶ୍ୱର ପୋଲିସକୁ ଲୁହ ଛଳଛଳ ଆଖିରେ ଧନ୍ୟବାଦ ଦେଇଛନ୍ତି।

## ମହିଳାଙ୍କ ନଗ୍ନ ଭିଡ଼ିଓ ଭାଇରାଲ କରି ଜେଲ ଗଲା ଯୁବକ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଜଣେ ବିବାହିତା ମହିଳାଙ୍କ ନଗ୍ନ ଭିଡ଼ିଓ ଭାଇରାଲ କରିବା ଘଟଣାରେ ସୋମବାର ପୁରୀଘାଟ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ରାଉସାପାଟଣାର ବିଶ୍ୱନାଥ ସ୍ୱାଇଁ (୨୮) । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ରାଉସାପାଟଣା ଜଣେ ମହିଳା ଗାଧୋଉଥିବା ସମୟରେ ତାଙ୍କ ନଗ୍ନ ଭିଡ଼ିଓ ବିଶ୍ୱନାଥ ତା ମୋବାଇଲରେ ରେକର୍ଡ଼ କରି ନେଇଥିଲା । ପରେ ସେହି ଭିଡ଼ିଓକୁ ତାହାର ସାଙ୍ଗସାଥୀମାନଙ୍କୁ ପଠାଇ ଭାଇରାଲ କରିଥିଲା । ଏହି ବିଷୟ ସଂପର୍କରେ ପୀଡ଼ିତା ଜଣକ ଜାଣିବା ପରେ ଥାନାରେ ଲିଖିତ ଏତଲା ଦେଇଥିଲେ । ଏହି ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଆଜି ପୋଲିସ ଅଭିଯୁକ୍ତ ବିଶ୍ୱନାଥକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ସମୁଦ୍ରରେ ଫସିଥିବା ମତ୍ସ୍ୟଜିବୀଙ୍କୁ ପ୍ରଶାସନ ପକ୍ଷରୁ ଖାଦ୍ୟ ପ୍ରଦାନ

**ବ୍ରହ୍ମପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ଭାବ୍ୟ ବାତ୍ୟା ମୋନ୍ଥା ଲାଗି ସମୁଦ୍ର ଅଶାନ୍ତ ରହିଥିବା ବେଳେ ଗତ ସୋମବାର ଦିନ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାମରୁ ପ୍ରାୟ ୬୦ଟି ଟ୍ରଲର ମାଛ ମାରିବାକୁ ସମୁଦ୍ର ମଧ୍ୟକୁ ଆସିଥିବା ବେଳେ ଆର୍ଯ୍ୟପଲ୍ଲୀ ସମୁଦ୍ରରେ ଫଶି ରହିଥିଲେ। ଦୀର୍ଘ ଘଣ୍ଟା ପରେ ଆର୍ଯ୍ୟପଲ୍ଲୀ ମେରାଇନ ଥାନା ପୋଲିସ, କୋଷ୍ଟ ଗାର୍ଡ ଓ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଗୋପାଳପୁର ପୋର୍ଟ ବର୍ଥ ନିକଟରେ ସେମାନଙ୍କୁ ସୁରକ୍ଷିତ ଭାବେ ଆଶ୍ରୟ ଦିଆଯାଇଥିଲା। ପ୍ରାୟ ୬୦ରୁ ଉର୍ଦ୍ଧ୍ୱ



ଟ୍ରଲରରେ ପାଖାପାଖି ୬୦୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଜିବୀ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତୀ ଭାସନଙ୍କ ନିର୍ଦ୍ଦେଶ କ୍ରମେ ଫଶି ରହିଥିବା ବେଳେ ମଙ୍ଗଳବାର ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ଆଦାନୀ ଫାଉଣ୍ଡେସନ ପକ୍ଷରୁ ସେମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର, ଏସ୍‌ଡ଼ିପିଓ ଚନ୍ଦନ କୁମାର ଘଡ଼ାଇ ଓ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧିକାରୀ ବିଦ୍ୟା ଭାରତୀ ନାୟକଙ୍କ ଉପସ୍ଥିତିରେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଛତ୍ରପୁର ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ, ଛତ୍ରପୁର ବ୍ଲକର ନିର୍ବାହୀ ଯନ୍ତ୍ରୀ ଲଗ୍ନଜିତ ସାହୁ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଅମୀୟ ନାୟକ, ସାଗର ମିତ୍ର ଏମ୍. ଚେନ୍ଦ୍ରେୟା ରେଡ୍ଡୀଙ୍କ ସମେତ ବହୁ ଆଦାନୀ ଫାଉଣ୍ଡେସନର କର୍ମଚାରୀ ଓ ପୋଲିସ୍ କର୍ମଚାରୀମାନେ ପେଟ୍ରୋଲିଂ ବୋଟ୍ ରେ ଯାଇ ଫଶି ରହିଥିବା ମତ୍ସ୍ୟଜିବୀ ମାନଙ୍କୁ ଖାଦ୍ୟ ଓ ପାଣି ବୋଟଲ ପ୍ରଦାନ କରିଥିଲେ। ସେମାନଙ୍କ ସୁରକ୍ଷା ଦିଗରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ଯଥେଷ୍ଟ ଯତ୍ନବାନ ରହିଥିବା ବେଳେ ସେମାନଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇଥିବା ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ବାତ୍ୟାକୁ ନେଇ ଭୟଭୀତ ନହେବାକୁ ବ୍ଲକ ପ୍ରଶାସନର ପରାମର୍ଶ



**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ଭାବ୍ୟ ବାତ୍ୟା ମୋନ୍ଥାକୁ ନେଇ କାକଟପୁରର ୧୬ଟି ପଞ୍ଚାୟତର ଅଧିବାସୀ ଆଶଙ୍କାରେ ଥିବାବେଳେ ବ୍ଲକ ପ୍ରଶାସନ ତରଫରୁ ଘନଘନ ବୈଠକ ବସାଇବା ସହିତ କୌଣସି ବ୍ୟକ୍ତି ଭୟଭୀତ ନହୋଇ ବାତ୍ୟା ମୁକାବିଲା ପାଇଁ ବ୍ଲକ ପ୍ରଶାସନକୁ ସହଯୋଗ କରିବାକୁ ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ ପ୍ରକାଶ କରିଛନ୍ତି। ସବୁସ୍ତରରେ ପ୍ରଶାସନ ସଜାଗ ଥିବାବେଳେ ପରିସ୍ଥିତିକୁ ନଜରରେ ରଖି ତଳିଆ ନଦୀକୂଳ ଅଞ୍ଚଳବାସୀଙ୍କୁ ଆବଶ୍ୟକ ସ୍ଥଳେ ସ୍ଥାନାନ୍ତର କରାଯିବାକୁ ସୂଚନା ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆସୁ ଚିକିତ୍ସା କେନ୍ଦ୍ର ମାଧ୍ୟମରେ ଲୋକମାନଙ୍କୁ ଜରୁରୀ ସେବା ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଶାନ୍ତି ଭୂଷଣ ଜେନା ସୂଚନା ଦେଇଛନ୍ତି। ପ୍ରତ୍ୟେକ ସରକାରୀ କର୍ମଚାରୀ ଯଥା ସ୍କୁଲ, କଲେଜ, ଅଙ୍ଗନବାଡି କେନ୍ଦ୍ର, ଡାକ୍ତରଖାନା, ବ୍ଲକ, ବିଦ୍ୟୁତ ବିଭାଗ ଭଳି ମୁଖ୍ୟ ଦପ୍ତରର କର୍ମଚାରୀମାନଙ୍କ ଛୁଟି ବାତିଲ କରାଯାଇ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ବ୍ଲକର ସମସ୍ତ ସରପଞ୍ଚମାନଙ୍କୁ ନେଇ ବୈଠକ ଡକାଯିବା ସହିତ ମୋନ୍ଥାର ମୁକାବିଲା ପାଇଁ ଜାଗ୍ରତ ରହିବା ସହିତ ଆବଶ୍ୟକ ସହଯୋଗ ପାଇଁ ପ୍ରଶାସନ ତତ୍ପର ଅଛି ବୋଲି ପ୍ରକାଶ କରିଛନ୍ତି। ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ଗୃହପାଳିତ ପଶୁମାନଙ୍କ ପାଇଁ ଆବଶ୍ୟକ ଗୋଖାଦ୍ୟ ମହଜୁଦ ରଖିଥିବା ଜାଣିବାକୁ ମିଳିଛି। କୃଷିଭିତିକ ସମସ୍ୟା ପାଇଁ ଲୋକମାନେ ସଜାଗ ରହିବାକୁ ବିଭିନ୍ନ ମାଧ୍ୟମରେ ସରକାରଙ୍କ ତରଫରୁ ପରାମର୍ଶ ଦିଆଯାଇଥିବା ବେଳେ ବାତ୍ୟା ମୁକାବିଲା ପାଇଁ ପ୍ରତ୍ୟେକ ସ୍ତରରେ ଲୋକମାନଙ୍କୁ ଭୟଭୀତ ନହୋଇ ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି।

## ବାଲିଯାତ୍ରା ପାଇଁ ସାହିତ୍ୟିକଙ୍କ ପୁସ୍ତକ ଦାନ




**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚଳିତ ବର୍ଷ ପ୍ରଥମ କରି ଓଡ଼ିଆ ଅସ୍ମିତା ପାଇଁ ଓଡିଆ ଭାଷା ସାହିତ୍ୟର ସମୃଦ୍ଧି ଓ ପ୍ରସାର ପାଇଁ ଓଡ଼ିଆ ଭାଷାର ବିଶିଷ୍ଟ ଲେଖକମାନଙ୍କ ଠାରୁ ପୁସ୍ତକ ସଂଗ୍ରହ କରି ମାଗଣାରେ ବାଲିଯାତ୍ରାରେ ବଣ୍ଟନ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ପରିପ୍ରେକ୍ଷୀରେ ବାଙ୍କୀ ମହୋତ୍ସବ ସ୍ମରଣିକା ସଂପାଦକ କବି କୌଶିକ ନାୟକ ଓ କବି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଆଜି ବାଙ୍କୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ କାର୍ଯ୍ୟାଳୟକୁ ଯାଇ ସେଠାରେ ପୁସ୍ତକ ପ୍ରଦାନ କେନ୍ଦ୍ରରେ ଉପସ୍ଥିତ ଥିବା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟନ୍ତୀ ଗୋଛି ଓ ପୁସ୍ତକ ସଂଗ୍ରହ ଦାୟିତ୍ୱରେ ଥିବା ଶିକ୍ଷକ ବିଜୟ କୁମାର ପଟ୍ଟନାୟକଙ୍କୁ ବିଭିନ୍ନ ପୁସ୍ତକ ଦାନ କରିଛନ୍ତି। ବିଶେଷ କରି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଲିଖିତ ପୁସ୍ତକ 'ବିଚିତ୍ର ପ୍ରାଣୀଜଗତ' ଓ କବି କୌଶିକ ନାୟକଙ୍କ 'କବିତା ସଂକଳନ' ଆଦି ୫୦ଖଣ୍ଡ ପୁସ୍ତକ ପ୍ରଦାନ କରାଯାଇଛି। ଏପରି କାର୍ଯ୍ୟକ୍ରମକୁ ବାଙ୍କୀର ବହୁ କବି ଓ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି।

## କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଣ୍ଟ କେବଳ ଘୋଷଣାରେ: କଂଗ୍ରେସ

**କେନ୍ଦୁଝର:ଏକ୍ସପ୍ରେସ୍ ନ୍ୟୁଜ୍**

କଂଗ୍ରେସ ଦଳ ପକ୍ଷରୁ ସଂଗଠନ ସୃଜନ ଅଭିଯାନ ପ୍ରକ୍ରିୟାରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଚୟନ ପ୍ରକ୍ରିୟାରେ କେନ୍ଦୁଝର ଜିଲ୍ଲା କଂଗ୍ରେସ ସଭାପତି ଭାବେ ଇଂ ମନୋଜ କୁମାର ଜେନା ମନୋନୀତ ହେବା ପରେ ମଙ୍ଗଳବାର ହୋଟେଲ ଶ୍ରୀକ୍ଷେତ୍ର ଇଣ୍ଟରନାସନାଲ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଉପସ୍ଥିତ ଥିଲେ। ଶ୍ରୀ ଜେନା ସାମ୍ବାଦିକ ସମ୍ମିଳନୀ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ହୋଇ ୫୦୦ ଦିନ ବିତି ଯାଇଥିଲେ ସୁଦ୍ଧା କୌଣସି ନୂତନ କାର୍ଯ୍ୟକ୍ରମ ହୋଇନାହିଁ। କେନ୍ଦୁଝର ଜିଲ୍ଲାରେ ମେଗା ଷ୍ଟିଲ ପ୍ଲାଣ୍ଟ କେବଳ ଘୋଷଣାରେ ବାକି ରହିଗଲା, ଜିଲ୍ଲାରେ ମେଡିକାଲରେ ଡାକ୍ତର ନାହାନ୍ତି, ସେହିପରି ବିଦ୍ୟାଳୟରେ ଶିକ୍ଷକ ଏବଂ କଲେଜରେ ଅଧ୍ୟାପକ ନାହାନ୍ତି। ଯଥାଶୀଘ୍ର ଏହି ପଦବୀଗୁଡିକ ପୂରଣ କରାଯାଉ। ସେହିପରି ସ୍ଲୋରି ପାଇପ ଲାଇନ ବୈତରଣୀ ପାଣିକୁ ବ୍ୟବହାର କରି ଲୁହାପଥର ପରିବହନକୁ ବନ୍ଦ କରାଯାଉ ଏବଂ ଟ୍ରକ ମାଲିକଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ। ଚୋରା ବାଲି ଚାଲାଣ ବନ୍ଦ ହେଉ। କଂଗ୍ରେସ ସଂଗଠନ ବାବଦରେ ତୃଣମୂଳ ସ୍ତରରୁ କଂଗ୍ରେସ କର୍ମୀଙ୍କୁ ଏକଜୁଟ କରାଯିବ ଏବଂ ବିଜେପି ଓ ବିଜେଡି ବିରୁଦ୍ଧରେ ଆନ୍ଦୋଳନ ଓ ବିକ୍ଷୋଭ



କରାଯିବ। ଏହି ସାମ୍ବାଦିକ ସମ୍ମିଳନୀକୁ ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ ପରିଚାଳନା କରିଥିଲେ ଏବଂ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, କଂଗ୍ରେସ ପଛୁଆବର୍ଗ ସେଲ ଅଧକ୍ଷ ଯଦୁମଣି ବାରିକ, ସଦର ବ୍ଲକ କଂଗ୍ରେସ ସଭାପତି ଉତ୍ତମ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ବରିଷ୍ଠ କଂଗ୍ରେସ ନେତା ନିର୍ମଳ ନାଏକ, ରତ୍ନାକର ଜେନା, ଲଳିତ ମୋହନ ନାୟକ, ସୌମ୍ୟରଞ୍ଜନ ରାଉତ, ଦିଲ୍ଲୀପ ସାହୁ, ଦିନେଶ ରାଉତ, ସୁଢଳ ସେଠି, ବୀରଭଦ୍ର ମହାନ୍ତ, ଲୁଲୁ ଜେନା, ସନତ ପାଢ଼ୀ, ମାନସ ବେହେରା, ଗୌରହରି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ବନ୍ଦ ସ୍କୁଲ

**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମ ଯୋଗୁଁ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ କେତକ ବିଦ୍ୟାଳୟକୁ ପ୍ରଶାସନ ବନ୍ଦ କରି ଦେଇଥିବା ବେଳେ ଏବେ ଉକ୍ତ ବନ୍ଦ ବିଦ୍ୟାଳୟଗୁଡିକ ଅସାମାଜିକ ବ୍ୟକ୍ତି ବିଶେଷଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଜଣାପଡିଛି। ଏପରିକି ବନ୍ଦ ବିଦ୍ୟାଳୟଗୁଡିକ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ନତୁବା ପ୍ରଶାସନର ନିୟନ୍ତ୍ରଣରେ ନଥିବା ପରି ମନେ ହେଉଛି। ଖଣ୍ଡପଡ଼ା ବ୍ଲକର ଖଳିସାହି ପଞ୍ଚାୟତ ଅଧିନ କୋଟପୋଖରୀ ପ୍ରାଥମିକ ବିଦ୍ୟାଳୟଟି ୧୯୧୮ ମସିହାରେ ସ୍ଥାପିତ ହୋଇଥିଲା। ତେବେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ହାର କମ ଯୋଗୁଁ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ବିଦ୍ୟାଳୟଟିକୁ ବନ୍ଦ କରିଦେବା ସହ ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟାରେ ଉକ୍ତ ବିଦ୍ୟାଳୟଟି ସାମିଲ ହୋଇଥିବା ଜଣାଯାଇଛି। ତେବେ ବିଦ୍ୟାଳୟଟି ବନ୍ଦ ପରେ ଉକ୍ତ ବିଦ୍ୟାଳୟର ଗୋଟିଏ ପାର୍ଶ୍ୱରେ ଅଙ୍ଗନୱାଡି କେନ୍ଦ୍ରଟିଏ ଚାଲୁ ରହିଥିବା ବେଳେ ବାକି ବିଦ୍ୟାଳୟର ଅନ୍ୟ ଶ୍ରେଣୀଗୃହ ଗୁଡିକ ସ୍ଥାନୀୟ ଅଞ୍ଚଳର ଅସାମାଜିକ ବ୍ୟକ୍ତିବିଶେଷଙ୍କ କବଜାରେ ଥିବା ଜଣାପଡିଛି। ଏଥିପ୍ରତି ପ୍ରଶାସନ, ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ପ୍ରକାଶଥାଉକି ସରକାରଙ୍କ ପକ୍ଷରୁ ଏକଦା ଲକ୍ଷଲକ୍ଷ ଟଙ୍କା ବ୍ୟୟ କରାଯାଇ ଉକ୍ତ ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ କରାଯାଇଥିଲା। ମାତ୍ର ବିଦ୍ୟାଳୟ ବନ୍ଦ ପ୍ରକ୍ରିୟା ପରେ ଏବେ ଏହା ଅସାମାଜିକ ବ୍ୟକ୍ତିମାନଙ୍କ ଆଡ୍ଡାସ୍ଥଳୀ ପାଲଟିଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଏକାଧିକ ମାମଲାରେ ଜଡିତ ଅଭିଯୁକ୍ତ ଗିରଫ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ସିମେତ ବିଭିନ୍ନ ଥାନାରେ ଅପରାଧୀ କାର୍ଯ୍ୟ କଳାପ ସହିତ ଜଡିତ ଥିବା ନୀରଞ୍ଜନଙ୍କୁ ନିଆଳୀ ପୋଲିସ୍ ଗିରଫ କରିଛି। ସୂଚନା ଥାଉକି ନିଆଳୀ ଥାନା ଅଧିନସ୍ଥ ଦେବୀ-କନ୍ଦଳ ଦୀପାଞ୍ଚଳ ଏରଞ୍ଚ ପଞ୍ଚାୟତ ମାଗୁରାକୁଦ ଗ୍ରାମର ନୀରଞ୍ଜନ ସ୍ୱାଇଁ ଓରଫ (କୁନୁ )ନାମରେ ପୂର୍ବରୁ ୨୮୧/୨୫ରେ ମାମଲା ରୁଜୁ ହୋଇଥିଲା। ତାର ସହଯୋଗୀ ଗିରଫ ହୋଇଥିବାବେଳେ କୁନୁ ଫେରାର ରହିଥିଲା। ତା'ନାମରେ ଚୋରୀ, ଡକାୟତି ଓ ମଣିଷ ହାଣିବା ଭଳି ଅଭିଯୋଗ ରହିଥିଲା। ଗତକାଲି ରାତିରେ ତାକୁ ଗିରଫ କରିବା ସହିତ ତା ନିକଟରୁ ଏକ ବାଇକ୍ ଜବତ କରାଯାଇଛି। ମଙ୍ଗଳବାର ଦିନ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଦିଲ୍ଲୀପି କୁମାର କାଣ୍ଡି ସୂଚନା ଦେଇଛନ୍ତି।

## ପରିଚାରିକା ମହାସଂଘର ବିକ୍ଷୋଭ




**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ବିଭିନ୍ନ ଘରମାନଙ୍କରେ କାମ କରୁଥିବା ପରିଚାରିକାମାନଙ୍କୁ ସାମାଜିକ ସୁରକ୍ଷା ଓ ସହାୟତା ଦାବିରେ ସ୍ଥାନୀୟ ନୂଆପଡ଼ାରେ ଥିବା କଟକ ଜିଲ୍ଲା ଲେବର ଅଫିସ ସମ୍ମୁଖରେ ପରିଚାରିକା ମହାସଂଘ ପକ୍ଷରୁ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲିଗାଲ ହେଆର ସାର୍ଟିଫିକେଟ ନଥିବା ଅଣସଂଗଠିତ ଶ୍ରମିକମାନଙ୍କୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପରିଚାରିକାମାନଙ୍କ ପିଲାଙ୍କ ପାଠପଢ଼ା ଓ ଝିଅ ବିଭାଗର ସହାୟତା ଦେବା, ପରିଚାରିକାମାନଙ୍କ ବୀମା, ପେନସନ, ପ୍ରସୂତିକାଳୀନ ଛୁଟି ଓ ସହାୟତା ବ୍ୟବସ୍ଥା କରିବା, ପରିଚାରିକାମାନଙ୍କର ଦୁର୍ଘଟଣା ଜନିତ ସହାୟତା ଘୋଷଣା କରିବା ପରିଚାରିକା ମାନଙ୍କୁ କର୍ମକ୍ଷେତ୍ରରେ ସାମାଜିକ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା କରିବା ଆଦି ପ୍ରମୁଖ ଦାବି ବିକ୍ଷୋଭକାରୀଙ୍କ ପକ୍ଷରୁ କରାଯାଇଛି । ଏହି ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲ୍ଲା ଲେବର ଅଫିସରଙ୍କ ଜରିଆରେ ଲେବର କମିଶନରଙ୍କୁ ପ୍ରଦାନ କରାଯାଇଛି । ପରିଚାରିକା ମହାସଂଘ ସଭାପତି ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ପ୍ରିୟଦର୍ଶନ ପାଢେଲ, ସ୍ୱାଧୀନ ବେହେରା, ଏନ ରାଜୁ, ସନ୍ଧ୍ୟା ନାୟକ, ଉନ୍ନତି ନାୟକ, ମାମି ବେହେରା, ନମିତା ବେହେରା ଓ ଶ୍ରଦ୍ଧାଞ୍ଜଳୀ ପାତ୍ର ପ୍ରମୁଖ ବିକ୍ଷୋଭରେ ନେତୃତ୍ୱ ନେଇଥିଲେ।

## ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତର ଶ୍ରୀ ଶ୍ରୀ ପତିତପାବନ ମନ୍ଦିର ଆମ୍ପୋର ଠାରେ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚ୍ନ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମକୁ ବାବାଜୀ ବୈକୁଣ୍ଠ ନାଥ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ଧାରାବାହିକ ଭାବରେ ପ୍ରବକ୍ତା ଶିକ୍ଷାବିତ୍ ଶିବଶଙ୍କର ଦାସ ଭଗବାନ ଶ୍ରୀକଷ୍ଣଙ୍କର ଗୁଣ, ଲୀଳା, ଆଦର୍ଶ ଜୀବନଯାପନ ସହ ସପ୍ତାହ ବ୍ୟାପି ଦିବ୍ୟ ପ୍ରବଚ୍ନ ପ୍ରଦାନ କରୁଛନ୍ତି। ଆମ୍ଭ ଅଞ୍ଚଳବସୀ ମାନେ ଏହି ଦିବ୍ୟ ପ୍ରବଚ୍ନ ଶୁଣି ଆନନ୍ଦ ଅନୁଭବ କରୁଛନ୍ତି। ପ୍ରବକ୍ତା ଶ୍ରୀ ଦାସ ସମସ୍ତ ଭକ୍ତମାନଂକୁ ଉପଦେଶ ଦେଇ କହିଲେ ଭଗବାନଙ୍କର ଦିବ୍ୟ ରସକୁ ପାନ କରିବା ସହ କାର୍ଯ୍ୟରେ ଲଗାଇ ପାରିଲେ ଜୀବନ ଆନନ୍ଦମୟ ହେବ।

## ଧର୍ମପ୍ରାଣା ବ୍ୟକ୍ତିଙ୍କ ପରଲୋକ

**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ଶୁକ୍ରବାର ଭଦ୍ରକ ଜିଲ୍ଲାର କେଦାରପୁର ପଞ୍ଚାୟତ ଜିଣନଗା ଗାଁର ବରିଷ୍ଠ ବ୍ୟକ୍ତି ତଥା ଧର୍ମ ପରାୟଣ ବ୍ୟକ୍ତି ରାମଚନ୍ଦ୍ର ପାଳଙ୍କ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ପରିବାର ବର୍ଗ, ବନ୍ଧୁବାନ୍ଧବ ତଥା ନିଜ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ରାମଚନ୍ଦ୍ର ଆଖପାଖ ଅଞ୍ଚଳର ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେଉଥିଲେ ଏବଂ ତାଙ୍କର ମଧ ଏକ ଧାର୍ମିକ ଅନୁଷ୍ଠାନ ଅଛି। ରାମଚନ୍ଦ୍ରଙ୍କ ବିୟୋଗରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ପରିବାରକୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରିବାକୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଞ୍ଚଳବାସୀ ପ୍ରାର୍ଥନା କରିଛନ୍ତି।

## ରାଜ୍ୟସ୍ତରୀୟ ସାଇବର ସୁରକ୍ଷା ସଚେତନତା

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱରସ୍ଥିତ କୃଷି ଭବନର ଅଡିଟୋରିୟମରେ ରାଷ୍ଟ୍ରୀୟ ସୂଚନା କେନ୍ଦ୍ର (ଏନ.ଆଇ.ସି)ର ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ସାଇବର ସୁରକ୍ଷା ସଚେତନତା କର୍ମଶାଳା ଆୟୋଜିତ ହୋଇ ଯାଇଛି। ଏହି କର୍ମଶାଳାରେ ଓଡିଶା ସରକାରଙ୍କର ବିଭିନ୍ନ ବିଭାଗର ଅଧିକାରୀ ତଥା ଏନ.ଆଇ.ସି.ର ଦିଲ୍ଲୀ, ଓଡିଶା, ପଶ୍ଚିମ ବଙ୍ଗ, ବିହାର, ଝାରଖଣ୍ଡ ଏବଂ ଛତିଶଗଡ କେନ୍ଦ୍ରର ୨୦୦ରୁ ଉର୍ଦ୍ଧ୍ୱ ଅଧିକାରୀ ଭାଗ ନେଇଥିଲେ।



ଓଡିଶା ସିଆଇଡି କ୍ରାଇମବ୍ରାଞ୍ଚର ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ନିଜର ଉଦଘାଟନୀ ସମ୍ଭାଷଣରେ ସାଇବର ଠକେଇ, ସାଇବର ଅପରାଧ, ଡିଜିଟାଲ ଆରେଷ୍ଟ, ବ୍ୟକ୍ତିଗତ ତଥ୍ୟ ହ୍ୟାକିଂ ଆଦି ଉପରେ ଆଲୋକପାତ କରିଥିଲେ ଏବଂ ଏସବୁର ସମାଧାନରେ ସାଇବର୍ ପୋଲିସଙ୍କର ଭୂମିକା ବିଷୟରେ ଆଲୋଚନା କରିଥିଲେ।

ସମ୍ମାନିତ ଅତିଥି ଭାବରେ ଯୋଗଦେଇ କୃଷି ବିଭାଗର ଅତିରିକ୍ତ ନିର୍ଦ୍ଦେଶିକା ଶ୍ରୀମତୀ ଲିଟ୍ଟୀ ପଟ୍ଟନାୟକ ସରକାରୀ ସ୍ତରରେ ଡାଟାର ସୁରକ୍ଷା ବିଷୟରେ ବିସ୍ତୃତ ଆଲୋଚନା କଲେ। ନିଜର ସ୍ୱାଗତ ପ୍ରସ୍ତାବରେ ଓଡିଶା ଏନ.ଆଇ.ସି.ର ଉପ ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ପଦାଧିକାରୀ ଡ. ଅଶୋକ କୁମାର ହୋତା ସମସ୍ତଙ୍କୁ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସାଇବର ସୁରକ୍ଷା ପୁସ୍ତିକା ଉନ୍ମୋଚିତ ହୋଇଥିଲା। ନିଜର ଧନ୍ୟବାଦ ପ୍ରସ୍ତାବରେ ଜାତୀୟ ଡାଟା କେନ୍ଦ୍ର, ଭୁବନେଶ୍ୱରର ମୁଖ୍ୟ ତଥା ଉପ ମହାନିର୍ଦ୍ଦେଶକ ଚୌଧୁରୀ ବିଜୟ କୁମାର ଦାସ ଡାଟା କେନ୍ଦ୍ରର ବିଭିନ୍ନ ବୈଷୟିକ ସୁବିଧା ବିଷୟରେ ସୂଚନା ଦେଇଥିଲେ।

ଏହି କର୍ମଶାଳାରେ ସାଇବର ସୁରକ୍ଷାର ବିଭିନ୍ନ ଦିଗଉପରେ ଆଠଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଓଡିଶା କ୍ରାଇମ ବ୍ରାଞ୍ଚର ଅତିରିକ୍ତ ପୋଲିସ କମିଶନର ଅକ୍ଷୟ କୁମାର ନାୟକ, ଏନ.ଆଇ.ସି. ଦିଲ୍ଲୀର ବରିଷ୍ଠ ବୈଜ୍ଞାନିକ ପ୍ରଦୀପ କୁମାର କୌଶଳ, ଏନ.ଆଇ.ସି. ଓଡିଶାର ଶ୍ରୀମତୀ ସୁଜାତା ଦାସ, ଏବଂ ନୀଳାଦ୍ରି ବିହାରୀ ମହାନ୍ତିଙ୍କ ସହିତ ଅନ୍ୟ ସାଇବର ସୁରକ୍ଷା ବିଶେଷଜ୍ଞମାନେ ଏହି ସତ୍ରକୁ ପରିଚାଳନା କରିଥିଲେ। ଓଡିଶା ଏନ.ଆଇ.ସି.ର ଅଧିକାରୀ ଜୟନ୍ତ କୁମାର ମିଶ୍ର କର୍ମଶାଳାକୁ ସଂଯୋଜନା କରିଥିଲେ।

## ୪ ରେଳ ଷ୍ଟେସନରେ ଅମୃତ ସମ୍ବାଦ କାର୍ଯ୍ୟକ୍ରମ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

'ସ୍ୱଚ୍ଛତା ସ୍ୱତନ୍ତ୍ର ଅଭିଯାନ ୫.୦' ଅନ୍ତର୍ଗତ ଚାଲୁଥିବା ଅମୃତ ସମ୍ବାଦ କାର୍ଯ୍ୟକ୍ରମ ପଦକ୍ଷେପର ଅଂଶ ସ୍ୱରୂପ, ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ତାଳଚେର, ତାଳଚେର ରୋଡ୍, ଅନୁଗୁଳ ଏବଂ ମେରାମଣ୍ଡଳୀ ରେଳ ଷ୍ଟେସନରେ ଯାତ୍ରୀମାନଙ୍କ ସହିତ ପାରସ୍ପରିକ ଆଲୋଚନା ଅଧିବେଶନ ଆୟୋଜନ କରିଛି।




ଆଲୋଚନା ସମୟରେ, ରେଳ ଅଧିକାରୀମାନେ ଷ୍ଟେସନ ମାନଙ୍କରେ ପ୍ରଦାନ କରାଯାଇଥିବା ଯାତ୍ରୀ ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ସମୟାନୁବର୍ତ୍ତିତା, ଖାଦ୍ୟ ଯୋଗାଣ, ସୁରକ୍ଷା ଓ ନିରାପତ୍ତା ଏବଂ ଅନ୍ୟାନ୍ୟ ଯାତ୍ରୀ-କୈନ୍ଦ୍ରିକ ସେବା ସମ୍ପର୍କରେ ମତାମତ ପାଇବା ପାଇଁ ଯାତ୍ରୀମାନଙ୍କ ସହିତ ଯୋଗାଯୋଗ କରିଥିଲେ। ଏକ ଆଧୁନିକ ଏବଂ ଦକ୍ଷ ରେଳ ନେଟୱାର୍କ ବିକାଶ ପାଇଁ ଭାରତୀୟ ରେଳବାଇ ଦ୍ୱାରା ପଦକ୍ଷେପ ନିଆଯାଉଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଏବଂ ଭିତ୍ତିଭୂମି ଉନ୍ନତି ବିଷୟରେ ଯାତ୍ରୀମାନଙ୍କୁ ମଧ୍ୟ ସଚେତନ କରାଯାଇଥିଲା।

ବାଣିଜ୍ୟିକ ବିଭାଗର ଅଧିକାରୀମାନେ ଏହି ଅଧିବେଶନଗୁଡ଼ିକରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ସାମଗ୍ରିକ ଯାତ୍ରା ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ଯାତ୍ରୀମାନଙ୍କ ଦ୍ୱାରା ଦିଆଯାଇଥିବା ମୂଲ୍ୟବାନ ପରାମର୍ଶଗୁଡ଼ିକ ପ୍ରତି ଧ୍ୟାନ ଦେଇଥିଲେ। ନିରନ୍ତର ଯୋଗାଯୋଗ ଏବଂ ପ୍ରତିକ୍ରିୟାଶୀଳତା ମାଧ୍ୟମରେ ରେଳବାଇ ଏବଂ ଯାତ୍ରୀମାନଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ଏହି ପଦକ୍ଷେପର ଲକ୍ଷ୍ୟ। ଅଂଶଗ୍ରହଣକାରୀ ପ୍ରଶାସନକୁ ପ୍ରୋତ୍ସାହିତ କରିବା ଏବଂ ରେଳ ବ୍ୟବହାରକାରୀଙ୍କୁ ଗୁଣାତ୍ମକ ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପରିସୀମା ମଧ୍ୟରେ ଥିବା ସମସ୍ତ ପ୍ରମୁଖ ଷ୍ଟେସନ ମାନଙ୍କରେ ଅମୃତ ସମ୍ବାଦ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି।

## ପ୍ରବଳ ବର୍ଷାରେ କାଳୀପୂଜା ଗେଟ ଭୁଶୁଡ଼ିଲା: ଯାତାୟାତ ବାଧାପ୍ରାପ୍ତ

**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଘୂର୍ଣ୍ଣିଝଡ଼ 'ମୋନ୍ଥା' ପ୍ରଭାବରେ ଯାଜପୁର ଜିଲ୍ଲାରେ ହୋଇଥିବା ପ୍ରବଳ ବର୍ଷା ଓ ପବନରେ ମଙ୍ଗଳବାର ଦିନ ବ୍ୟାସନଗରର କଲେଜ ଛକ ନିକଟରେ କାଳୀ ପୂଜା ପାଇଁ ସ୍ଥାପିତ ହୋଇଥିବା ଏକ ଲାଇଟ୍ ଗେଟ୍ ଭୁଶୁଡ଼ି ପଡ଼ିଛି। ଏହି ଘଟଣା ଫଳରେ ଯାଜପୁର ରୋଡ଼-କଳିଙ୍ଗନଗର ମୁଖ୍ୟ ରାସ୍ତାର ଏକ ଅଂଶ ଅବରୋଧ ହୋଇଯାଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ସୂତ୍ର ଅନୁଯାୟୀ, ଆଜି ଅପରାହ୍ନ ପ୍ରାୟ ୧ଟା ସମୟରେ ବର୍ଷାର ତୀବ୍ରତା ବଢ଼ିବା ସହିତ ଗେଟ୍‌ଟି ଭୁଶୁଡ଼ି ପଡ଼ିଥିଲା। ପୂଜା କମିଟି ସଦସ୍ୟମାନେ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ସ୍ଥାନୀୟ ପ୍ରଶାସନ ଓ ପୋଲିସକୁ ଅବଗତ କରିଥିଲେ। ଆମେ ପୂଜା ମଣ୍ଡପ ନିକଟରେ ଥିଲୁ। ହଠାତ୍ ଭାବେ ପବନ ଓ ବର୍ଷାରେ ଲାଇଟ୍ ଗେଟ୍ ଭୁଶୁଡ଼ି ପଡ଼ିଲା। ଭାଗ୍ୟକ୍ରମେ କେହି ଆହତ ହୋଇନାହାଁନ୍ତି। ପୋଲିସ ଓ ଟେଣ୍ଟ ହାଉସ୍ କର୍ମଚାରୀମାନେ ତୁରନ୍ତ ରାସ୍ତା ସଫା କାମ ଆରମ୍ଭ କରିଥିବା କାଳୀ ପୂଜା କମିଟିର ଜଣେ ସଦସ୍ୟ କହିଛନ୍ତି। ଅନ୍ୟପଟେ, ଘଟଣାସ୍ଥଳରେ ଉପସ୍ଥିତ ଜଣେ ପୋଲିସ ଅଧିକାରୀ କହିଛନ୍ତି। ଘୂର୍ଣ୍ଣିଝଡ଼ ଯୋଗୁଁ ପ୍ରବଳ ବର୍ଷା ଓ ପବନରେ ଗେଟ୍ ଭୁଶୁଡ଼ି ପଡ଼ିଛି। ଯାତାୟାତ ସ୍ୱାଭାବିକ କରିବା ପାଇଁ ଆମେ ରାସ୍ତା ସଫା କରୁଛୁ ଏବଂ ଟ୍ରାଫିକ ସୁବ୍ୟବସ୍ଥା କରିଛୁ। ଗୋଟିଏ ପଟେ ବ୍ୟାସନଗର କଲେଜ ରାସ୍ତା



ଦେଇ ଦାନଗଦି ଓ ଡୁବୁରୀ ରାସ୍ତାକୁ ଯିବାକୁ ବ୍ୟବସ୍ଥା କରାଯାଇଛି। ପୂଜା ପାଇଁ ବଡ ଗାଡ଼ି ନୋ ଏଣ୍ଟ୍ରି ଥିବାବେଳେ ପ୍ଲାଣ୍ଟ ବସ ରାସ୍ତା ଜାମର କରଣ ସାଜିଛି। ଚୋରଦା, ଡୁବୁରୀ ବ୍ୟସ୍ତ ବହୁଳ ମୁଖ୍ୟ ରାସ୍ତା କୋଟ ଛକରେ ଥିବା କାଳୀପୂଜା ଗେଟ ଭୁଶୁଡ଼ି ପଡ଼ିବାରୁ ଯାତାୟତ ଠପ ହୋଇପଡ଼ିଥିଲା। ଯାଜପୁର ରୋଡ଼ ପୋଲିସ ଘଟଣା ସ୍ଥଳରେ ପଞ୍ଚି ଟ୍ରାଫିକ ସମସ୍ୟା ଦୂର କରିବାକୁ ଚେଷ୍ଟା କରିଛନ୍ତି। ଗେଟକୁ ରାସ୍ତା ଉପରୁ ସଫା କରିବା ପାଇଁ ସ୍ଥାନୀୟ ପ୍ରଶାସନ, ଅଗ୍ନିଶମ ବିଭାଗ ଓ ଟେଣ୍ଟ ହାଉସ୍ କର୍ମଚାରୀମାନେ ମିଶି ରାସ୍ତାରୁ ଭଗ୍ନାବଶେଷ ହଟାଇ ଯାତାୟାତକୁ ସାଧାରଣ କରିବା ପାଇଁ ଚେଷ୍ଟାରତ ଅଛନ୍ତି।

## ବାତ୍ୟାକୁ ଦୃଷ୍ଟିରେ ରଖି ଆରଡିସିଙ୍କ ଜରୁରୀକାଳୀନ ଆଭାସୀ ବୈଠକ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ଭାବ୍ୟ ବାତ୍ୟା "ମୋନ୍ଥା"କୁ ଦୃଷ୍ଟିରେ ରଖି ଆଜି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାରଙ୍କ ଅଧକ୍ଷତାରେ କେନ୍ଦ୍ରାଞ୍ଚଳର ୧୦ଟି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ତହସିଲଦାରମାନଙ୍କ ସହ ଆଭାସୀ ମାଧ୍ୟମରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି ଆବାସିକ ହଷ୍ଟେଲଗୁଡ଼ିକରେ ଖାଦ୍ୟ ମହଜୁଦ ରଖିବା ସହ ଆବଶ୍ୟକୀୟ ଆନୁସଙ୍ଗିକ ବ୍ୟବସ୍ଥା ନିମନ୍ତେ ପଦକ୍ଷେପ ଉପରେ ତଦାରଖ କରାଯିବା ଆଦି ନେଇ ଏକ ବିସ୍ତୃତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି।

## ଯେସାକୁ ତେସା




କ୍ଷୁଧାର୍ଥ ପତିଦେବ ଅଫିସରୁ ଫେରି ଘରେ ଗୋଡ଼ ଦେବା ମାତ୍ରେ ପତ୍ନୀଦେବୀ ମୁହଁକୁ ବିକୃତ କରି କହିଲେ- ମୁଣ୍ଡଟା ଏତେ ବିନ୍ଧୁଛି ଯେ ନକହିବା ଭଲ। କିଛି କରିବାକୁ ଇଚ୍ଛା ହେଉନି।

ପତିଦେବ ତତ୍‌କ୍ଷଣାତ କହିଲେ- ଏ..ହେ, ଦେଖିଲ? ମୋର ସବୁ ପ୍ଲାନ୍ ନଷ୍ଟ ହୋଇଗଲା।

ପତ୍ନୀଦେବୀ ବି ବିସ୍ମୟ ହୋଇ ପଚାରିଲେ- କି ପ୍ଲାନ୍?

ପତିଦେବ କହିଲେ- ମୁଁ ଠିକ୍ କରିଥିଲି ଏବେ ଆମେ ଅଳ୍ପ ସମୟ ପରେ ଟିକେ ରିଫ୍ରେସ୍ ହୋଇ ଗୋଟେ ଭଲ ହୋଟେଲ୍‌କୁ ଯାଇଥାନ୍ତେ ଖାଇବାକୁ। ବହୁଦିନ ହେଲା ଆମେ ଭଲ ମନ୍ଦ କିଛି ଖାଇନେ।

ପତ୍ନୀଦେବୀ ଏକଥା ଶୁଣିବା ମାତ୍ରେ ମିଠା ହସି କହିଲେ- ନାଇଁମ, ମୁଁ ଗେଲରେ ସେମିତି କହିଦେଲି। ମୋର କାହିଁକି ମୁଣ୍ଡ ବିନ୍ଧିବ?

ପତିଦେବ ତତ୍‌କ୍ଷଣାତ କହିଲେ- ମୁଁ ବି ତମକୁ ଗେଲରେ କହିଥିଲି ଏକଥା। ହୋଟେଲ୍‌କୁ ଯିବାର ମୋର କିଛି ପ୍ଲାନ୍ ନାହିଁ।

## ୩୧ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**କଟକ,୨୮।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଅବକାରୀ ବିଭାଗକୁ ସଫଳତା। ସ୍ଥାନୀୟ ମଂଗୁଳି ଛକ ନିକଟରୁ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୩୧ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରାଯାଇଛି। ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ୨ ଅଭିଯୁକ୍ତ ହେଲେ ବାସୁଦେବ ଦାସ ଓ ସରୋଜ ରାଉତ। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଖବର ଅନୁଯାୟୀ ସ୍ଥାନୀୟ ମଂଗୁଳି ଛକ ନିକଟରେ ବ୍ରାଉନସୁଗାର କାରବାର ନେଇ ଅବକାରୀ ବିଭାଗକୁ ଗୁଇନ୍ଦା ସୂଚନା ମିଳିଥିଲା। ଯାହାକୁ ଆଧାର କରି ଅବକାରୀ ବିଭାଗ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ବିପୁଳ ପରିମାଣର ବ୍ରାଉନସୁଗାର ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୩୧ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ଏହି ଘଟଣାରେ ଅବକାରୀ ବିଭାଗ ୨ୟ ଅଭିଯୁକ୍ତଙ୍କୁ ଗିରଫ କରିଛି।



କଟକ: କାର୍ତ୍ତିକେଶ୍ୱରଙ୍କ ମୃଣ୍ମୟୀ ମୂର୍ତ୍ତି ପ୍ରସ୍ତୁତି (ଫଟୋ-ଚନ୍ଦନ)

# ପୂର୍ବତନ ମ୍ୟାଚ୍ ରେଫରୀଙ୍କ ଅଭିଯୋଗ: ଭାରତ ଦଖଲରେ ଆଇସିସି

**ଇଂଲଣ୍ଡ,୨୮।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**



ବୋର୍ଡ ଅଫ କଣ୍ଟ୍ରୋଲ ଫର କ୍ରିକେଟ ଇନ ଇଣ୍ଡିଆ ବା ବିସିସିଆଇ ବିରୋଧରେ ସାଂଘାତିକ ଅଭିଯୋଗ। ପୂର୍ବତନ ଆଇସିସି ମ୍ୟାଚ୍ ରେଫରୀ ତଥା ପୂର୍ବତନ ଇଂଲିଶ କ୍ରିକେଟର କ୍ରିସ୍ ବ୍ରଡ ବିସିସିଆଇ ବିରୋଧରେ ଆଣିଛନ୍ତି ସମସ୍ତଙ୍କୁ ଚକିତ କରିବା ଭଳି ଅଭିଯୋଗ। ଭାରତୀୟ କ୍ରିକେଟ ଟିମକୁ ଫାଇନ ଭଳି ଦଣ୍ଡରୁ ରକ୍ଷା କରିବା ପାଇଁ ରାଜନୀତିକ କ୍ଷମତାର ବ୍ୟବହାର କରାଯାଇଥିଲା ବୋଲି ବ୍ରଡ କହିଛନ୍ତି।

ଅବସର ଘୋଷଣା କରି ସାରିଥିବା ଇଂଲଣ୍ଡର ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡଙ୍କ ବାପା ହେଉଛନ୍ତି କ୍ରିସ। ସେ ଗୋଟିଏ ସାକ୍ଷାତକାରରେ ବିସିସିଆଇ ବିରୋଧରେ ଏପରି ଅଭିଯୋଗ ଆଣିଛନ୍ତି। ବ୍ରଡ ଦାବି କରିଛନ୍ତି ଯେ ତାଙ୍କ ପାଖକୁ ସିଧାସଳଖ ଗୋଟିଏ ଫୋନ କଲ ଆସିବା ସହ ଭାରତୀୟ ଟିମ ପ୍ରତି ଉଦାରତା ଦେଖାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଧିମା ଓଭର ପାଇଁ ଗୋଟିଏ ମ୍ୟାଚ୍‌ରେ ଭାରତୀୟ ଟିମ ଉପରେ ଫାଇନା ଲାଗିବାର ଥିଲା। କିନ୍ତୁ ଫୋନ କଲ ଦ୍ୱାରା ଭାରତୀୟ ଟିମକୁ ଯେକୌଣସି ଉପାୟରେ ଫାଇନ ଦଣ୍ଡରୁ ବାଦ ଦେବାକୁ କୁହାଯାଇଥିଲା ବୋଲି ବ୍ରଡ କହିଛନ୍ତି।

ମ୍ୟାଚ୍ ସମ୍ପର୍କରେ ବିସ୍ତୃତ ସୂଚନା ନ ଦେଇ ବ୍ରଡ କହିଛନ୍ତି ଯେ ଭାରତ ଉକ୍ତ ମ୍ୟାଚ୍‌ରେ ଧାର୍ଯ୍ୟ ସମୟ ତୁଳନାରେ ୩ରୁ ୪ ଓଭର ପଛରେ ରହିଥିଲା। ଏହାର ଅର୍ଥ ଭାରତୀୟ ଟିମ ଧିମା ଓଭର ପାଇଁ ଦଣ୍ଡିତ ହେବା କଥା। ହେଲେ ବିସିସିଆଇର ହସ୍ତକ୍ଷେପ ଓ କ୍ଷମତା ପ୍ରୟୋଗ ଯୋଗୁ ଧାର୍ଯ୍ୟ ସମୟରେ ବ୍ରଡ ହେରଫେର କରିଥିଲେ। ଫାଇନା ଯେମିତି ଲାଗୁ ନ ହେବ, ତା'ର ବ୍ୟବସ୍ଥା କରିଥିଲେ ବୋଲି ସେ କହିଛନ୍ତି।

ସାକ୍ଷାତକାରରେ ବ୍ରଡ ଆହୁରି ଦାବି କରିଛନ୍ତି ଯେ ପୂର୍ବାପେକ୍ଷା ଏବେ ଖେଳର ଅଧିକ ରାଜନୀତିକରଣ ହୋଇଛି। ବିସିସିଆଇ ପାଖରେ ଅଧିକ ଟଙ୍କା ଥିବାରୁ ବ୍ରଡ ଅଭିଯୋଗ କରିଛନ୍ତି ଯେ ଆଇସିସିର ସର୍ବୋଚ୍ଚ ସ୍ଥାନ ଅଧିକ ମାତ୍ରାରେ ରାଜନୀତିକ ରୂପରେ ପ୍ରଭାବିତ ହୋଇ ସାରିଛି।

ସେ କହିଛନ୍ତି, "ଭାରତକୁ ସବୁ ଟଙ୍କା ମିଳି ଯାଉଛି ଓ ଏବେ ଭାରତ ବିଭିନ୍ନ ଉପାୟରେ ଆଇସିସିକୁ ଦଖଲ କରିନେଇଛି। ମୁଁ ସେହି ଦୁନିଆରେ ନଥିବାରୁ ବେଶ ଖୁସି। କାରଣ ପୂର୍ବାପେକ୍ଷା ବର୍ତ୍ତମାନ ଉକ୍ତ ସଂସ୍ଥା ରାଜନୀତିକ ପଦ ହୋଇ ସାରିଲାଣି।"

ଧିମା ଓଭର ରେଟ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇ କେମିତି ତାଙ୍କୁ ଫୋନ କରି ଭାରତୀୟ ଟିମ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବାକୁ ବାଧ କରାଯାଇଥିଲା, ସେକଥା ବ୍ରଡ କହିଛନ୍ତି। ତାଙ୍କ କହିବା କଥା ଯେ ସୌରଭ ଗାଙ୍ଗୁଲି ଅଧିନାୟକ ଥିବା ବେଳେ ଭାରତୀୟ ଟିମ ଖେଳୁଥିବା ମ୍ୟାଚ୍‌ରେ ଏପରି ଘଟଣା ଘଟିଥିଲା।

ସେ କହିଛନ୍ତି, "ଭାରତ ମ୍ୟାଚ୍ ଶେଷ ବେଳକୁ ୩ରୁ ୪ ଓଭର ପଛରେ ଥିଲା। ତେଣୁ ଦଳ ଉପରେ ଫାଇନ ଲାଗିବା ସୁନିଶ୍ଚିତ ଥିଲା। ଏହି ସମୟରେ ମୁଁ ଗୋଟିଏ ଫୋନ କଲ ପାଇଥିଲି। ଫୋନରେ ମୋତେ ଅନୁକମ୍ପା ପ୍ରଦର୍ଶନ କରିବାକୁ କୁହାଯାଇଥିଲା। କିଛି ବାଟ ବାହାର କର। କାରଣ ଘଟଣା ଭାରତ ସହ ଜଡିତ ବୋଲି ମୋତେ କୁହାଯାଇଥିଲା। ତେଣୁ ଆମେ ବାଧ ହୋଇ କିଛି ସମୟ ବାହାର କରିଥିଲୁ। ସମୟକୁ ଧାର୍ଯ୍ୟ ସମୟ ସୀମାକୁ ଖସାଇଥିଲୁ।

ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ସମାନ ଘଟଣା ଘଟିଥିଲା। ସେ(ସୌରଭ ଗାଙ୍ଗୁଲି) କାହା କଥା ବି ଶୁଣିବାକୁ ରାଜି ନଥିଲେ। ତେଣୁ ମୁଁ ଫୋନ କରିଥିଲି। ମୁଁ କହିଥିଲି "ଏବେ ଆପଣ ମୁଁ କ'ଣ କରେ ବୋଲି ଚାହୁଁଛନ୍ତି?" ମୋତେ ନିର୍ଦ୍ଦେଶ ପାଳନ କରିବାକୁ କୁହାଯାଇଥିଲା। ତେଣୁ ଆରମ୍ଭରୁ ହିଁ ସବୁଥିରେ ରାଜନୀତି ହେଉଥିଲା। ଏବେ ଅଧିକାଂଶ ଲୋକ ରାଜନୀତିକ ଦୃଷ୍ଟିରୁ ଅଧିକ ଚତୁର ହୋଇ ଯାଇଛନ୍ତି କିମ୍ବା ନିଜର କଥାକୁ ଲୁଚାଇ ରଖିଛନ୍ତି। ସେକଥା ମୁଁ ଜାଣିନି।"

ବ୍ରଡ ତାଙ୍କ କ୍ୟାରିୟରରେ ୧୨୩ଟି ଟେଷ୍ଟରେ ରେଫରୀ ଭାବେ କାମ କରିଛନ୍ତି। ଶେଷଥର ପାଇଁ ସେ ୨୦୨୪ ଫେବୃଆରୀ ମାସରେ ମ୍ୟାଚ୍ ରେଫରୀ ଭୂମିକାରେ କାମ କରିଥିଲେ।

ବ୍ରଡ କହିଛନ୍ତି, "ମୁଁ ଭାବୁଛି ଆମକୁ ଭିନ୍ସ ଭାନ ଡେର ବିଜଲ(ଆଇସିସି ଅମ୍ପାୟାର୍ସ ମ୍ୟାନେଜର) ସମର୍ଥନ କରୁଥିଲେ। ସେ ପଦବୀରେ ଥିବା ବେଳେ ସବୁ ପ୍ରକାରର ସମର୍ଥନ ମିଳୁଥିଲା। କାରଣ ସେ କ୍ରିକେଟିଂ ବ୍ୟାକଗ୍ରାଉଣ୍ଡରୁ ଆସିଛନ୍ତି। କିନ୍ତୁ ସେ ଯିବା ପରେ ମ୍ୟାନେଜମେଣ୍ଟ ଅତ୍ୟନ୍ତ ଦୁର୍ବଳ ହୋଇଯାଇଛି। ଭାରତ ପାଖରେ ଟଙ୍କା ଥିବାରୁ ସେମାନେ ଆଇସିସିକୁ ବିଭିନ୍ନ ଉପାୟରେ ଦଖଲ କରିନେଇଛନ୍ତି।"

ଆଶେସ ସମୟରେ ଡାଭିଡ ୱାର୍ଣ୍ଣରଙ୍କ ଗୋଟିଏ ମେମକୁ ଶେୟାର କରିଥିବାରୁ ୨୦୨୩ରେ ଆଇସିସି ପକ୍ଷରୁ ବ୍ରଡଙ୍କୁ ତୀବ୍ର ସମାଲୋଚନା କରାଯାଇଥିଲା। ଏହାପରେ ତାଙ୍କ କାର୍ଯ୍ୟକାଳକୁ ଆଉ ବୃଦ୍ଧି କରାଯାଇ ନଥିଲା। ୨୦୨୪ ପରେ ବି ବ୍ରଡ କାମ କରିବାକୁ ଚାହୁଁଥିଲେ। କିନ୍ତୁ ଆଇସିସି ତାଙ୍କୁ ପ୍ୟାନେଲରୁ ହଟାଇ ଦେଇଥିଲା।

# ଦାଉ ସାଜିବ ମୋନ୍ଥା: ଚିନ୍ତାରେ ଋଷୀ

**ମାର୍ଶାଘାଇ,୨୮।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ କେନ୍ଦ୍ରାପଡା ଜିଲ୍ଲାର ଏକ କୃଷି ପ୍ରବଣ ଅଞ୍ଚଳ। କଳ କାରଖାନା ବିହିନ ଏହି ବ୍ଲକରେ ଋଷକରି ଲୋକମାନେ ପରିବାର ପ୍ରତିପୋଷଣ କରିଥାନ୍ତି। ବ୍ଲକରେ ବିଭିନ୍ନ ଅର୍ଥକାରୀ ଫସଲ ଧିରେ ଧିରେ ବିଲୁପ୍ତ ହେବାକୁ ବସିଥିବା ବେଳେ ମୁଖ୍ୟତଃ ୮୫୦୦ହେକ୍ଟର ଋଷ ଜମିରେ ଧାନ ଋଷ କରି ଲୋକମାନେ ଜୀବିକା ନିର୍ବାହ କରିଥାନ୍ତି। ବିଭିନ୍ନ ସମୟରେ ବନ୍ୟା, ବାତ୍ୟା, ନିଅଣ୍ଟିଆ ବର୍ଷା, ଭାରିବର୍ଷା ଭଳି ଦୈବୀଦୃବିପାକକୁ ନେଇ ସମସ୍ୟା ଯେମିତି ଋଷୀଙ୍କ ପିଛା ଛାଡିବାକୁ ନାରାଜ ଥିବା ବେଳେ ବାତ୍ୟା ମୋନ୍ଥା ଋଷିଙ୍କ ଚିନ୍ତା ବଢାଇଛି। ମୋନ୍ଥା ପ୍ରଭାବରେ ବର୍ଷା ଅରମ୍ଭ ହୋଇଥିବା ବେଳେ ସାମାନ୍ୟ ପବନ ଆରମ୍ଭ ହୋଇଛି। ବାତ୍ୟା ବନ୍ୟା ମରୁଡି ଦାଉରୁ ବାହାରି କ୍ଷତକୁ ସବୁଜ ସୁନ୍ଦର କରିବା ପାଇଁ ଋଷୀ ଯେତେ ବେଳେ ଅଣ୍ଟା ସଳଖେ ଠିକ ସେତିକି ବେଳେ ଦାଉ ସାଜେ ଭାଗ୍ୟ। କାରଣ ଉପକୂଳବର୍ତ୍ତୀ ଋଷୀଙ୍କ ସମସ୍ୟା ପିଛା ଛାଡିବାକୁ ନାରାଜ। ଚଳିତ ବର୍ଷ ପାଗ ଅନୁକୂଳ ଥିଲା, ବର୍ଷା ବି ଠିକ ଠାକ ହୋଇଥିଲା। ଋଷୀ ମନରେ ଉର୍ସାହ ବି ଥିଲା। ଧାନ ଗଛ ବି ବିଲରେ କଳା ମୁଚୁମୁଚୁ ହୋଇ ଫୁଲ ଉଡାଉଥିଲା। ଧାନ ବିଲରେ ଧାନଗଛର ଫୁଲ ଦେଖି ଅମଳ ବେଳକୁ ଅନାଇ ବସିଥିଲା ଋଷି। ମୋନ୍ଥାକୁ ନେଇ ଋଷି ମନରେ ଛନକା ପସିଛି। ଧାର କରଜକରି ଧାନ ଋଷ କରିଥିବା ଋଷି ଋଷ ଉଜୁଡି ଯିବା ନେଇ ଚିନ୍ତାରେ ପଡିଛି। ତେବେ ବାତ୍ୟା ପ୍ରଭାବକୁ ନେଇ ମାର୍ଶାଘାଇ ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ ଘୋଷଙ୍କ କହିବା କଥା ପବନ ହେଲେ ଧାନ ଗଛରୁ ବାହାରି ଥିବା ଫୁଲ ନଷ୍ଟ ହେବ ବର୍ଷା ଯୋଗୁ ଫସଲ ନଷ୍ଟ ହେବାର ସମ୍ଭାବନା କମ ରହିଥିବା କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ମନ୍ଥା ପ୍ରଭାବରେ...

ଚିହ୍ନଟ କରାଯାଇଛି। ୯୭୦ ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତରିତ କରାଯାଇଛି। ୩ଟି ଓଡ୍ରାଫ ଟିମକୁ ନିୟୋଜିତ କରାଯାଇଛି।

ଅନ୍ୟପଟେ ମହାରାଷ୍ଟ୍ର ନାଗପୁର ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ଖଲିକୋଟ ନିକଟରେ ସ୍ଥାନୀୟ ପ୍ରଶାସନ ଅଟକାଇ ବାତ୍ୟା ଆଶ୍ରୟସ୍ଥଳୀରେ ରହିବାର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଜଳ ଭଣ୍ଡାରର ସ୍ଥିତିକୁ ଦେଖି ଘୋଡ଼ାହାଡ଼, ବାଘଲଟି, ଡହ ଡ୍ୟାମର ଗେଟ ଖୋଲାଯାଇ ପାଣି ଛଡ଼ାଯାଇଛି। ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ସମସ୍ତ କର୍ମଚାରୀଙ୍କୁ ଆଲର୍ଟ ରହିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଥିବା ବେଳେ କେତେକ କର୍ମଚାରୀ କାର୍ଯ୍ୟରେ ଅବହେଳା କରିଥିବା ନଜରକୁ ଆସିଛି। ଏନେଇ ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ୨୮ ତାରିଖରେ ବ୍ଲକ ନିୟନ୍ତ୍ରଣ କକ୍ଷରେ ଅନୁପସ୍ଥିତ ଥିବା ଯୋଗୁ ଆସିକା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ ବେହେରାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ଜିଲ୍ଲା ପ୍ରଶାସନ। ସେହିପରି ଶେରଗଡ଼ ବ୍ଲକର ଏସଆରଏ ସଦାନନ୍ଦ ନେହେରା କାର୍ଯ୍ୟରେ ଅବହେଳା କରିଥିବା ଯୋଗୁ ଚାକିରିରୁ ନିଲମ୍ବିତ କରିଛନ୍ତି ଗଞ୍ଜାମ ଜିଲ୍ଲାପାଳ।

ପାତ୍ରପୁର ବ୍ଲକର ଆଙ୍କୁଲି ପଞ୍ଚାୟତ ପାହାଡ଼ିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି। ସେହଭଳି ୩ ଗାଁ ଲୁହାସିଙ୍ଗି, ଏଲୋଗୋଲ, ସିରିସିଗଣ୍ଡର ମଧ୍ୟ ପ୍ରାୟ ୧୨୪ ଜଣଙ୍କୁ ତାଡକାସାହି ସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ରଖାଯାଇଛି । ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ପହଁଞ୍ଚି ଲୋକଙ୍କୁ ସାକ୍ଷତ କରି ସମସ୍ତ ପ୍ରକାର ବ୍ୟବସ୍ଥା ବିଷୟରେ ପଚାରି ବୁଝିଛନ୍ତି। ସେହିଭଳି ଗଜପତି ଜିଲ୍ଲାରେ ଗତ ୨୪ ଘଣ୍ଟାରେ ଗୋଶାଣି ବ୍ଲକରେ ସର୍ବାଧିକ ୧୧୫ ମିମି ବର୍ଷା ହୋଇଥିବାବେଳେ ଜିଲ୍ଲାରେ ସର୍ବ ମୋଟ ୫୯୦ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ପାହାଡ଼ିଆ ଦୁର୍ଗମ ଅଞ୍ଚଳରୁ ଲୋକଙ୍କୁ ପକ୍କା ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି।

### ୫ ଜିଲ୍ଲାରେ...

ଗଜପତି କନ୍ଧମାଳ ଓ ବଲାଙ୍ଗୀର ୪ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଅରେଞ୍ଜ ସହ ୨୧ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୟେଲୋ ସତର୍କ ଜାରି କରିଛି ବିଭାଗ। ୩୦ ତାରିଖରେ ଉତ୍ତର ଓଡ଼ିଶାର ୫ ଜିଲ୍ଲା ଯେପରିକି ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ କେନ୍ଦୁଝରର ଓ ମୟୁରଭଞ୍ଜରେ ପ୍ରବଳ ବର୍ଷା ଜାରି ରହିବା ସହ ୧ ତାରିଖ ଯାଏ ବର୍ଷା ଜାରି ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

ପବନର ବେଗ ଯୋଗୁ ୩୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବାକୁ ମନା କରାଯାଇଛି। ବନ୍ଦରଗୁଡିକ ପାଇଁ ରହିଛି ୨ ନମ୍ବର ବିପଦ ସଂକେତ ରହିଥିବା ବିବେଳେ ଗୋପାଳପୁରରେ ୧ ନମ୍ବର ବିପଦ ସଂକେତ ଜାରି ହୋଇଛି। ବିଶେଷ ଭାବେ ମାଲକାନଗିରି, ଗଜପତି ଗଂଜାମ, କୋରାପୁଟ କଳାହାଣ୍ଡି ଓ ନବରଙ୍ଗପୁର ଏହି ୬ ଜିଲ୍ଲା ବାତ୍ୟାର ପ୍ରଭାବ ଅଧିକ ହେବାକୁ ଥିବା ବେଳେ ଭୁସ୍ଖଳନ ସହ କଚ୍ଚା ଘର ଭାଙ୍ଗିବା, ଗଛ ପଡିବା ଓ କୁତ୍ରିମ ବନ୍ୟା ସ୍ଥିତି ଭୟ ରହିଥିବାରୁ ତଳୁଆ ଅଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

### ଅଷ୍ଟମ ବେତନ...

ପୁଲକ ଘୋଷ ଓ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ସଚିବ ପଙ୍କଜ ଜୈନ ଏହାର ସଦସ୍ୟ ହେବେ।

ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନର ସୁପାରିଶଗୁଡ଼ିକ ୧ ଜାନୁଆରୀ, ୨୦୨୬ ରୁ କାର୍ଯ୍ୟକାରୀ ହେବ। ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନ ଏକ ଅସ୍ଥାୟୀ ସଂସ୍ଥା ହେବ। ଏହି କମିଶନରେ ଜଣେ ଅଧକ୍ଷ, ଜଣେ ସଦସ୍ୟ ଏବଂ ଜଣେ ସଦସ୍ୟ-ସଚିବ ରହିବେ। ଗଠନ ତାରିଖରୁ ୧୮ ମାସ ମଧ୍ୟରେ କମିଶନ ଏହାର ସୁପାରିଶ ଦାଖଲ କରିବେ।

ସୂଚନାଯୋଗ୍ୟ, କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଦରମା ଗଠନ, ଅବସର ଲାଭ ଏବଂ ଅନ୍ୟାନ୍ୟ ସେବା ସର୍ତ୍ତାବଳୀ ସହିତ ଜଡିତ ବିଭିନ୍ନ ପ୍ରସଙ୍ଗ ସମୀକ୍ଷା କରିବା ଏବଂ ଆବଶ୍ୟକୀୟ ପରିବର୍ତ୍ତନ ସୁପାରିଶ କରିବା ପାଇଁ ସମୟ ସମୟରେ କେନ୍ଦ୍ରୀୟ ବେତନ କମିଶନ ଗଠନ କରାଯାଏ। ସାଧାରଣତଃ, ପ୍ରତି ଦଶ ବର୍ଷରେ ଥରେ ବେତନ କମିଶନଙ୍କ ସୁପାରିଶ କାର୍ଯ୍ୟକାରୀ ହୁଏ। ଏହାକୁ ଦୃଷ୍ଟିରେ ରଖି, ୮ମ କେନ୍ଦ୍ରୀୟ ବେତନ କମିଶନଙ୍କ ସୁପାରିଶ ୧ ଜାନୁଆରୀ, ୨୦୨୬ ରୁ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି। କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଦରମା ଏବଂ ଅନ୍ୟାନ୍ୟ ସୁବିଧାରେ ଆବଶ୍ୟକୀୟ ପରିବର୍ତ୍ତନ ସମୀକ୍ଷା ଏବଂ ସୁପାରିଶ କରିବା ପାଇଁ ସରକାର ଜାନୁଆରୀ ୨୦୨୫ ରେ ୮ମ କେନ୍ଦ୍ରୀୟ ବେତନ କମିଶନ ଗଠନ ଘୋଷଣା କରିଥିଲେ।

### ନଦୀରେ କ୍ୱିଣ୍ଟାଲ...

କ୍ରେତା ନାହାଁନ୍ତି। ପରିସ୍ଥିତି ଏପରି ହୋଇଛି ଯେ ସେ ଖର୍ଚ୍ଚର ଅଧା ମଧ୍ୟ ପାଉନାହାଁନ୍ତି। ଏହା ବ୍ୟତୀତ, ପିଆଜ ପଚିବା ଆରମ୍ଭ କରିଛି, ଯାହା ଫଳରେ ସେଗୁଡ଼ିକୁ ଅଧିକ ସମୟ ପାଇଁ ସଂରକ୍ଷଣ କରିବା ଅସମ୍ଭବ ହୋଇପଡ଼ିଛି। ଏହାପରେ ସେ ବାଧ ହୋଇ ଫସଲକୁ ନଦୀରେ ଫିଙ୍ଗିଦେଇଥିଲେ। ଚାଷୀ କହିଥିଲେ, ଗୋଟିଏ ବିଘା ଚାଷର ଖର୍ଚ୍ଚ ପ୍ରାୟ ପଚାଶ ହଜାର ଟଙ୍କା, କିନ୍ତୁ ବଜାର ମୂଲ୍ୟ ଖର୍ଚ୍ଚ ପୂରଣ କରିବା ପାଇଁ ଯଥେଷ୍ଟ ନୁହେଁ। ଏପରି ପରିସ୍ଥିତିରେ ସେ ପିଆଜକୁ କ୍ଷେତରେ ପଚିବାକୁ ଦେବା ଅପେକ୍ଷା ନଦୀରେ ଫିଙ୍ଗି ଦେବା ଭଲ ବୋଲି ଭାବିଲି।

### ଆମେ ଯଦି ଡାକ୍ତରଙ୍କ...

କିଛି ସୂଚନା ଦିଅନ୍ତୁ। ଆମେ ନୀତି ସ୍ଥିର କରିବୁ ଏବଂ ଏହା ଆଧାରରେ, ବୀମା କମ୍ପାନୀ ଠାରୁ ଦାବି କରାଯାଇ ପାରିବ। ବୀମା କମ୍ପାନୀକୁ ଆମର ନିଷ୍ପତ୍ତି ଆଧାରରେ ବିଚାର କରି ନିର୍ଦ୍ଦେଶ ପାରିତ କରିବାକୁ ହେବ। ଶୀର୍ଷ କୋର୍ଟ ୯ମାର୍ଚ୍ଚ, ୨୦୨୧ରେ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ପ୍ରଦୀପ ଆରୋରା ଏବଂ ଅନ୍ୟମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ଆବେଦନର ଶୁଣାଣି କରୁଥିଲେ।

ବମ୍ବେ ହାଇକୋର୍ଟ ନିଜର ନିଷ୍ପତ୍ତିରେ କହିଥିଲେ ଯେ ଘରୋଇ ହସ୍ପିଟାଲର କର୍ମଚାରୀ ବୀମା ଯୋଜନା ଅନୁସାରେ ଲାଭ ପ୍ରାପ୍ତ କରିବାକୁ ହକଦାର ନୁହଁନ୍ତି, ଯେପର୍ଯ୍ୟନ୍ତ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଦ୍ୱାରା ତାଙ୍କର ସେବାଗୁଡ଼ିକର ଦାବି କରା ନଯାଇଛି। କିରଣ ଭାସ୍କର ସୁରଗଡେ ନାମକ ମହିଳା ସୁପ୍ରିମକୋର୍ଟରେ ଏକ ପିଟିସନ ଦାଏର କରିଥିଲେ, ଯାହାଙ୍କ ସ୍ୱାମୀ ଠାଣେରେ ଏକ ଘରୋଇ କ୍ଲିନିକ୍ ଚଳାଉ ଥିଲେ। ତାଙ୍କର ୨୦୨୦ରେ କରୋନା ଭାଇରସରେ ମୃତ୍ୟୁ ହୋଇଥିଲା। ବୀମା କମ୍ପାନୀ ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ପ୍ୟାକେଜ୍ ଅନୁସାରେ କିରଣଙ୍କ ଦାବିକୁ ଏହି ଆଧାରରେ ଖାରଜ କରିଦେଇ ଥିଲେ ଯେ, ତାଙ୍କ ସ୍ୱାମୀଙ୍କ କ୍ଲିନିକ୍‌କୁ କୋଭିଡ-୧୯ ହସ୍ପିଟାଲ ଭାବେ ମାନ୍ୟତା ଦିଆଯାଇ ନଥିଲା।

### ଦ୍ୱିତୀୟ ସ୍ତ୍ରୀଙ୍କ...

ସମ୍ପର୍କ ନଥିଲା। ପରିବାର ଅଦାଲତ ୨୯ ଅକ୍ଟୋବର, ୨୦୨୧ରେ ମାମଲାଟିର ଫଇସଲା ଦେଇ ପ୍ରତିପକ୍ଷ ଅନୁସୟା (ପ୍ରଥମ ପତ୍ନୀ)ଙ୍କୁ ସ୍ୱର୍ଗତ କୈଳାସ ଚନ୍ଦ୍ର ମହାନ୍ତି (ସ୍ୱାମୀ)ଙ୍କ ଆଇନଗତ ଭାବରେ ବିବାହିତ ପତ୍ନୀ ଏବଂ ଆଇନଗତ ଉତ୍ତରାଧିକାରୀ ଭାବରେ ଘୋଷଣା କରିଥିଲେ, ଯାହା ତାଙ୍କୁ ତାଙ୍କର ପୈତୃକ ଏବଂ ସ୍ୱ-ଅର୍ଜିତ ସମ୍ପତ୍ତିର ଉତ୍ତରାଧିକାରୀ ହେବାର ଅଧିକାର ଦେଇଥିଲା।

ଏହି ରାୟରେ କ୍ଷୁବ୍ଧ ହୋଇ, ଆପିଲକାରୀ ସନ୍ଧ୍ୟା (ଦ୍ୱିତୀୟ ପତ୍ନୀ) ୨୦୨୧ ମସିହାର ମାଟା ନଂ ୯୬ ଦାଖଲ କରିଥିଲେ, ଏବଂ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି କହିଥିଲେ ଯେ, ତାଙ୍କୁ ତାଙ୍କ ପକ୍ଷ ଉପସ୍ଥାପନ କରିବା ପାଇଁ ଉପଯୁକ୍ତ ସୁଯୋଗ ଦିଆଯାଇ ନଥିଲା। ସେ ଯୁକ୍ତି ଦର୍ଶାଇଥିଲେ, ତାଙ୍କ ଓକିଲଙ୍କ କାର୍ଯ୍ୟକାଳ ସମୟରେ ମୃତ୍ୟୁ ହୋଇଥିଲା ଏବଂ କୋଭିଡ୍-୧୯ ମହାମାରୀ ଯୋଗୁ ସୃଷ୍ଟି ହୋଇଥିବା ବାଧା ଯୋଗୁ ସେ ଘଟଣା ସମ୍ପର୍କରେ ଅଜ୍ଞ ଥିଲେ, ଯାହା ଫଳରେ ତାଙ୍କ ଅନୁପସ୍ଥିତିରେ ମାମଲା ଫଇସଲା କରାଯାଇଥିଲା।

ଓଡ଼ିଶା ହାଇକୋର୍ଟ ୧୩ ଜୁଲାଇ, ୨୦୨୩ ତାରିଖର ତାଙ୍କ ଆଦେଶରେ କହିଥିଲେ ଯେ, ସନ୍ଧ୍ୟା (ଦ୍ୱିତୀୟ ପତ୍ନୀ) ଉପସ୍ଥିତ ନ ରହିବାର ଏକ କାରଣ ଥିଲା ଏବଂ ପରିବାର କୋର୍ଟର ରାୟ ତାଙ୍କୁ ତାଙ୍କ ପକ୍ଷ ରଖିବାର ଉପଯୁକ୍ତ ସୁଯୋଗ ଦେଇ ନଥିଲା। ଏହା ସହିତ, ଓଡ଼ିଶା ହାଇକୋର୍ଟ ବିବାଦୀୟ ସମ୍ପତ୍ତି ସମ୍ପର୍କରେ ଏକ ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା ଜାରି କରିଥିଲେ। ଉଭୟ ପକ୍ଷଙ୍କ ବୟସ ୮୦ ବର୍ଷ ପାଖାପାଖି ଏବଂ ଆବେଦନକାରୀ ସନ୍ଧ୍ୟା (ଦ୍ୱିତୀୟ ପତ୍ନୀ) ପ୍ରାୟ ୭୦ ବର୍ଷ ପାଖାପାଖି ହେବା ସହିତ, ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ, ମାମଲାର ଚୂଡ଼ାନ୍ତ ଫଳାଫଳ ନ ଆସିବା ପର୍ଯ୍ୟନ୍ତ, ସମ୍ପତ୍ତିରୁ ଉପଭୋଗକୁ ୬୦:୪୦ ଅନୁପାତରେ ବଣ୍ଟନ କରାଯିବ, ଯେଉଁଥିରେ ପ୍ରତିପକ୍ଷ ଅନୁସୟା ମହାନ୍ତିଙ୍କ ସପକ୍ଷରେ ୬୦% ଏବଂ ଆବେଦନକାରୀ ସନ୍ଧ୍ୟାରାଣୀ ସାହୁଙ୍କ ସପକ୍ଷରେ ୪୦% ରହିବ।

### ଛଠ୍ ପାଳିଲେ...

ଏକତାର ଉଦାହରଣ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ସ୍ତ୍ରୀ ଡଃ ପ୍ରିୟଙ୍କା ମାର୍ଣ୍ଡି ମଧ୍ୟ ଯୋଗ ଦେଇ ସମସ୍ତ ପୂଜାର ବିଧି ପାଳନ କରି ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ପ୍ରଦାନ କରି ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଥିଲେ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଛଠ ପର୍ବ ଆମକୁ ଶିଖାଏ ଯେ, ଜୀବନର ସତ୍ୟ ଆଧାର ହେଉଛି ପ୍ରକୃତି, ଜଳ, ବାୟୁ ଓ ସୂର୍ଯ୍ୟର ଶକ୍ତି। ଏହି ପର୍ବ ମାଧ୍ୟମରେ ଆମେ ପ୍ରକୃତି ଓ ପରିବେଶ ପ୍ରତି ଆପଣଙ୍କ ଋଣ ସ୍ୱୀକାର ବ୍ୟକ୍ତ କରୁଛୁ। ଏଣୁ ଆମେ ପ୍ରକୃତି ସହିତ ପ୍ରେରଣା ପାଉ।

ସେହିପରି ରାଉରକେଲା ସହରର ବିଭିନ୍ନ ନଦୀ କୂଳ ଓ ପୋଖରୀ କୂଳରେ ଭକ୍ତମାନେ ଆଜି ସକାଳେ ଶ୍ରଦ୍ଧା ଓ ନିଷ୍ଠାର ସହ ଛଟପୂଜା ପାଳନ କରିଛନ୍ତି। ଭକ୍ତମାନେ ଆଜି ଉଦିତ ସୂର୍ଯ୍ୟ ଦେବତାଙ୍କୁ ପୁଜାର୍ଚ୍ଚନା କରିଛନ୍ତି। ଗତକାଲି ସନ୍ଧ୍ୟାରେ ଭକ୍ତମାନେ ବିଭିନ୍ନ ଫଳମୂଳ ଆଣି ଅସ୍ତ ଗାମୀ ସୁର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଅର୍ପଣ କରି ବିଦାୟ ଜଣାଇଥିଲେ । ଏଥିପାଇଁ କୋଏଲ ନଦୀ ଓ ବ୍ରାହ୍ମଣୀ ନଦୀ କୁଳ ସହ ଶଙ୍ଖ ନଦୀ କୂଳ ଓ ପୋଖରୀ କୂଳରେ ଜମିଥିଲା ଭିଡ଼। ଗତ ୪ଦିନ ଧରି ଏହି ବ୍ରତ ଆରମ୍ଭ ହୋଇଥିବା ଏହି ପୂଜାର ଶେଷ ଦିନରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଛନ୍ତି ଶ୍ରଦ୍ଧାଳୁ।

### ନାବାଳିକା ଦୁଷ୍କର୍ମକାରୀକୁ...

କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ମାମଲାର ବିଚାର ଚାଲିଥିବା ବେଳେ କନ୍ୟା ସନ୍ତାନର ଡିଏନଏ ସହ ଅଭିଯୁକ୍ତର ଡିଏନଏ ପରୀକ୍ଷା କରାଯାଇଥିଲା। ଡିଏନଏ ପରୀକ୍ଷାରୁ ସ୍ପଷ୍ଟ ପ୍ରମାଣ ମିଳିଥିଲା ଯେ ଅଭିଯୁକ୍ତର ଔରସରୁ ସେହି କନ୍ୟା ସନ୍ତାନଟି ଜନ୍ମ ହୋଇଛି। କୋର୍ଟରେ ୧୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଆଡହକ ଫାଷ୍ଟଟ୍ରାକ ଅତିରିକ୍ତ ସେସନସ କୋର୍ଟର ବିଚାରପତି ତ୍ରୀବିକ୍ରମକେଶରୀ ଚିନ୍ନାରା ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଏହାସହ ପୀଡିତା ଛାତ୍ରୀଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମନୋଜ ସାହୁ ମାମଲା ପରିଚାଳନା କରୁଥିଲେ।

### ସମବାୟ ସମିତି...

କରିବା ପାଇଁ ବିଭିନ୍ନ ସମିତିରେ କାର୍ଯ୍ୟରତ ଥିବା ସମ୍ପାଦକ ଓ ସହ ସମ୍ପାଦକଙ୍କ ମଧ୍ୟରୁ ୩୦ ପ୍ରତିଶତ ବ୍ୟକ୍ତିଙ୍କୁ ପଦୋନ୍ନତି ପାଇଁ ଗତ ୨୦୨୩ ମସିହାରୁ ପ୍ରକ୍ରୀୟା ଆରମ୍ଭ ହୋଇଥିଲା। ତେବେ କେନ୍ଦ୍ରାପଡା ଜିଲ୍ଲାର ସହକାରୀ ନିବନ୍ଧକ ପ୍ରଥମେ ପଠାଇଥିବା ପ୍ରୋଭିଜନାଲ ତାଲିକାରେ ରହିଥିବା କର୍ମଚାରୀଙ୍କ ସମ୍ପର୍କରେ ହୋଇଥିବା ଶୁଣାଣି ମଧ୍ୟ ଶେଷ ହୋଇଛି। ତାଲିକା ପ୍ରସ୍ତୁତ କରିବାର ଅଧିକାର କେବଳ ବିଭାଗୀୟ ଜିଲ୍ଲା କର୍ତ୍ତୃପକ୍ଷଙ୍କର ରହିଥିବାରୁ ସେ ପଠାଇଥିବା ପଦୋନ୍ନତି ଚୁଡାନ୍ତ ତାଲିକା ଗତ ମଙ୍ଗଳବାର ପ୍ରକାଶ କରାଯାଇଛି।

# ୭୭୦ କେଜି ଗଞ୍ଜେଇ ଜବତ: ୩ ଗିରଫ



**ମାଲକାନଗିରି,୨୮।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା ବାଲିମେଳା (ଓର୍କେଲ) ପୋଲିସ୍‌କୁ ମିଳିଛି ବଡ ସଫଳତା। କଣ୍ଟେନର ଭିତରେ ସିକ୍ରେଟ କୋଠରୀ କରି ୭୭୦ କିଲୋ ଗଞ୍ଜେଇ ଚାଲାଣ କରୁଥିବା ୩ ଜଣଙ୍କୁ ଗିରଫ କରିଛି ଓର୍କେଲ୍ ପୋଲିସ୍।

ପୋଲିସ ସୂତ୍ର ପ୍ରକାଶ ସୋମବାର ଅପରାହ୍ନ ସମୟରେ ଚିତ୍ରକୁଣ୍ଡା ଏସଡିପିଓ ପ୍ରଦୋଷ ପ୍ରଧାନ ସୋଲକୁଣ୍ଡା ବ୍ୟାରେଜ ଆଡ଼କୁ ଏକ ଗଞ୍ଜେଇ ଗାଡ଼ି ଆସୁଥିବା ସୂଚନା ପାଇଥିଲେ। ତାଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏଏସଆଇ ମିଳନ ବାରିଆ ଓ ଅନ୍ୟ ଅଧିକାରୀମାନେ ଟିମ୍ ସୋଲକୁଣ୍ଡା ବ୍ୟାରେଜ ନିକଟରେ ସମସ୍ତ ଗାଡ଼ି ଯାଞ୍ଚ ଆରମ୍ଭ କରିଥିଲେ।

ଯାଞ୍ଚ ସମୟରେ ଏକ ବଡ଼ କଣ୍ଟେନର ଗାଡ଼ି ଆସୁଥିବା ଦେଖି ଅଟକାଇ କଣ୍ଟେନରରେ କଣ ଅଛି ଡ୍ରାଇଭରକୁ ପଚାରି ଥିଲେ। ଡ୍ରାଇଭର କହିଲା କିଛି ବସ୍ତା ଅଛି କହିଲା। ପରେ ପୋଲିସ କର୍ମଚାରୀ ଗାଡ଼ି ଭିତରେ ଯାଞ୍ଚ ପରେ ଗଞ୍ଜେଇ ଥିବା ୧୭ ବସ୍ତା ଗଞ୍ଜେଇ ଦେଖିବାକୁ ପାଇଥିଲେ। ୭୭୦ କିଲୋ ଗଞ୍ଜେଇ ସହ ଗାଡ଼ି ଗାଡ଼ି ଓ ୩ ଜଣ ଉତ୍ତର ପ୍ରଦେଶର ରାଜ ବାହାଦୁର (୫୫), କମେଶ ଚୌହ୍ୱାନ (୪୫), ରିତିକ ଗୁମ୍ଫା (୨୫)କୁ କୋର୍ଟ ଚାଲାଣ କରାଯାଇଛି। ଏ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୮୦ ଲକ୍ଷରୁ ଉର୍ଦ୍ଧ ହେବ ବୋଲି ଚିତ୍ରାକୁଣ୍ଡା ଏସଡିପିଓ ଶ୍ରୀ ପ୍ରଧାନ ଗଣ ମାଧ୍ୟମଙ୍କୁ ସୂଚନା ଦେଇଛନ୍ତି। ଏ ଗଞ୍ଜେଇ ଉତ୍ତର ପ୍ରଦେଶ ନେବାପାଇଁ ଯୋଜନ କରୁଥିବ ପୋଲିସ୍ ସୂତ୍ରରୁ ଜଣାପଡ଼ିଛି।

# ମହିଳା ନିଖୋଜ ନେଇ ଥାନାରେ ମାମଲା

**ରାଜନଗର,୨୮।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଗୁପ୍ତି ପଚାଂୟତ ଓକିଲପାଳ ଗାଁର କୁମ୍ଭ ସାଉଁତି ରାଜନଗର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍‌କ ଝିଅ ଚିନୁ ସାଉଁତି(୨୩) ମହାକାଳପଡା ବ୍ଲକ ବରଜବାହାକୁଦ(ବାଲିଘାଟ) ଗାଁର ଦିଲ୍ଲୀପ ସାମଲଙ୍କୁ ବିବାହ କରିଥିଲା । ଜ୍ୱାଇଁ ଦିଲ୍ଲୀପ ବାହାରକୁ କାମଧନ୍ଦା ପାଇଁ ଚାଲିଗଲେ ଝିଅ ଚିନୁ ତାଙ୍କ ଘରେ ଆସି ରୁହେଁ। ଚଳିତ ମାସ ୨୩ତାରିଖ ଦିନ ଜ୍ୱାଇଁ ଝିଅ ଚିନୁକୁ ବରଜବାହାକୁଦ ଗାଁକୁ ପଠାଇବା ପାଇଁ କହିଥିଲେ । ସେ ତାଙ୍କ ଝିଅକୁ ୨୪ତାରିଖ ଦିନ ପଠାଇବା ସହ ଜ୍ୱାଇଁଙ୍କୁ ଫୋନ କରି ଜଣାଇଥିଲେ । ଜ୍ୱାଇଁ ସନ୍ଧ୍ୟାରେ ଝିଅ ଆମ ଘରକୁ ଆସିନାହିଁ ବୋଲି କହିଥିଲେ । ଏହାପରେ ସେ ବିଭିନ୍ନ ସ୍ଥାନ ସହ ସଂପର୍କୀୟଙ୍କ ଘରେ ଖୋଜାଖୋଜି କରିବା ପରେ କୌଣସି ଖବର ନପାଇ ଥାନାରେ ଅଭିଯୋଗ କରିଛନ୍ତି ।

## ସମୁଦ୍ର ଅଶାନ୍ତ: ଆଶଙ୍କାରେ ସମୁଦ୍ରକୂଳିଆ ଗାଁ

# ଜିଓଟ୍ୟୁବକୁ ସୁରକ୍ଷା ଦେଉଥିବା ପଥରବନ୍ଧ ଧସିଲା

**ରାଜନଗର,୨୮।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକର ପେଣ୍ଠାରେ ସମୁଦ୍ର କୂଳିଆ ୫୬ଟି ଗାଁକୁ ସୁରକ୍ଷା ଦେବା ପାଇଁ ତଟବନ୍ଧ ବିଭାଜନ ସହାୟତାରେ ୩୨ କୋଟି ୯୫ ଲକ୍ଷ୯୨ହଜାର ଟଙ୍କା ବ୍ୟୟରେ ଜିଓଟ୍ୟୁବ ନିର୍ମାଣ କରାଯାଇଥିଲା । ମୁଖ୍ୟତଃ ଏହି ବ୍ଲକର ବ୍ରାହ୍ମଣସାହି, ହାତିନା, ଡେରା, ଗୁପ୍ତି, କୁରୁଂଟି, ମହିଁଷାସୁର ପ୍ରଭୃତି ପଚାଂୟତଗୁଡିକର ଗାଁଗୁଡିକୁ ସୁରକ୍ଷା ଦେବା ପାଇଁ ଜିଓଟ୍ୟୁବ ନିର୍ମାଣ କରାଯାଇଥିଲା । ଜିଓଟ୍ୟୁବକୁ ସୁରକ୍ଷା ଦେଉଥିବା ଗ୍ୟାବିୟନ ବକ୍ସ ଦବି ଯିବାରୁ ତଟବନ୍ଧ ବିଭାଜନ ପକ୍ଷରୁ ସମୁଦ୍ର କୂଳେ କୂଳେ ୪କୋଟି ଟଙ୍କା ବ୍ୟୟ ଅଟକଳରେ ପଥରବନ୍ଧ ନିର୍ମାଣ କରାଯାଇଥିଲା । ବାତ୍ୟା ମନ୍ଥା ପ୍ରଭାବରେ ପେଣ୍ଠ ନିକଟରେ ସମୁଦ୍ର ଅଶାନ୍ତ ରହିବା ସହ ଉଚ୍ଚ ଢେଉ ଦେଖିବାକୁ ମିଳିଛି । ଜିଓଟ୍ୟୁବର ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ଶହେ ମିଟର ପର୍ଯ୍ୟନ୍ତ ପଥରବନ୍ଧ କରାଯାଇଥିଲା । ମଙ୍ଗଳବାର ସକାଳୁ ପେଣ୍ଠ ଗ୍ରାମବାସୀ ଏହି ପଥରବନ୍ଧ ୫ରୁ ୬ଫୁଟ ଦବି ଯାଇଥିବା ଦେଖିବାକୁ ପାଇଥିଲେ । ଯାହାକି ସ୍ଥାନୀୟ ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଥିଲା । ସମୁଦ୍ରର ଉତାଳ ଢେଉରେ ଜିଓଟ୍ୟୁବ୍‌କୁ ଆଛାଦନ କରିଥିବା ଗ୍ୟାବିୟନ ବକ୍ସର ଦଉଡିଗୁଡିକ ଛିଡିଯିବା ସହ ସେଥିରେ ଥିବା ପଥରଗୁଡିକ ବାହାରି ଯାଉଥିଲା । ଏପରିକି ସମୁଦ୍ର ପଟର ପାଇଲିଂ ସ୍ଥାନରେ ଜିଓଟ୍ୟୁବ୍ ଦବି ଯାଉଥିବା ଦେଖିବାକୁ ମିଳିଥିଲା । ସମୁଦ୍ର ପଟରୁ ୮୦ରୁ୧୦୦ମିଟର ଯାଏ ଉଦବେଗଜନକ ପରିସ୍ଥିତି ସୃଷ୍ଟି କରିଥିଲା । ଏନେଇ ଜଳସଂପଦ ବିଭାଗର ନିଷ୍ପତି ଫଳରେ ୪କୋଟି ଟଙ୍କା ବ୍ୟୟରେ (ଜିଓଟ୍ୟୁବର ସମୁଦ୍ର ପାର୍ଶ୍ୱରେ) ବଡବଡ ପଥର(ଆର୍ମରୀ) ପକାଯାଇଥିଲା । ପୁନେର ଗାରଓ୍ୱାର ୱାଲ ଲିମିଟେଡ କମ୍ପାନୀ ଏହି କାର୍ଯ୍ୟ କରିଥିଲା । ଏହି ଯୋଜନା ଆମେରିକା, ହଲାଣ୍ଡ, ଅଷ୍ଟ୍ରେଲିଆ, ନ୍ୟୁଜଲାଣ୍ଡରେ ସଫଳ ହେବା ପରେ ଭାରତରେ କାର୍ଯ୍ୟକାରୀ ହୋଇଥିଲା । ଏହାସତ୍ୱେ ଏବେ ପଥର ଦବିବା ଘଟଣା କେବଳ ପେଣ୍ଠ ଗ୍ରାମବାସୀ ନୁହଁନ୍ତି, ସମୁଦ୍ରକୂଳିଆ ଗାଁ ଲୋକମାନଙ୍କ ମନରେ ଭୟର ବାତାବରଣ ଖେଳି ଯାଇଛି । ଏସଂପର୍କରେ ତଟବନ୍ଧ ବିଭାଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ କୁମାର ସ୍ୱାଇଁଙ୍କୁ ପଚାରିବାରୁ ପେଣ୍ଠ ସମୁଦ୍ର କୂଳରେ ପଙ୍କୁଆ ମାଟି ଥିବାରୁ ସମୁଦ୍ର ଢେଉରେ ଧୋଇ ହୋଇଯାଉଛି । ଯାହାଫଳରେ ପଥର ଭିତରକୁ ଖସି ଯାଉଛି । ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ଟୋ-ୱାଲ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯିବ ବୋଲି କହିଛନ୍ତି ।


Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at **Janachetana Parisad Bhawan, At-Kajala, P.O/Dist -Kendrapara**, Pin-754211, Ph. : 9439698412, 9583706460

Editor : **Ambika Prasad Das** ସମ୍ପାଦକ : **ଅମ୍ବିକା ପ୍ରସାଦ ଦାସ** Chief Editor : **Umapada Bose** ମୁଖ୍ୟ ସମ୍ପାଦକ : **ଉମାପଦ ବୋଷ**